

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୪୪ ● ୩୦ ସେପ୍ଟେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-244 ● 30th September 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

## ମନ୍ କି ବାତ୍‌ରେ ସାନ୍ତାଳୀ ସାହିତ୍ୟ ବିଷୟରେ କହିଲେ ମୋଦି

ନୂଆଦିଲ୍ଲୀ, ୨୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୧୪ତମ ସଂସ୍କରଣରେ ଭାବପ୍ରବଣ ହୋଇପଡ଼ି କହିଛନ୍ତି ମନ କି ବାତର ଏହି ଯାତ୍ରା ୧୦ ବର୍ଷ ପୂରଣ କରିଛି । ମନ୍ କି ବାତ୍‌ର ଯାତ୍ରା ଅବିସ୍ମରଣୀୟ। ଏହାକୁ କେବେ ଭୁଲି ହେବ ନାହିଁ ।

ଏହି ଧାରାବାହିକର ୧୦ ବର୍ଷ ପୂରଣ ହେବା ନେଇ ଦେଶର ଜନସାଧାରଣ ତଥା ଗଣମାଧ୍ୟମକୁ ମୁଁ ଧନ୍ୟବାଦ ଜଣାଉଛି।

ପ୍ରଧାନମନ୍ତ୍ରୀ ଓଡ଼ିଶାର ସାନ୍ତାଳୀ ଭାଷା ଉପରେ କରାଯାଇଥିବା ନବସୃଜନ ନେଇ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଡିଜିଟାଲ ନବସୃଜନ ମାଧ୍ୟମରେ ସାନ୍ତାଳୀ ଭାଷାକୁ ଏକ ନୂତନ ପରିଚୟ ଦେବାକୁ ଚେଷ୍ଟା କରାଯାଇଛି। ଭାରତ ବ୍ୟତିତ ଏହି ଭାଷାଭାଷୀର ଲୋକେ ନେପାଳ, ଭୁଟାନ ଏବଂ ବାଂଲାଦେଶରେ ଅଛନ୍ତି।

ଓଡ଼ିଶାର ମୟୂରଭଞ୍ଜର ରାମଜିତ ଟୁଡୁ ଏକ ପ୍ଲାଟଫର୍ମ ସୃଷ୍ଟି କରିଛନ୍ତି ଯେଉଁଠାରେ ସାନ୍ତାଳୀ ଭାଷାର ସାହିତ୍ୟ ପଢିହେବ। ଯେତେବେଳେ ସେ ମୋବାଇଲ ବ୍ୟବହାର କରିବା ଆରମ୍ଭ କଲେ, ସେତେବେଳେ ସେ ଦୁଃଖିତ ହୋଇଥିଲେ ଯେ ସାନ୍ତାଳୀ ଭାଷା ବିଷୟରେ ଏଥିରେ କିଛି ନ ଥିଲା। ଏହାପରେ ସେ ନିଜ ପ୍ରୟାସରେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ।



ସୂଚନାଯୋଗ୍ୟ, ଗତ ଏକ ଦଶନ୍ଧି ଧରି ମୟୂରଭଞ୍ଜର ରାମଜିତ ଟୁଡୁ ସାନ୍ତାଳୀ ଭାଷା ପାଇଁ ଏକ ଡିଜିଟାଲ ପରିଚୟ ସୃଷ୍ଟି କରିଆସୁଛନ୍ତି । ସେ କେବଳ ଏହାକୁ ଡିଜିଟାଇଜେସନ କରିନାହାନ୍ତି ବରଂ ସାନ୍ତାଳୀ ୱିକିପିଡ଼ିଆ ଗଠନ ବ୍ୟତୀତ ଭାଷାରେ ଲେଖକମାନଙ୍କୁ ଏକ ଡିଜିଟାଲ ପ୍ଲାଟଫର୍ମ ମଧ୍ୟ ପ୍ରଦାନ କରୁଛନ୍ତି ।

ରାମଜିତ ଟୁଡୁ କୁହନ୍ତି ଭାଷା ହେଉଛି ସମାଜର ପରିଚୟ । ମୟୂରଭଞ୍ଜର ଏହି ୨୮ ବର୍ଷୀୟ ଭାଷା କାର୍ଯ୍ୟକର୍ତ୍ତା ତାଙ୍କ ମାତୃଭାଷା ସାନ୍ତାଳୀକୁ ଡିଜିଟାଇଜ କରି ଗତ ଏକ ଦଶନ୍ଧିରୁ ଏହାକୁ ଏକ ଅନଲାଇନ ପରିଚୟ ପ୍ରଦାନ କରିଛନ୍ତି।

ମୟୂରଭଞ୍ଜ ଜିଲ୍ଲାର ଜଶିପୁର ତହସିଲ ଅଧୀନରେ ସହକାରୀ ରାଜସ୍ୱ ଇନ୍ସପେକ୍ଟର ଭାବରେ କାର୍ଯ୍ୟ କରୁଥିବା ରାମଜିତ ମଧ୍ୟ ସାରା ବିଶ୍ୱରେ ସାନ୍ତାଳୀ ସାହିତ୍ୟକୁ ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଛନ୍ତି।

ଏହା ୨୦୧୪ରେ ଆରମ୍ଭ ହୋଇଥିଲା ଯେତେବେଳେ ସେ ତାଙ୍କର ପ୍ରଥମ ଆଣ୍ଡ୍ରଏଡ ଫୋନ ପାଇଲେ। ସେ ଇଣ୍ଟରନେଟ୍‌ରେ ଅନଲାଇନ ଅନ୍ୱେଷଣ କରିବାବେଳେ, ପ୍ରମୁଖ ଭାଷା ସମ୍ପର୍କରେ ସୂଚନା ପାଇଲେ। କିନ୍ତୁ ତାଙ୍କ ମାତୃଭାଷା ସାନ୍ତାଳୀ ବିଷୟରେ ବହୁତ କମ ସୂଚନା ପାଇଥିଲେ। ଏହା ପରେ ସେ ଉଦ୍ୟମ ଆରମ୍ଭ କରିଥିଲେ।

## ଦୁର୍ଗାପୂଜାକୁ ଫିକା କରିପାରେ ବର୍ଷା

### ଆସୁଛି ଆଉ ଏକ ଲଘୁଚାପ !

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ



ଅକ୍ଟୋବର ୬ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ପାଣିପାଗ ବିଭାଗ ପକ୍ଷରୁ ୨୭ ସେପ୍ଟେମ୍ବରରୁ ୧୦ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ପାଣିପାଗକୁ ନେଇ କରାଯାଇଥିବା ବିସ୍ତାରିତ ପରିସର ଆକଳନରେ ଏହି କଥା କୁହାଯାଇଛି।

ପାଣିପାଗ ବିଭାଗର ଏହି ଆକଳନ ଅନୁଯାୟୀ, ପ୍ରଥମ ସପ୍ତାହରେ ଅର୍ଥାତ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହି ସପ୍ତାହରେ ରାଜ୍ୟରେ ମୋଟାମୋଟି ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି।

ସେହିପରି ଅକ୍ଟୋବର ୪ରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଅର୍ଥାତ ଦ୍ୱିତୀୟ ସପ୍ତାହରେ ମଧ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଅକ୍ଟୋବର ୬ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ।

ଏହି ସମ୍ଭାବ୍ୟ ଲଘୁଚାପ କ୍ଷେତ୍ର ନେଇ ପାଣିପାଗ ବିଭାଗ ପକ୍ଷରୁ ଆଉ କିଛି ଅଧିକ ସୂଚନା ଦିଆଯାଇନାହିଁ। ତେବେ ସେହି ସମୟରେ ଦୁର୍ଗାପୂଜା ପଡୁଥିବାରୁ ପାର୍ବଣକୁ ବର୍ଷା ଫିକା କରିପାରେ ବୋଲି କୁହାଯାଉଛି। ଅକ୍ଟୋବର ୯ ତାରିଖରେ ମଣ୍ଡପରେ ଦେବୀ ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ରହିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ଏକ୍ସରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୨୦୨୪ ଜୁନ ୧ ତାରିଖରୁ ସେପ୍ଟେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୧୦୯୦.୮ ମିମି ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୧୧୪୪.୩ ମିମି ବର୍ଷା ହେବା କଥା। ଜୁନ ୧ରୁ ସେପ୍ଟେମ୍ବର ୨୯ ତାରିଖ ମଧ୍ୟରେ ୨ଟି ଜିଲ୍ଲା- ମାଲକାନଗିରି ଓ ନୂଆପଡ଼ାରେ ମାତ୍ରାଧିକ ବର୍ଷା ହୋଇଛି। ୪ଟି ଜିଲ୍ଲା- ଝାରସୁଗୁଡା,ଦେବଗଡ଼, କେନ୍ଦୁଝର ଓ ଭଦ୍ରକରେ ନିଅଣ୍ଟିଆ ବର୍ଷା ହୋଇଛି। ବାକି ସବୁ ଜିଲ୍ଲାରେ ସାଧାରଣ ବର୍ଷା ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ପୁଅ ହେଲେ ଉପମୁଖ୍ୟମନ୍ତ୍ରୀ



ଚେନ୍ନାଇ, ୨୯।୯

ମୁଖ୍ୟମନ୍ତ୍ରୀଙ୍କ ପୁଅ ହେଲେ ଉପମୁଖ୍ୟମନ୍ତ୍ରୀ। ଶେଷରେ ସତ ହେଲା ଦୀର୍ଘ ଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନା। ତାମିଲନଡୁ ସରକାରର ମନ୍ତ୍ରୀମଣ୍ଡଳରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି । ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ଷ୍ଟାଲିନଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି।

ଡିଏମକେ ନେତୃତ୍ୱାଧୀନ ତାମିଲନାଡୁ ସରକାରରେ କ୍ରୀଡ଼ା ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ସେହିପରି ପୂର୍ବତନ ପରିବହନ ମନ୍ତ୍ରୀ ସେନ୍ଥିଲ ବାଲାଜୀ ପୁଣିଥରେ କ୍ୟାବିନେଟରେ ସାମିଲ ହୋଇଛନ୍ତି । ଦୁଇ ଦିନ ପୂର୍ବେ ମନି ଲଣ୍ଡରିଂ ମାମଲାରେ ସେ ଜାମିନ ପାଇଥିଲେ।

ଉଦୟନିଧି ଷ୍ଟାଲିନ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ପାଇଁ ରାଜ୍ୟପାଳଙ୍କୁ ଏମ୍‌କେ ଷ୍ଟାଲିନ ସୁପାରିଶ କରିଥିଲେ । ଏହାପରେ ରାଜ୍ୟପାଳ ମଧ୍ୟ ତାଙ୍କ ସୁପାରିଶକୁ ଗ୍ରହଣ କରିଛନ୍ତି। ରବିବାର ଅପରାହ୍ଣରେ ଚେନ୍ନାଇ ରାଜଭବନରେ ଉଦୟନିଧି ଷ୍ଟାଲିନ ଶପଥ ନେଇଛନ୍ତି। (ପୃଷ୍ଠା ୭ରେ)

## ବିକାଶ ନାଁରେ ୩ଟି ପରିବାର ଯାଜପୁରକୁ ଲୁଟିଛନ୍ତି: ମୁଖ୍ୟମନ୍ତ୍ରୀ

ଯାଜପୁର, ୨୯।୯

ନ୍ୟୁଜ୍ ବ୍ୟୁରୋ

ବିକାଶ ନାଁରେ ୩ଟି ପରିବାର ଯାଜପୁରକୁ ଲୁଟିଛନ୍ତି । ରବିବାର ଯାଜପୁରର ବଡ଼ଚଣାରେ ବିଜେପିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ନାଁ ନନେଇ ବିଜେଡିର ୩ ଜଣ ନେତାଙ୍କୁ ଟାର୍ଗେଟ କରି ଏ କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି, ସେମାନେ (୩ ବିଜେଡି ନେତା) ନିଜକୁ କ୍ରୀତଦାସ କହିବାକୁ ବି ପଛାଉ ନଥିଲେ। ନିଜକୁ ନବୀନଙ୍କ କ୍ରୀତଦାସ କହୁଥିଲେ। ଯାଜପୁରକୁ ସମୃଦ୍ଧ କରିଦେବେ ବୋଲି କହୁଥିଲେ । କିନ୍ତୁ କୁଆଡ଼େ ଗଲା ସମୃଦ୍ଧ ଜିଲ୍ଲା। ଆପଣମାନେ ସେମାନଙ୍କୁ ଉଚିତ ଜବାବ ଦେଲେ। ଗୋଟିଏ ନୁହେଁ, ୩ଟି ପରିବାର ଯାଜପୁର ଜିଲ୍ଲାକୁ ବିକାଶ ନାଁରେ ବିନାଶ କରିଛନ୍ତି । କାହାକୁ ନ୍ୟାୟ ଦେଇନାହାନ୍ତି ।



ଯାଜପୁର ଏକ ଶିଳ୍ପ ସମୃଦ୍ଧ ଓ ଖଣି ଖାଦାନରେ ଭରପୂର ଅଞ୍ଚଳ। ଏହି ଜିଲ୍ଲାର ଯେତିକି ଉନ୍ନତି ହେବା କଥା ସେତିକି ହୋଇନି। ଲୋକେ ଗରିବ। ବିଗତ ସରକାରରେ ଅବହେଳିତ ହୋଇଥିବା ଲୋକଙ୍କୁ ସୁବିଧା ମିଳିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ବିଜେଡିକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, (ପୃଷ୍ଠା ୭ରେ)

## ଆଇପିଏସ୍‌ସ୍ତରରେ ବଡ଼ ଧରଣର ଅଦଳବଦଳ

## ବଦଳିଲେ କଟକ-ଭୁବନେଶ୍ୱର ପୁଲିସ କମିଶନର

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ରବିବାର ଆପିଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ କରିଛନ୍ତି । ନୂଆ ଡିଜିପି ଭାବେ ୱାଇ.ବି ଖୁରାନିଆ ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ଦେଢ଼ ମାସ ପରେ ଆଇପିଏସ ସ୍ତରରେ ହୋଇଛି ଏହି ଅଦଳବଦଳ। ଗୁଇନ୍ଦା ନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ ଏଡିଜିଙ୍କଠାରୁ ଆରମ୍ଭ କରି କଟକ-ଭୁବନେଶ୍ୱର ପୁଲିସ କମିଶନର ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ବଡ଼ ପଦବୀରେ ଥିବା ଆଇପିଏସ ଅଫିସରଙ୍କୁ କରାଯାଇଛି ବଦଳି ।



କଟକ-ଭୁବନେଶ୍ୱର ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଏଡିଜି ଟ୍ରେନିଂ ଓ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ସୁରେଶ ଦେବଦତ୍ତ ସିଂ ହେବେ କଟକ-ଭୁବନେଶ୍ୱରର ନୂଆ ପୁଲିସ କମିଶନର। ସେହିପରି ଏ.କେ ରୟଙ୍କୁ ଜେଲ ବିଭାଗ ଡିଜି କରାଯାଇଛି ।

ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କର ମଧ୍ୟ ବଦଳି ହୋଇଛି । ତାଙ୍କୁ ଏଡିଜିପି ଆଧୁନିକୀକରଣ ଦାୟିତ୍ୱ ଦିଆଯାଇଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ବଦଳିଲେ । ତାଙ୍କୁ ଏସ୍‌ସିଆରବି ଓ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି।

ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସ୍ଥାନରେ ଆରପି କୋଚେଙ୍କୁ ଗୁଇନ୍ଦା (ପୃଷ୍ଠା ୭ରେ)

## ଅକ୍ଟୋବର ୯ରେ ଖାତାକୁ ଆସିବ ସୁଭଦ୍ରା ଟଙ୍କା : ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ଆଗାମୀ ଅକ୍ଟୋବର ୯ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ମିଳିବ। ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ୪୦ ଲକ୍ଷରୁ ଅଧିକ ମହିଳାଙ୍କୁ ମିଳିବ ଏହି ଅର୍ଥ। ଆସନ୍ତା ୭ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିଥିବା ମହିଳାଙ୍କୁ ଏହି ଟଙ୍କା ଦିଆଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାରେ ଏହାର ଶୁଭାରମ୍ଭ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ପରେ ଦ୍ୱିତୀୟ ଅଧିବେଶନରେ ସୁଭଦ୍ରା ଯୋଜନାର



କାର୍ଯ୍ୟକାରିତା ସମ୍ବନ୍ଧରେ ଉପସ୍ଥାପନା କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏ ସଂପର୍କିତ ଉପସ୍ଥାପନ କରିଥିଲେ। ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ସେ ସମସ୍ତ ଜିଲ୍ଲାପାଳଙ୍କୁ (ପୃଷ୍ଠା ୭ରେ)

## ଜାତିସଂଘରେ ଚୀନ୍-ପାକିସ୍ତାନକୁ ଆଇନା ଦେଖାଇଲେ ଜୟଶଙ୍କର

ଜେନେଭା, ୨୯।୯

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଜାତିସଂଘର ସାଧାରଣ ସଭାରେ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାକିସ୍ତାନ ଦଖଲ କରିଥିବା କଶ୍ମୀର (ପିଓକେ)ପ୍ରସଙ୍ଗର ସମାଧାନ ଏବେ କରିବାକୁ ପଡିବ। ସେ କହିଛନ୍ତି ଯେ ପାକିସ୍ତାନର ସୀମା ପାର ଆତଙ୍କବାଦ ନୀତି କଦାପି ସଫଳ ହେବ ନାହିଁ ଏବଂ ପାକିସ୍ତାନର କାର୍ଯ୍ୟକଳାପ ନିଶ୍ଚିତ ଭାବେ ଓଲଟା ପରିଣାମ ଦେବ। ପିଓକେ ପ୍ରସଙ୍ଗରେ ଜୟଶଙ୍କର ଜାତିସଂଘରେ ଏଭଳି କହି ଚୀନ୍-ପାକିସ୍ତାନକୁ ଆଇନା ଦେଖାଇଛନ୍ତି।

ମିଳିତ ଜାତିସଂଘର ସାଧାରଣ ସଭାର (ୟୁଏନଜିଏ) ୭୯ତମ ଅଧିବେଶନକୁ ସମ୍ବୋଧିତ କରି ଜୟଶଙ୍କର କହିଛନ୍ତି ଯେ ଭାରତ ଏବଂ ପାକିସ୍ଥାନ ମଧ୍ୟରେ ସମାଧାନ



ହେବାକୁ ଥିବା ଏକମାତ୍ର ପ୍ରସଙ୍ଗ ହେଉଛି ପାକିସ୍ତାନକୁ ବେଆଇନ ଭାବେ ଅଧିକୃତ ଭାରତୀୟ ଅଞ୍ଚଳ ଖାଲି କରିବା ଏବଂ ଆତଙ୍କବାଦ ସହ ଦୀର୍ଘ ଦିନ ପାକିସ୍ତାନର ସହଯୋଗକୁ ବନ୍ଦ କରିବା ।

ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ଯେ ପାକିସ୍ତାନ ନିଜେ କରୁଥିବା ମନ୍ଦ କର୍ମର ଫଳ ଭୋଗୁଛି । ପାକିସ୍ତାନରେ ଏବେ ଆତଙ୍କବାଦ ନିୟନ୍ତ୍ରଣ ବାହାରକୁ ଯାଇଛି । ଫଳରେ ଜାଣିଶୁଣି ପାକିସ୍ତାନ ବିପର୍ଯ୍ୟସ୍ତ ନିଜ ପାଇଁ ଟାଣି ଆଣିଛି । ଆମର ପଡୋଶୀ ଦେଶ ପାକିସ୍ତାନ ନିଜର କୃତକର୍ମର ଫଳ ଭୋଗୁଛି।

ସେ କହିଛନ୍ତି ଯେ ବର୍ତ୍ତମାନ ଭାରତ ଏବଂ ପାକିସ୍ତାନ ମଧ୍ୟରେ କେବଳ ଗୋଟିଏ ପ୍ରସଙ୍ଗର ସମାଧାନ ବାକି ଅଛି ଯେ ପାକିସ୍ତାନ ବେଆଇନ ଭାବେ ଅଧିକୃତ ଭାରତୀୟ ଅଞ୍ଚଳକୁ ଖାଲି କରି ଆତଙ୍କବାଦ ସହ ଦୀର୍ଘ ଦିନର ସମ୍ପର୍କ ଛାଡିବା ଉଚିତ। ଜୟଶଙ୍କର ଏହା ମଧ୍ୟ କହିଛନ୍ତି ଯେ ଆତଙ୍କବାଦ ବିଶ୍ୱର ବିପରୀତ ଅଟେ।

ସେ କହିଛନ୍ତି ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଆତଙ୍କବାଦୀଙ୍କୁ ନିଷେଧାଦେଶ ମଧ୍ୟ ରାଜନୈତିକ କାରଣରୁ ବାଧାପ୍ରାପ୍ତ ହେବ ନାହିଁ। ପାକିସ୍ତାନକୁ ଏଥିରେ କୌଣସି ପଡୋଶୀ ଦେଶର ସହାୟତା ମିଳିଲେ ମଧ୍ୟ କିଛି ଲାଭ ହେବ ନାହିଁ ବୋଲି ଜୟଶଙ୍କର ଚୀନ ଉଦ୍ଦେଶ୍ୟରେ କହିଛନ୍ତି ।

## ରାପିଡ ଆକ୍ସନ ଫୋର୍ସର ଫ୍ଲାଗମାର୍ଚ୍ଚ ସାମିଲ ହେଲେ ଏସ୍‌ପି-ଡିଆଇଜି-ଜିଲ୍ଲାପାଳ

ଭଦ୍ରକ, ୨୯।୯

ନ୍ୟୁଜ୍ ବ୍ୟୁରୋ

ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକରେ ଉତ୍ତେଜନା ଘଟଣାରେ ୧୬୩ ଧାରା ଜାରି ରହିଥିବା ବେଳେ ଇଣ୍ଟରନେଟ ସେବା ବନ୍ଦ ରହିଛି। ପୋଲିସକୁ ଆକ୍ରମଣ ଘଟଣାରେ ଗିରଫଦାରି ପାଇଁ ରାତିରେ ପୋଲିସ ସାହି ସାହିରେ ପଇଁତରା ମାରୁଛି । ଶନିବାର ରାତିରେ ରାପିଡ ଆକ୍ସନ ଫୋର୍ସ ପହଞ୍ଚିବା ପରେ ରବିବାର ସକାଳେ ସଂଠିଆ ଓ ପୁରୁଣା ବଜାର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛି। ଫ୍ଲାଗମାର୍ଚ୍ଚରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲାପାଳ ଦିଲ୍ଲିପ ରାଉତରାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି ସାମିଲ ହୋଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଡିଆଇଜି (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ସେକାଳ



ସୁଭଦ୍ରା ଯୋଜନା ଲାଭ ପାଇବାକୁ
ସଭିଁଏ ଯେ ମାଛରଙ୍କା
ଦଶହରାରେ ମିଳିବ ନିଶ୍ଚୟ
ମନେ ରଖନାହିଁ ଶଙ୍କା
ପାଇବ ପାଇବ ଟଙ୍କା
ବଡ ବଡ ନେତା କଥା ଦେଇଛନ୍ତି
ବଚନ ହେବନି ବଙ୍କା।

## ଦିଲ୍ଲୀ ବାୟୁ ପ୍ରଦୂଷଣ ରୋକିବାକୁ ମାର୍ଗଦର୍ଶିକା ଜାରି



ନୂଆଦିଲ୍ଲୀ, ୨୯।୯

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଚିନ୍ତାର ବିଷୟ ପାଲଟିଥିବାବେଳେ ଆଗାମୀ ଶୀତ ଋତୁରେ ଏହା ଅଧିକ ସାଂଘାତିକ ହେବାର ଆଶଙ୍କା ରହିଛି । ବିଶେଷ କରି କୋଠାବାଡ଼ି, ରାସ୍ତାଘାଟ ନିର୍ମାଣ ସମୟରେ ବାହାରୁଥିବା ଧୂଳି ବାୟୁମଣ୍ଡଳରେ ମିଶିବା ଫଳରେ ପ୍ରଦୂଷଣ ବଢ଼ିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ନିର୍ମାଣାଧୀନ ପ୍ରକଳ୍ପ ନିମନ୍ତେ ମାର୍ଗଦର୍ଶିକା ଜାରି କରିଛନ୍ତି ଦିଲ୍ଲୀ ସରକାର। ଦିଲ୍ଲୀ ପରିବେଶ ବିଭାଗ ମନ୍ତ୍ରୀ ଗୋପାଳ ରାୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବିଭିନ୍ନ ସ୍ଥାନରେ ଚାଲିଥିବା ଘରବାଡ଼ି, ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ସମୟରେ ଯେଉଁ ଧୂଳି ବାହାରୁଛି ତାହା ବାୟୁ ପ୍ରଦୂଷଣକୁ ବଢ଼ାଇ ଦେଉଛି। ଶୀତ ଋତୁରେ ଏହି ସମସ୍ୟା ବଢ଼ିବାର ଆଶଙ୍କା ରହିଥିବାରୁ ନିର୍ମାଣାଧୀନ ପ୍ରକଳ୍ପ ନିମନ୍ତେ ମାର୍ଗଦର୍ଶିକା ଜାରି କରାଯାଇଛି।

ନିର୍ମାଣସ୍ଥଳଗୁଡ଼ିକୁ ଟିଣ ଚାଦରରେ ଢାଙ୍କି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ଧୂଳି ବାୟୁମଣ୍ଡଳରେ ମିଶି ପାରିବ ନାହିଁ । ସେହିପରି ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଟାୟାର ଯେପରି ସର୍ବଦା ପରିଷ୍କାର ରହେ ଏବଂ ସେଥିରେ କୌଣସି ପ୍ରକାର (ପୃଷ୍ଠା ୭ରେ)

## ଖୁବଶୀଘ୍ର ନିଯୁକ୍ତ ହେବେ ବୋର୍ଡ ଓ ନିଗମ ଅଧ୍ୟକ୍ଷ

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ଖୁବଶୀଘ୍ର ରାଜ୍ୟର ବିଭିନ୍ନ ବୋର୍ଡ ଓ ନିଗମରେ ଅଧ୍ୟକ୍ଷ ନିଯୁକ୍ତ ହେବେ। ବିଜେପିର ସଦସ୍ୟତା ଅଭିଯାନ ସରିବା ପରେ ଏହି ପଦଗୁଡ଼ିକରେ ଦିଆଯିବ ନିଯୁକ୍ତି। ରବିବାର ଏହି ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ।

ସେ କହିଛନ୍ତି, ଆମ ସରକାରକୁ ଏବେ ୧୦୦ ଦିନ ପୂରିଛି । ଏହି ସମୟ ଭିତରେ ଶପଥ ଗ୍ରହଣ ଦିନ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ପୂରଣ କରାଯାଇଛି। ସରକାର ଶପଥ ନେବାର ୮ ଘଣ୍ଟା ଭିତରେ ଜଗନ୍ନାଥଙ୍କ ଚାରି ଦ୍ୱାର ଖୋଲାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସୁଭଦ୍ରା ଯୋଜନା



ଆରମ୍ଭ କରାଗଲା । ରତ୍ନଭଣ୍ଡାର ଖୋଲାଗଲା। ଧାନ କ୍ୱିଣ୍ଟାଲ ୩୧ ଶହ ଟଙ୍କା କରିବାକୁ ନୀତିଗତ ନିଷ୍ପତ୍ତି ନେଇଛି ଆମ ସରକାର। ସବୁ କାର୍ଯ୍ୟକ୍ରମ ଗୋଟିଏ ଗୋଟିଏ କରାଯାଉଛି ।

ଶ୍ରୀ ସାମଲ କହିଛନ୍ତି, ଏବେ ଦଳର ସଦସ୍ୟତା ଅଭିଯାନ ଶେଷ ପର୍ଯ୍ୟାୟରେ ଅଛି। ଏହା ସରିବା ପରେ ପରେ ନିଗମ ଓ ବୋର୍ଡ ଚଳାଇବାକୁ (ପୃଷ୍ଠା ୭ରେ)

# କୋଟିଏ ଟଙ୍କାର ଅଳଙ୍କାର ଲୁଟ୍

**ମୋହନା, ନ୍ୟୁଜ ବ୍ୟୁରୋ**

ଗଜପତି ଜିଲ୍ଲା ମୋହନା ମୁଖ୍ୟ ବଜାର ସ୍ଥିତ ଶ୍ରୀ ହରି ଜୁଏଲର୍ସରୁ ଲୁଟ୍ । ସୁନା, ରୂପା ଅଳଙ୍କାର ସହ ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଛନ୍ତି ଲୁଟେରା । ତେବେ ଲୁଟ୍ ହୋଇଥିବା ସାମଗ୍ରୀ ମଧ୍ୟରେ ଏକ କେଜି ସୁନା, ୫ କିଲୋ ରୂପା ଏବଂ ନଗଦ ୭୦ ହଜାର ଟଙ୍କା ରହିଥିବାର ସୂଚନା ମିଳିଛି । ଅଭିଯୋଗ ପରେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି । ଖବର ଅନୁଯାୟୀ, ୯ଟା ସମୟରେ ଦୋକାନ ମାଲିକ ବି ମୋହନ ରାଓ ଆଚାରୀ ଦୋକାନ ବନ୍ଦ କରି ଯାଉଥିଲେ । ଏହି ସମୟରେ ତାଙ୍କ ନିକଟରେ ଏକ ବ୍ୟାଗ୍ ଥିଲା । ଯେଉଁଥିରେ ଦୋକାନର ସମସ୍ତ ସୁନା-ରୂପା ଏବଂ ନଗଦ ଟଙ୍କା ରହିଥିଲା । ଦୋକାନ ଆଗରେ ବ୍ୟାଗ୍‌ଟି ରଖିଥିଲେ । ଏହି ସମୟରେ ହଠାତ୍ ଦୁଇ ଜଣ ଲୁଟେରା ବାଇକ୍‌ରେ ଆସି ଅଳଙ୍କାର ଏବଂ ଟଙ୍କା ଭର୍ତ୍ତି ବ୍ୟାଗ୍‌ଟିକୁ ନେଇ ଚମ୍ପଟ ମାରିଛନ୍ତି । ଦୋକାନ ମାଲିକ ଲୁଟ୍ ନେଇ ମୋହନା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ଏପିରିକି ଦୋକାନ ପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରୁଛି ପୋଲିସ ।

# ମହାନଦୀ ମୁହାଣରୁ ସୁରକ୍ଷିତ ଉଦ୍ଧାର ହେଲେ ୧୪ ମତ୍ସ୍ୟଜୀବୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାରାଦୀପ ମହାନଦୀ ମୁହାଣରେ ଫସିଛନ୍ତି ୧୪ ମତ୍ସ୍ୟଜୀବୀ । ଗୁରୁବାର ଦୁଇଟି ମାଛଧରା ବୋଟ ଅଚଳ ହୋଇଯିବାରୁ ମଝି ସମୁଦ୍ରରେ ଫସିରହିଥିବା ସୂଚନା ମିଳିଛି । ସେମାନଙ୍କୁ ଉଦ୍ଧାର କରାଯାଇ ପାରି ନ ଥିବା ଜଣାଯାଇଛି । ପ୍ରଥମେ ଏକ ମାଛଧରା ବୋଟ ସମୁଦ୍ର ମଝିରେ ଅଚଳ ହୋଇ ଯାଇଥିଲା । ସୂଚନା ପାଇ ଉଦ୍ଧାର କରିବାକୁ ଆଉ ଏକ ବୋଟକୁ ସମୁଦ୍ର ମଝିକୁ ପଠାଯାଇଥିଲା । ଅଚଳ ବୋଟକୁ ଟାଣି ଟାଣି ଆଣୁଥିବା ବେଳେ ଦଉଡ଼ି ଛିଣ୍ଡି ପଙ୍ଖାରେ ଲାଗିବାରୁ ଉଦ୍ଧାରକାରୀ ବୋଟ ମଧ୍ୟ ଫସିଯାଇଛି । ଫଳରେ ବୋଟ ଦୁଇଟି ମଝି ସମୁଦ୍ରରେ ଭାସୁଥିବା ବେଳେ ସେଥିରେ ୧୪ ମତ୍ସ୍ୟଜୀବୀ ଭାସୁଛନ୍ତି ।

# ଠିକାଦାର ଲାଇସେନ୍ସ ପାଇଁ ପଦ ହରାଇଲେ ସରପଞ୍ଚ, ବହିଷ୍କାର କଲେ ଖୋର୍ଦ୍ଧା ଜିଲ୍ଲାପାଳ

**ବାଲିପାଟଣା, ନ୍ୟୁଜ ବ୍ୟୁରୋ**



ଠିକାଦାର ଲାଇସେନ୍ସ ପାଇଁ ପଦ ହରାଇଲେ ସରପଞ୍ଚ । ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଆମଣାକୁଦ ସରପଞ୍ଚ ମିତାଲି ମିଶ୍ରଙ୍କୁ ବହିଷ୍କାର କରିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ । ମିତାଲିଙ୍କର ବି-କ୍ଲାସ୍ ଠିକାଦାର ଲାଇସେନ୍ସ ରହିଛି । ଏ ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରିବା ପରେ ମିତାଲିଙ୍କୁ ଡିସ୍ କ୍ୱାଲିଫାଏ କରିଛନ୍ତି ।

# ସରୋଗେସି ମାତୃତ୍ୱ କ୍ଷେତ୍ରରେ ମିଳିବ ଛୁଟି

## ମହିଳା କର୍ମଚାରୀଙ୍କୁ ୧୮୦ଦିନ, ପୁରୁଷଙ୍କୁ ୧୫ଦିନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଏଥର ଉଧାର ମାତୃତ୍ୱ ଅର୍ଥାତ ସରୋଗେସି ପାଇଁ ମିଳିବ ଛୁଟି । ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ସୂଚନା ପ୍ରଦାନ କରାଯାଇଛି । ଉଧାର ମାତୃତ୍ୱ ପାଇଁ ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ଦିନର ପିତୃତ୍ୱ ଛୁଟି ପ୍ରଦାନ କରାଯିବାର ସୁବିଧା ପ୍ରଦାନ କରାଯିବ । ଉଧାର ମାତୃତ୍ୱ ଦ୍ୱାରା ମାତୃତ୍ୱ ଓ ପିତୃତ୍ୱ ପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଛୁଟି ପ୍ରଦାନ ପ୍ରସ୍ତାବ ସରକାରଙ୍କ ଅଧୀନରେ ବିଚାରଧୀନ ଥିଲା । ଗୁରୁବାର ଗୃହ ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଏ ନେଇ ସୂଚନା ପ୍ରଦାନ କରାଯାଇଛି । କେନ୍ଦ୍ର ସରକାର ଗତ ଜୁନ୍ ମାସରେ ଏହି ଛୁଟି ପ୍ରଦାନ କରିଛନ୍ତି । ତେବେ ରାଜ୍ୟରେ ମଧ୍ୟ ଏହା କାର୍ଯ୍ୟକାରୀ ହେବା ପରେ ଉଧାର ମାତୃତ୍ୱ କର୍ମଚାରୀଙ୍କୁ ଏକ ବଡ଼ ଖୁସି ଖବର ମିଳିଛି । ତେବେ ଜଣେ ରାଜ୍ୟ ସରକାରୀ ମହିଳା କର୍ମଚାରୀ, ଯିଏ ଦୁଇରୁ କମ ଜୀବିତ ସନ୍ତାନ ଥାଇ 'ସରୋଗେଟ ମାତା' ହୁଅନ୍ତି, ସେ ୧୮୦ ଦିନର ମାତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ । ସେହିପରି ଅଧିଷ୍ଠାତା ମାତା ଅର୍ଥା କମିସନିଙ୍ଗ ମଦର ମଧ୍ୟ ୧୮୦ ଦିନର ମାତୃତ୍ୱ ଛୁଟି ପାଇପାରିବେ । ଏଥିସହ ଜଣେ ରାଜ୍ୟ ସରକାରୀ ପୁରୁଷ କର୍ମଚାରୀ, ଯିଏ ଦୁଇରୁ କମ ଜୀବିତ ସନ୍ତାନ ଥାଇ 'ଅଧିଷ୍ଠାତା ପିତା' ବା କମିସନିଙ୍ଗ ଫାଦର ହୁଅନ୍ତି, ସେ ସନ୍ତାନ ଜନ୍ମ ତାରିଖରୁ ୬ ମାସ ମଧ୍ୟରେ ୧୫ ଦିନର ପିତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ । ତେବେ ଏହି ଛୁଟି ଲାଭ କରିବାକୁ ଉଧାର ମାତୃତ୍ୱ ଉପରେ ହୋଇଥିବା ରାଜିନାମା ସହିତ ପଞ୍ଜୀକୃ ଡାକ୍ତର, ଡାକ୍ତରଖାନାରୁ ପ୍ରାପ୍ତ ଚିକିତ୍ସା ସମ୍ବନ୍ଧିତ ଦସ୍ତାବିଜ ଦେବାକୁ ପଡ଼ିବ । ଏହା ଗୁରୁବାରଠାରୁ କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟପାଳଙ୍କ ଆଦେଶକ୍ରମେ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପତ୍ର ମାଧ୍ୟମରେ ଜଣାଇଛନ୍ତି ।

# ୟୁଜିସିର କଡ଼ା ନିୟମ ସତ୍ତ୍ୱେ ବନ୍ଦ ହେଉନି ଶିକ୍ଷାନୁଷ୍ଠାନରେ ରାଗିଂ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶିକ୍ଷାନୁଷ୍ଠାନରେ ରାଗିଂ ଅଭିଯୋଗ ବାରମ୍ବାର ଆସୁଛି । ରାଗିଂ ରୋକିବା ଦିଗରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଯେତିକି ତତ୍ପର ହେବା କଥା ସେତିକି ହେଉନାହାନ୍ତି । କେବଳ ସଚେତନତା କାର୍ଯ୍ୟକ୍ରମ, ପୋଷ୍ଟର ଏବଂ ଅଣ୍ଡରଟେକିଂ ଫର୍ମ ପୂରଣ କରି ନିଜର କର୍ତ୍ତବ୍ୟ ସାରି ଦେଉଛନ୍ତି । ଆଣ୍ଟି ରାଗିଂ ସେଲ୍ କାମ କରୁଛି କି ନାହିଁ ତାହା ଜଣାପଡୁନି । କାରଣ ପ୍ରତିବର୍ଷ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ରାଗିଂ ଅଭିଯୋଗ ସାମ୍ନାକୁ ଆସୁଛି । ଗତ ଫେବୃଆରୀରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ରାଗିଂ ଅଭିଯୋଗ ଆସିଥିଲା । ଏବେ ପୁଣି ସେହି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଗିଂ ଅଭିଯୋଗ ହୋଇଛି । ସେହିପରି ସମ୍ବଲପୁରର ହୋମିଓପାଥି ମେଡିକାଲ କଲେଜରେ ମଧ୍ୟ ଏପରି ରାଗିଂ ଅଭିଯୋଗ ସାମ୍ନାକୁ ଆସିଥିଲା ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅଭିଯୋଗ ଆସୁଛି । ଏଥିରେ ରୋକ୍ ଲଗାଇବାକୁ ଉଚ୍ଚଶିକ୍ଷା ବିଭାଗ କେବଳ ଚିଠି କରି ଦେଇ ବସି ପଡୁଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଆଣ୍ଟି ରାଗିଂ ମାର୍ଗଦର୍ଶିକା ଜାରି କରିଛି । ଏହାକୁ କଡ଼ାକଡ଼ି ପାଳନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୟୁଜିସି ଗାଇଡ୍‌ଲାଇନକୁ ଆଧାର କରି ସମସ୍ତ ଶିକ୍ଷାନୁଷ୍ଠାନକୁ ଚିଠି କରାଯାଇଛି । ଏପରିକି ୟୁଜିସି ପକ୍ଷରୁ ପ୍ରତିବର୍ଷ ଏହି ଆଣ୍ଟି ରାଗିଂ ମାର୍ଗଦର୍ଶିକା ପାଳନ କରିବାକୁ ବିଶ୍ୱବିଦ୍ୟାଳୟ କୁଳପତି, କଲେଜ ଅଧ୍ୟକ୍ଷଙ୍କୁ ଚିଠି କରାଯାଉଛି । ମାତ୍ର ରାଗିଂ ବନ୍ଦ ହେଉନାହିଁ । ୨୦୨୨ ଏପ୍ରିଲରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜରେ ରାଗିଂ ଯୋଗୁ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା । ସେହବର୍ଷ ଜୁଲାଇରେ ଭୁବନେଶ୍ୱର ବିଜେବି କଲେଜର ଜଣେ ଯୁକ୍ତ ୩ ଛାତ୍ରୀ ଆତ୍ମହତ୍ୟା କଲେ । ଏସବୁ ଘଟଣା ପଛରେ ରାଗିଂ ହୋଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି । ସେହିପରି ୨୦୨୧ରେ ଭଦ୍ରକ ଜିଲ୍ଲାରେ ମଧ୍ୟ ଏକ ଆଇଟିଆଇ କଲେଜରେ ରାଗିଂ ପାଇଁ ଜଣେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ରେଭେନ୍ସାରେ ୨୦୨୦ରେ ରାଗିଂ ଅଭିଯୋଗକୁ ଆଧାର କରି କର୍ତ୍ତୃପକ୍ଷ କିଛି ଛାତ୍ରଙ୍କୁ ହଷ୍ଟେଲରୁ ବାହାର କରିଥିଲେ । ଏମିତି ଅନେକ କଲେଜରେ ରାଗିଂ ଘଟଣା ସାମ୍ନାକୁ ଆସୁଛି । ୟୁଜିସି ଗାଇଡ୍‌ଲାଇନ୍ ଅନୁଯାୟୀ, ସବୁ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ କମିଟି ଗଠନ, ଆଣ୍ଟି ରାଗିଂ ସ୍କ୍ୱାଡ୍, ଆଣ୍ଟି ରାଗିଂ ସେଲ୍ ଗଠନ ବାଧ୍ୟତାମୂଳକ । ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ସ୍ଥାପନ ମଧ୍ୟ କରାଯିବ । ନିୟମିତ ବ୍ୟବଧାନରେ ରାଗିଂ ଓ ଏହାର କୁପ୍ରଭାବ ସଂକ୍ରାନ୍ତରେ ଆଲୋଚନାଚକ୍ର କରିବାକୁ କୁହାଯାଇଛି । ଏସବୁ କାର୍ଯ୍ୟକାରୀ କରିବାକୁ ନିକଟରେ ୟୁଜିସି ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ଅବହେଳା କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି । ଏପରିକି କୁହାଯାଇଥିଲା, ଛାତ୍ରାବାସ, କ୍ୟାଣ୍ଟିନ, ଶୌଚାଳୟ, ବସ୍‌ଷ୍ଟାଣ୍ଡ ଆଦିକୁ ଅଚାନକ ପରିଦର୍ଶନ କରିବେ ସ୍କ୍ୱାଡ୍ । ନାମଲେଖା କେନ୍ଦ୍ର, ଲାଇବ୍ରେରୀ, କ୍ୟାଣ୍ଟିନ୍, ହଷ୍ଟେଲ ଆଦିରେ ଆଣ୍ଟି ରାଗିଂ ପୋଷ୍ଟର ଲଗାଇବାକୁ ୟୁଜିସି ପରାମର୍ଶ ଦେଇଛି । ୟୁଜିସି ୱେବ୍‌ସାଇଟ୍‌ରେ ଏହି ପୋଷ୍ଟର ଗୁଡ଼ିକ ଉପଲବ୍ଧ । ନାମଲେଖା ଫର୍ମରେ ଆଣ୍ଟି ରାଗିଂ ଅଣ୍ଡରଟେକିଂ ବାଧ୍ୟତାମୂଳକ କରିବାକୁ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ରାଗିଂ ସଂପର୍କିତ ଘଟଣା ପାଇଁ ଅସୁବିଧାରେ ପଡ଼ିଥିବା ଛାତଛାତ୍ରୀମାନେ ନ୍ୟାସନାଲ ଆଣ୍ଟି-ରାଗିଂ ହେଲ୍ପ ଲାଇନକୁ କଲ କରିପାରିବେ । ନଚେତ ଆଣ୍ଟି-ରାଗିଂ ହେଲ୍ପ ଲାଇନ୍‌କୁ ଇ-ମେଲ କରିପାରିବେ । ଛାତ୍ରଛାତ୍ରୀ କଲେଜରେ ଦେଇଥିବା ନିଜର ପଞ୍ଜୀକରଣ ନମ୍ବର ସହିତ ଇ-ମେଲ କରିପାରିବେ । ଏତେସବୁ ସତର୍କତାମୂଳକ ପଦକ୍ଷେପ ଏବଂ ୟୁଜିସି ନିର୍ଦ୍ଦେଶ ସତ୍ତ୍ୱେ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ବନ୍ଦ ହେଉନି ଯାହାକି ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି ।

# ପୋଲିସ-ମାଓବାଦୀ ଗୁଳି ବିନିମୟ : ୩ ମାଓବାଦୀ ସଫା



**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ଛତିଶଗଡ ନାରାୟଣପୁର ଜିଲ୍ଲାରେ ପୋଲିସ-ମାଓବାଦୀ ଗୁଳି ବିନିମୟ । ପୋଲିସ ଗୁଳିରେ ୩ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରୁ ଜବତ ହୋଇଛି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ । ମୃତ ମାଓବାଦୀଙ୍କ ମଧ୍ୟରେ ରହିଛନ୍ତି ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ମାଓ ନେତା ରୂପେଶ ଯାହାଙ୍କ ମୁଣ୍ଡ ଉପରେ ୨୫ ଲକ୍ଷର ପୁରସ୍କାର ରାଶି ଥିଲା । ସେହିପରି ୧୬ ଲକ୍ଷର ମୁଣ୍ଡ ଜାମିନ ଥିବା ମାଓବାଦୀ ଜଗଦୀଶ ଓ ୮ ଲକ୍ଷର ମୁଣ୍ଡ ଜାମିନ ଥିବା ମାଓବାଦୀ ସଳିତା ସାମିଲ । ଅବୁଜମାଡ ଜଙ୍ଗଲରେ ୧୨୪ ଘଣ୍ଟା ଧରି ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଅପରେସନରେ ସାମିଲ ହୋଇଥିଲେ ଏସ୍‌ଟିଏଫ୍ ଡିଆରଜି ଓ ସିଆରପିଏଫ୍ ବାହିନୀ । ଘଟଣା ସ୍ଥଳରୁ ଗୋଟିଏ ଇକ୪୭ ବନ୍ଧୁକ, ଗୋଟିଏ ଇନସାସ, ଦୁଇଟି ୯ଖଜ, ଦୁଇଟି କାର୍ବାଇନ ଓ ୫ ଟି ଦେଶି ବନ୍ଧୁକ ଜବତ କରିଛନ୍ତି ସୁରକ୍ଷା କର୍ମୀ । ଗୁଳିବିନିମୟରେ ଆହୁରି ଅନେକ ମାଓବାଦୀ ଆହତ ହୋଇଥିବା ସୂଚନା ଦେଇଛନ୍ତି ନାରାୟଣପୁର ଏସପି ।

# ଭାରତରେ ୱାର୍କିଂ ଏଜ୍ ପପୁଲେସନ ବଢୁଛି : ଯୁବକଙ୍କ ସଂଖ୍ୟା କମୁଛି

**ନୂଆଦିଲ୍ଲୀ,**

ଭାରତରେ ୧୯୭୧ ମସିହା ଠାରୁ କର୍ମ ଉପଯୋଗୀ ବୟସ ବର୍ଗଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଖୁବ୍‌ଶୀଘ୍ର ହେବାକୁ ଯାଉଥିବା ଜନଗଣନାରେ ଏହା ୬୪.୪ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଏସ୍‌ବିଆଇ ଗବେଷଣା କରି ରିପୋର୍ଟ ଦେଇଛି । ୨୦୩୧ ସୁଦ୍ଧା କର୍ମ ଉପଯୋଗୀ ଆୟୁ ବର୍ଗର ଜନସଂଖ୍ୟା ୬୫.୨ ପ୍ରତିଶତ ହୋଇଯିବ ବୋଲି ରିପୋର୍ଟରେ କୁହାଯାଇଛି । ଭାରତରେ କର୍ମ ଉପଯୋଗୀ ଆୟୁ ବର୍ଗ ୧୫- ୬୦ ରଖାଯାଇଥିଲା । ହେଲେ ୨୦୧୮ ପରଠାରୁ ବୟସ ସୀମାରେ ବୃଦ୍ଧି କରି ଏହା ୧୫-୬୪ କରାଯାଇଛି । ହେଲେ ଏସ୍‌ବିଆଇ ୧୫-୬୦ ବୟସ ବର୍ଗକୁ ନେଇ ଗବେଷଣା କରିଛି । ଏହି ନିର୍ଦ୍ଦିଷ୍ଟ ବୟସ ବର୍ଗ ଜନସଂଖ୍ୟା ୧୯୯୧ରେ ୫୫.୪ ପ୍ରତିଶତ ବୃଦ୍ଧି ପାଇଥିଲା । ୨୦୦୧ ବେଳକୁ ଏଥିରେ ୫୬.୯ ପ୍ରତିଶତ, ଏବଂ ୨୦୨୧ ବେଳକୁ ୬୦.୭ ପ୍ରତିଶତ ଜନସଂଖ୍ୟା ବଢ଼ିଛି ବୋଲି ଏସ୍‌ବିଆଇ କହିଛି । ତେବେ ବାର୍ଷିକ ହାରରେ ଏହି ଜନସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଛି । ହାରାହାରି ବାର୍ଷିକ ଅଭିବୃଦ୍ଧି ଦେଖିଲେ ୧୯୭୧ରେ କର୍ମ ଉପଯୋଗୀ ଆୟୁ ବର୍ଗଙ୍କ ସଂଖ୍ୟା ୨.୨୦ ପ୍ରତିଶତ ଥିଲା । ତେବେ ୨୦୨୪ ବେଳକୁ ଏହା ୧.୦୦ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି । ଏହି ଧାରାକୁ ଦେଖିଲେ ୨୦୨୪ ବେଳକୁ ଦେଶର ଜନସଂଖ୍ୟା ୧୩୮-୧୪୨ କୋଟି ମଧ୍ୟରେ ରହିବ ବୋଲି ଏସ୍‌ବିଆଇ କହିଛି । ତେବେ ମୋଟ ଜନସଂଖ୍ୟାର ଅଭିବୃଦ୍ଧି ଦେଖିଲେ ଭାରତର ଦକ୍ଷିଣ ରାଜ୍ୟ ମୁଖ୍ୟତଃ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ଜନସଂଖ୍ୟା ହ୍ରାସ ପାଇଛି । ତେବେ ଉତ୍ତର ଭାରତର ରାଜ୍ୟଗୁଡ଼ିକ ଯଥା ଉତ୍ତର ପ୍ରଦେଶ, ବିହାର ଆଦିରେ ଜନସଂଖ୍ୟା ବୃଦ୍ଧି ଦେଖିବାକୁ ମିଳିଛି । ଦେଶର ମୋଟ ଜନସଂଖ୍ୟାର ୫୨ ପ୍ରତିଶତ କେବଳ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ରହିଛି । ଭାରତରେ ୧୩ ବର୍ଷ ହେବ ଜନଗଣନା ହୋଇ ନାହିଁ । ଶେଷଥର ୨୦୧୧ରେ ଜନଗଣନା ହୋଇଥିଲା । ପ୍ରତି ୧୦ ବର୍ଷରେ ଜନଗଣନା ହେବାର ଥିବାରୁ ୨୦୨୧ରେ ଏଥିପାଇଁ ପ୍ରସ୍ତୁତି କରାଯାଇଥିଲା । ହେଲେ କୋଭିଡ୍ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା । ସେବେଠାରୁ ଦେଶରେ ଆଉ ଜନ ଗଣନା ହୋଇ ନାହିଁ । ତେବେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଜନଗଣନା କରିପାରନ୍ତି । ଏଥିପାଇଁ ପ୍ରସ୍ତୁତି ଚାଲିଛି ବୋଲି କୁହାଯାଉଛି । ଦେଶର ଶାସନ ବ୍ୟବସ୍ଥା ସୁଚାରୁ ରୂପେ ଚଳାଇବା ପାଇଁ ଜନଗଣନା ଆବଶ୍ୟକତା ରହିଛି । କାରଣ ଏହାଦ୍ୱାରା ନୀତି ନିର୍ଦ୍ଧାରକକାରୀଙ୍କୁ ସାମାଜିକ-ଅର୍ଥନୈତିକ ଏବଂ ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ ମିଳେ । ଫଳରେ ସରକାର ସେହି ଅନୁସାରେ, ପଲିସି ତିଆରି କରନ୍ତି । ୧୮୭୨ରେ ଦେଶରେ ପ୍ରଥମ ଜନଗଣନା ହୋଇଥିଲା । ହେଲେ ଏଥିରେ ଦେଶରେ ସବୁ ଭାଗରେ ଜନଗଣନା କରାଯାଇ ନଥିଲା । ଜନସଂଖ୍ୟା ଜନଗଣନାର ତଥ୍ୟ ଅନୁସାରେ, ୧୯୭୨ ମସିହା ଠାରୁ ଦେଶରେ ୦-୧୪ ଆୟୁ ବର୍ଗର ପିଲାମାନଙ୍କ ସଂଖ୍ୟା ଧୀରେ ଧୀରେ କମିଥିଲା । ହେଲେ ଏସ୍‌ବିଆଇ ଗ୍ରୁପ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟ କାନ୍ତି ଘୋଷଙ୍କ ଦ୍ୱାରା ଲେଖାଯାଇଥିବା ଏସବିଆଇ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ, ୦-୧୪ ବର୍ଷ ବୟସର ପିଲାଙ୍କ ଅନୁପାତ ୨୦୨୪ ମସିହାରେ ୨୪.୩ ପ୍ରତିଶତକୁ ହ୍ରାସ ପାଇବା । ଯାହା ୨୦୧୧ରେ ୩୦.୯ ପ୍ରତିଶତ ଥିଲା । ଅନ୍ୟପଟେ ୧୯୫୧ ମସିହା ଠାରୁ ବୟସ୍କ ବ୍ୟକ୍ତିଙ୍କ ଅନୁପାତ ନିୟମିତ ବାବେ ବଢ଼ି ଚାଲିଛି । ୨୦୨୪ରେ ଦେଶରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ୧୦.୭ ପ୍ରତିଶତରେ ପହଞ୍ଚିବ । ଏହା ୨୦୩୧ ସୁଦ୍ଧା ୧୩.୧ ପ୍ରତିଶତକୁ ବୃଦ୍ଧି ହେବାର ସମ୍ଭାବନା ରହିଛି । ଓଇସିଡି(ଆର୍ଥିକ ସହଯୋଗ ଓ ବିକାଶ ସଂଗଠନ) ରିସର୍ଚ୍ଚକୁ କୋଟ୍ କରି ଏସ୍‌ବିଆଇ ତା ରିସର୍ଚ୍ଚରେ କହିଛି ଯେ ଆସନ୍ତା ଦଶନ୍ଧୀରେ ବିଶ୍ୱର ମୋଟ ଶ୍ରମ ବଳରେ ପାଖାପାଖି ୨୫ ପ୍ରତିଶତ ଯୋଗଦାନ ଭାରତର ରହିବ । ୨୦୩୦ ସୁଦ୍ଧା ଭାରତରେ କର୍ମ ଉପଯୋଗୀ ବୟସ ବର୍ଗ ସଂଖ୍ୟା ୧୦୦ କୋଟି ଅତିକ୍ରମ କରିବ । କେବଳ ଭାରତରେ ଜନସଂଖ୍ୟା ବଢୁଛି ତାହା ନୁହେଁ, ବିକଶିତ ଦେଶମାନଙ୍କରେ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି ବୋଲି ଏସ୍‌ବିଆଇ କହିଛି । ଅନ୍ୟପଟରେ ଭାରତର ମଧ୍ୟମା ବୟସ(ମିଡିଆନ ଏଜ୍ ବା ମୋଟ ଜନସଂଖ୍ୟାର ମଧ୍ୟରେ ଥିବା ଆୟୁ ବର୍ଗ) ୨୦୨୧ ରେ ୨୪ ବର୍ଷ ଥିଲା । ଏହା ୨୦୨୩-୨୪ରେ ବଢ଼ି ୨୮-୨୯ ବର୍ଷକୁ ବୃଦ୍ଧି ପାଇବ ବୋଲି ଆଶା ଆକଳନ କରାଯାଉଛି । ତଥାପି ବାରତ ବିଶ୍ୱର ସବୁଠାରୁ ଯୁବ ସୁଲଭ ଦେଶ ବୋଲି କୁହାଯାଉଛି । ମିଡିଆନ ଏଜେକୁ ଆହୁରି ଟିକେ ସରଳ ଭାଷାରେ ବୁଝିବା । ଦେଶର ମୋଟ ଜନସଂଖ୍ୟା ଯେତିକି ରହିଛି ସେତିକିରେ ଯେଉଁ ବୟସ ବର୍ଗର ଲୋକେ କମ୍ ନଥିବେ କି ବେଶି ନଥିବେ, ଏମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ମଧ୍ୟଭାଗରେ ଥିବ । ତାକୁ ହିଁ ମଧ୍ୟମା ବୟୟ ବର୍ଗ କୁହାଯାଏ । ଏସ୍‌ବିଆଇ ରିପୋର୍ଟ ଅନୁସାରେ, ମଧ୍ୟ ଆୟୁବର୍ଗ ଦୃଷ୍ଟିରୁ ଭାରତ ଚୀନ ଠାରୁ ଭଲ ସ୍ଥିତିରେ ରହିଛି । କାରଣ ଚୀନରେ ବୟସ୍କଙ୍କ ସଂଖ୍ୟା ବଢୁଥିବାରୁ ବର୍ତ୍ତମାନ ସେଠାରେ ମଧ୍ୟମା ବୟସ ବର୍ଗ ୩୯.୫ ବର୍ଷ ରହିଛି । ହେଲେ ୨୦୧୧ରେ ଚୀନରେ ମଧ୍ୟମା ବୟସ ବର୍ଗ ୩୪.୫ ବର୍ଷ ଥିଲା । ୧୯୮୧ ପଠାରୁ ଦେଶରେ ବିଭିନ୍ନ ସ୍ୱାସ୍ଥ୍ୟଗତ ଚିକିତ୍ସା କାରଣରୁ ଦେଶରେ ମୃତ୍ୟୁ ସଂଖ୍ୟା କମିଛି । ତେଣୁ ୧୯୬୧ ମସିହାରୁ ଭାରତରେ ବୟସ୍କଙ୍କ ସଂଖ୍ୟା ଭଢ଼ିବାରେ ଲାଗିଛି ।

# ବିପଦରେ ଗୁରୁପ୍ରିୟା: ଜଳସ୍ତର ନକମିଲେ ପୋଲ କ୍ଷତିଗ୍ରସ୍ତ ହେବା ସମ୍ଭାବନା

**ଚିତ୍ରକୋଣ୍ଡା, ନ୍ୟୁଜ ବ୍ୟୁରୋ**

ବନ୍ୟାଜଳ ବାଲିମେଳା ଜଳଭଣ୍ଡାରରେ ପଶିବା ପରେ ହଠାତ୍ ଜଳସ୍ତର ବଢ଼ିଯାଇଛି । ଯାହା ସ୍ୱାଭିମାନ ଅଞ୍ଚଳର ଲାଇଫ୍ ଲାଇନ୍ ଗୁରୁପ୍ରିୟା ସେତୁ ପ୍ରତି ବିପଦ ସୃଷ୍ଟି କରିଛି । ଜଳସ୍ତର ଯଦି କିଛି ଘଣ୍ଟା ମଧ୍ୟରେ କମିବ ନାହିଁ ତେବେ ପୋଲକୁ କ୍ଷତିଗ୍ରସ୍ତ କରିବାର ସମ୍ଭାବନା ରହିଛି । ବାଲିମେଳା ଜଳଭଣ୍ଡାର ସର୍ବୋଚ୍ଚ ଜଳସ୍ତର ୧୫୧୬ ଫୁଟ୍ ହୋଇଥିଲା ବେଳେ ୧୫୧୪.୧ଫୁଟ୍ ରହିଛି । ସ୍ୱାଭିମାନ ଅଞ୍ଚଳକୁ ସଂଯୋଗ କରୁଥିବା ଗୁରୁପ୍ରିୟା ସେତୁର ଗାର୍ଡର ଠାରୁ ମାତ୍ର ଦୁଇ ଫୁଟ୍ ତଳେ ପାଣି ରହିଛି । ଯେଉଁ ହାରରେ ବନ୍ୟାଜଳ ପ୍ରବେଶ କରୁଛି ୨୪ଘଣ୍ଟା ମଧ୍ୟରେ ସର୍ବୋଚ୍ଚ ଜଳସ୍ତର ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି । ଯାହାଫଳରେ ଗାର୍ଡର ସଂପୂର୍ଣ୍ଣ ବୁଡ଼ିଯିବ । ସେହିପରି ଜଳସ୍ତର ଗୁରୁପ୍ରିୟା ସେତୁ ନିକଟସ୍ଥ ଜାନବାଇସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଛି । ଖବର ଲେଖାଯିବା ସୁଦ୍ଧା ଜଳଭଣ୍ଡାର ପାଣି ସ୍ୱାସ୍ଥ୍ୟକେନ୍ଦ୍ର ପାଚେରିକୁ ଛୁଇଁ ଅତିକ୍ରମ କରୁଥିଲା । ଯଦି ଜଳସ୍ତର ବଢ଼ିବ ତେବେ ସ୍ୱାସ୍ଥ୍ୟକେନ୍ଦ୍ର ବୁଡ଼ିଯିବା ସହ ଆଖପାଖରେ ରହିଥିବା ଘରେ ପାଣି ପଶିବ ବୋଲି ଜାନବାଇ ଗ୍ରାମବାସୀ ପ୍ରକାଶ କରିଛନ୍ତି । କିଛିଦିନ ତଳେ ବାଲିମେଳା ଜଳଭଣ୍ଡାର ଜଳସ୍ତର ୧୫୧୨.୩ ଫୁଟ ରହିଥିଲା । ତେଣୁ ଦୁଇଟି ଗେଟ୍‌ରେ ଜଳ ନିଷ୍କାସନ କରି ଜଳସ୍ତରକୁ ୧୫୧୨ ଫୁଟ୍‌ରେ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ଅଞ୍ଚଳରେ ବର୍ଷାର ପରିମାଣ କମିଯାଇଥିଲା । ବର୍ତ୍ତମାନ ଅନ୍ୟ ଅଞ୍ଚଳରେ ବର୍ଷା ହୋଇ ଜଳଭଣ୍ଡାରରେ କ୍ରମାଗତ ପାଣି ପଶିବାରେ ଲାଗିଛି । ଜଳସ୍ତର ବଢ଼ିବା ପରେ ଜଳଭଣ୍ଡାରରେ ସର୍ବୋଚ୍ଚ ଜଳସ୍ତର ୧୫୧୬ ଫୁଟ ରଖିବାକୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଛି । ଯଦି ଜଳସ୍ତର ୧୫୧୬ ଫୁଟ ଛୁଇଁଯିବ ତେବେ ଗେଟ୍ ଖୋଲି ଜଳ ନିଷ୍କାସନ କରାଯିବ ବୋଲି ସୂଚନା ମିଳିଛି ।

# ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଧରାହେଲା : ୩ଦିନରେ ନେଇଥିଲା ୪ ଜୀବନ

**ବେତନଟୀ, ନ୍ୟୁଜ ବ୍ୟୁରୋ**



ଟ୍ରାଙ୍କୁଲାଇଜ୍ ହେଲା ନରହନ୍ତା ଦନ୍ତା । ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ବଡ଼ଯୋଡ଼ ଉପକଣ୍ଠ ଟସରଡା ବାଦଲସାହି ଠାରେ ଟ୍ରାଙ୍କୁଲାଇଜ୍ କରାଯାଇଥିବା ନରହନ୍ତା ଦନ୍ତାହାତୀକୁ କାବୁକରି ଉଦ୍ଧାର କରିବାରେ ସଫଳ ହୋଇଛି ବନବିଭାଗ । ସେଠାରୁ ଉଦ୍ଧାର କରାଯାଇ ବନବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ମୁତାବକ କପିଳାସ ଜଙ୍ଗଲକୁ ପଠାଯାଇଛି । ସୂଚନା ମୁତାବକ, ବିଗତ ଚାରିଦିନ ମଧ୍ୟରେ ଚାରିଜନଣଙ୍କର ଜୀବନ ନେବାପରେ ସମଗ୍ର ରାଜ୍ୟରେ ଅଲୋଡ଼ନ ସୃଷ୍ଟି କରିଥିଲା ରକ୍ତମୁଖା ନରହନ୍ତା ଦନ୍ତାହାତୀ । ତେବେ ଉକ୍ତ ଦନ୍ତାହାତୀକୁ କାବୁ କରିବା ପାଇଁ ବନବିଭାଗ ପକ୍ଷରୁ ଡ଼ିଏଫଓ ଅମ୍ଲୁରେ ଉମା ମହେଶ, ଏସିଏଫ ରବି ନାରାୟଣ ମହାନ୍ତି, ବେତନଟୀ ରେଞ୍ଜର ମନୁୱର ଖାଁଙ୍କ ସମେତ ବିଭିନ୍ନ ରେଞ୍ଜ ଅଧିକାରୀ, ବନରକ୍ଷୀ, ଗଜସାଥୀ, ପାରା ବନ କର୍ମଚାରୀ, ତାଲିମପ୍ରାପ୍ତ ମାହୁନ୍ତ ପ୍ରମୁଖ ଯୋଜନାବଦ୍ଧତାର ସହିତ ଏହି ରକ୍ତମୁଖା ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଦୀର୍ଘ ୮ଘଣ୍ଟାର ଜୋରଦାର ଅପରେସନ ପରେ କାବୁକରିବାରେ ସଫଳ ହୋଇଛନ୍ତି । ତେବେ ବନବିଭାଗର ବରିଷ୍ଠ ତଥା ଅଭିଜ୍ଞ ଟିମ ଦ୍ୱାରା ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ କରାଯିବାପରେ ଏହା ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା । ଫଳରେ ବର୍ଷା ସାଙ୍ଗକୁ ଜଙ୍ଗଲ ଭିତରେ କାଦୁଅ ସନ୍ତସନ୍ତିଆ ଜମି ପାଇଁ ଭିତରକୁ ଗାଡି ପଶିପାରିନଥିଲା । ଯଦ୍ଦ୍ୱାରା ହାତୀକୁ ଉଦ୍ଧାର କରିବାରେ ବନବିଭାଗକୁ ବେଶ କିଛି ଘଣ୍ଟା ଧରି ନାକେଦମ ହେବାକୁ ପଡ଼ିଥିଲା । ଶେଷରେ ରାତି ଅଢେଇଟା ସମୟରେ ହାତୀକୁ ଏକ ହାଇୱାରେ ଲୋଡ଼ କରାଯାଇ ବନବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ମୁତାବକ କପିଳାସ ଜଙ୍ଗଲକୁ ନିଆଯାଇଛି । ସେଠାରେ ଆବଶ୍ୟକ ଚିକିତ୍ସା ପରେ ହାତୀର ବ୍ୟବହାର ନିରୀକ୍ଷଣ କରି ଜଙ୍ଗଲରେ ଛଡାଯିବାର କାର୍ଯ୍ୟକ୍ରମ ଥିବା ଜଣାଯାଇଛି । ଜଙ୍ଗଲରୁ ରକ୍ତମୁଖା ନରହନ୍ତା ଦନ୍ତାକୁ କାବୁକରି ଉଦ୍ଧାର କରିବାପରେ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି । ସେଠାରୁ ହାତୀକୁ ଉଦ୍ଧାର କରାଯାଇ ବନବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ମୁତାବକ କପିଳାସ ଜଙ୍ଗଲକୁ ପଠାଯାଇଛି ।

# ଏବେ ଦେଓମାଳି ପାଲଟିବ ୱେଡିଂ ଡେଷ୍ଟିନେସନ୍ : ବଢ଼ିବ ପର୍ଯ୍ୟଟକଙ୍କ ସଂଖ୍ୟା

**କୋରାପୁଟ, ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ଉଚ୍ଚତମ ଗିରିଶୃଙ୍ଗ କୋରାପୁଟ ଜିଲ୍ଲାରେ ଥିବା ଦେଓମାଳି । ୱେଡିଂ ଡେଷ୍ଟିନେସନ୍ ପାଇଁ ଦେଓମାଳିରେ ଭିତ୍ତିଭୂମି ନିର୍ମାଣ କରାଯିବ । କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ କାର୍ଯ୍ୟକ୍ରମ ଅଧୀନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କ ସହ କେନ୍ଦ୍ର ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିବେ । ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଗତ ଅଗଷ୍ଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି । ପରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ଜରିଆରେ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି । ରାଜ୍ୟ ସରକାର କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟ ସହ ଏମ୍‌ଓୟୁ ସ୍ୱାକ୍ଷର କରିବେ । ଏହାପରେ ପ୍ରକଳ୍ପ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେବ । ଏ ସମ୍ପର୍କରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ତନିନା ପ୍ରଧାନୀ ସୂଚନା ଦେଇଛନ୍ତି । ଏହା ହେଲେ ୱେଡିଂ ଡେଷ୍ଟିନେସନ୍ ପାଇଁ ବାହାର ରାଜ୍ୟକୁ ଯାଉଥିବା ଲୋକେ ରାଜ୍ୟ ଭିତରେ ପ୍ରାକୃତିକ ପରିବେଶରେ ବିବାହ ଉତ୍ସବ ସମ୍ପନ୍ନ କରିପାରିବେ । ଏହି ପ୍ରକଳ୍ପ କର୍ଯ୍ୟକାରୀ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ । ଏହାସହ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ । ୨୦୨୫ ପର୍ଯ୍ୟଟନ ଋତୁ ଆରମ୍ଭରୁ ଏହା କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ଏହି ସ୍ଥାନକୁ ହିଲ୍ ଷ୍ଟେସନ୍ ଭାବେ ମାନ୍ୟତା ଦେଇ ପାରିପାର୍ଶ୍ୱିକ ବିକାଶ କରିବାକୁ ସ୍ଥାନୀୟ କେତେକ ସଂଗଠନ ଦାବି କରିଛନ୍ତି । ଏଠାରେ ହୋଟେଲ, ରେଷ୍ଟୁରାଣ୍ଟ, ପାର୍କ, ଛୋଟ ରେଳ ଷ୍ଟେସନ୍, ବସ୍‌ଷ୍ଟାଣ୍ଡ୍ ଆଦି ବ୍ୟବସ୍ଥା କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି । ଜିଲ୍ଲାରେ ୧୩ଟି ମାନ୍ୟତା ପ୍ରାପ୍ତ ପର୍ଯ୍ୟଟନସ୍ଥଳ ରହିଛି । କେବଳ ଦେଓମାଳିକୁ ଗତ ୫ ବର୍ଷରେ ୪ ଲକ୍ଷ ୫୦ ହଜାର ୪୮୩ ଲକ୍ଷ ପର୍ଯ୍ୟଟକ ଆସିଛନ୍ତି । ଏଥିରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୨ ହଜାରରୁ ଅଧିକ ରହିଛି । ଏଠାକୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପର୍ଯ୍ୟଟନ ବିଭାଗ ଉଦ୍ୟମ କରୁଛି । ଯୋଧପୁର, ଜୟପୁର, ଗୋଆ, କେରଳ ଭଳି ଦେଓମାଳିଠାରେ ୱେଡିଂ ଡେଷ୍ଟିନେସନ୍ କ୍ଷେତ୍ର ପ୍ରସ୍ତୁତ କରିବାକୁ ଯୋଜନା କରାଯାଇଛି । ବର୍ଷକ ପୂର୍ବରୁ ପର୍ଯ୍ୟଟନ ବିଭାଗର ତତ୍କାଳୀନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏଥିପାଇଁ ଡିପିଆର ମଧ୍ୟ ପ୍ରସ୍ତୁତ ହୋଇଛି । କ୍ଷେତ୍ର ପ୍ରସ୍ତୁତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦେବା ନେଇ ନିଷ୍ପତ୍ତି ନିଆଯାଇଥିଲା । ଏମ୍‌ଓୟୁ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନଥିବାରୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନି । ଅନ୍ୟପକ୍ଷରେ ଦେଓମାଳିର ପାରିପାର୍ଶ୍ୱିକ ବିକାଶ ସହ ପର୍ଯ୍ୟଟକଙ୍କ ରାତ୍ର ରହଣି ପାଇଁ ପ୍ରକଳ୍ପ ନିର୍ମାଣ କରିବାକୁ ୧୬ କୋଟି ଟଙ୍କା ଅନୁଦାନ ମିଳିଛି । ଏହି ଅନୁଦାନ ସହ ଜିଲ୍ଲା ବନଖଣ୍ଡ ପକ୍ଷରୁ ଅତିରିକ୍ତ ୩.୯୫ କୋଟି ଟଙ୍କା ବ୍ୟୟରେ ୧୦ଟି ବିଳାସପୂର୍ଣ୍ଣ କଟେଜ୍ ନିର୍ମାଣ କରାଯାଉଛି । ପ୍ରାୟ ୨୬ ଏକର ଜମିରେ ଏହି ପ୍ରକଳ୍ପ ତଥା ଉନ୍ନତୀକରଣ କାର୍ଯ୍ୟ ଚାଲିଛି । ଆସାମରୁ ପାଇନ୍ ଚାରା ଆଣି ଏଠାରେ ଲଗାଯାଇଛି । ନିର୍ମାଣ କାର୍ଯ୍ୟ ପ୍ରାୟ ୯୦ ପ୍ରତିଶତ ସରିଛି । କୋରାପୁଟ ସହରଠାରୁ ୭୦ କିମି ଦୂରରେ ରହିଛି ଦେଓମାଳି ପର୍ବତମାଳା । ଏଠାକୁ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଲାଗିରହୁଛି । ପ୍ରତିଦିନ ସ୍ଥାନୀୟ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲା, ରାଜ୍ୟ ସମେତ ବିଦେଶୀ ପର୍ଯ୍ୟଟକ ମଧ୍ୟ ଆସୁଛନ୍ତି । ଆଗକୁ ପର୍ଯ୍ୟଟନ ଋତୁ ଥିବାରୁ ଚଳିତ ବର୍ଷ ମଧ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା ଢେର ଅଧିକ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏପଟେ ଦେଓମାଳିରେ ଇକୋ ଟୁରିଜିମ୍ ପ୍ରକଳ୍ପ ଆରମ୍ଭ କରି ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରିଛନ୍ତି । କୋରାପୁଟ ଆସୁଥିବା ସମସ୍ତ ପର୍ଯ୍ୟଟକ ପ୍ରଥମେ ଦେଓମାଳି ବୁଲିବାକୁ ଇଚ୍ଛା କରିଥାନ୍ତି । ଏଠାରେ ସମସ୍ତ ସୁବିଧା ନ ଥିବାରୁ ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ଅଳ୍ପ ସମୟ ମଧ୍ୟରେ ବୁଲି ଫେରିଯାଉଛନ୍ତି । ତେଣୁ ଏ ଦିଗରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ସେପ୍ଟେମ୍ବର ୨୦୨୪ ସୋମବାର





# ଜନମଙ୍ଗଳ କାମ ପାଇଁ ପ୍ରେସ କ୍ଲବକୁ ଛତିଶଗଡ ସ୍ୱାସ୍ଥ୍ୟ ମନ୍ତ୍ରୀ କଲେ ସମ୍ମାନିତ




**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପ୍ରେସ କ୍ଲବ ସବୁ ସମୟରେ ଲୋକଙ୍କ ପାଇଁ ଜନମଙ୍ଗଳ କାମ କରିଆସୁଛି। ଏହି ଜନମଙ୍ଗଳ କାମ ପାଇଁ ଜିଲ୍ଲା ରୁ ରାଜ୍ୟର ଯାଏ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇସାରିଛି। ତେବେ ବିଶ୍ୱ ହୃଦୟ ଦିବସ ଅବସରରେ ପ୍ରେସ କ୍ଲବକୁ ରାୟପୁରରେ ସମ୍ମାନିତ କରାଯାଇଛି। ଏମଏମଆଇ ନାରାୟଣା ହସ୍ପିଟାଲ ପକ୍ଷରୁ ରାୟପୁର ଭଗତସିଂ ଛକ ଠାରେ ୧୩ତମ ବିଶ୍ୱ ହୃଦୟ ଦିବସ ଅବସରରେ ୱାକଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତିଶଗଡ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମ ବିହାରୀ ଜସୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟ୍ରାଫିକ ଏଆଇଜି ସଞ୍ଜୟ ଶର୍ମା, ରାୟପୁର ଏସପି ସନ୍ତୋଷ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜସୱାଲ ପ୍ରେସ କ୍ଲବର ଏଭଳି ମହାନ କାର୍ଯ୍ୟ ଜାରି ରହୁ ବୋଲି କହିବା ସହ ପ୍ରଶଂସା କରିବା ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ସମ୍ପାଦକ ସୁରଦାସ ବାଗ, ଉପସଭାପତି ସୁବ୍ରତ ମାହାକୁର, ସହ ସମ୍ପାଦକ ବିସିକେଶନ ମାଝୀ, ପରାମର୍ଶଦାତା ଆଶିଷ ଖୈତାନ, ଆନନ୍ଦ ମୋଟେ, ସଦସ୍ୟ ଗଣେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ, ଅଫିସରଙ୍କ ପାଇଁ ଆଲିସାନ୍ କୋଠା : ଠିଆ ହେବ ୬ଟି ନଭଶ୍ଚୁମ୍ବୀ ଟାୱାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଧାୟକ ଓ ଅଫିସରଙ୍କ ପାଇଁ ତିଆରି ଚାଲିଛି ସମ୍ଭ୍ରାନ୍ତ କୋଠା । ଏଥିରେ ଅତ୍ୟାଧୁନିକ ସୁବିଧାସୁଯୋଗ ରହିବ । ଏହାର ହାଇଟେକ୍ ଡିଜାଇନ୍ ଦେଖିଲେ ଆଖି ଝଲସି ଯିବ । ରାଜଧାନୀର ଯେ କୌଣସି ବିଳାସପୂର୍ଣ୍ଣ ଫ୍ଲାଟ୍ ଏହା ଆଗରେ ଫିକା ପଡ଼ିଯିବ । ପ୍ରାୟ ୪ ହଜାର ବର୍ଗଫୁଟର ବିଶାଳ ଫ୍ଲାଟ୍‌ରେ ସବୁ ସୁବିଧା ଖଞ୍ଜି ଦିଆଯିବ । ୭ଟି ବେଡ୍‌ରୁମ୍, ସ୍ୱତନ୍ତ୍ର ଅଫିସ, ଭିଜିଟର ରୁମ୍, ଲବି ଓ ସହାୟକଙ୍କ ପାଇଁ ଅଲଗା ରୁମ୍ ରହିବ । ଏମ୍‌ଏଲ୍‌ଏ କ୍ୱାର୍ଟର୍ସ କମ୍ପ୍ଲେକ୍ସ ପରିସରରେ କ୍ଲବ ହାଉସ୍‌ଠାରୁ ନେଇ ଟେନିସ୍ କୋର୍ଟ, ବ୍ୟାଡମିଣ୍ଟନ କୋର୍ଟ, ଭିଆଇପି ଗେଷ୍ଟହାଉସ୍, କାଫେ, ଡାକ୍ତରଖାନା, ପୁଲିସ ଆଉଟ୍‌ପୋଷ୍ଟ ଭଳି ସୁବିଧା ରହିବ । ୟୁନିଟ୍-୪ ଏମ୍‌ଏଲଏ କଲୋନି ସ୍ଥାନରେ ଏହି ସମ୍ଭ୍ରାନ୍ତ ଅଟ୍ଟାଳିକା ତିଆରି ଚାଲିଛି । ମୋଟ ୧୭ ଏକର ଜାଗାରେ ୬ଟି ନଭଶ୍ଚୁମ୍ବୀ ଟାୱାର ଛିଡ଼ା ହେବ । ଏଥିପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ(ଓବିସିସି)କୁ ତଦାରଖ ଦାୟିତ୍ୱ ଦିଆଯାଇଛି। ମୁମ୍ବାଇର କେଇସି ଇଣ୍ଟରନ୍ୟାସନାଲ ଲିମିଟେଡ୍ ଏହି ମେଗା ପ୍ରକଳ୍ପର ନିର୍ମାଣ ଟେଣ୍ଡର ନେଇଛି । ଏବେସୁଦ୍ଧା ମାତ୍ର ୧୦% କାମ ଆଗେଇଛି । ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି ପ୍ରକଳ୍ପକୁ ଅଧିକ ଫୋକସ୍ କରୁଛନ୍ତି। ୨୦୨୫ ଡିସେମ୍ବର ସୁଦ୍ଧା ପ୍ରକଳ୍ପ ସାରି ବିଧାୟକ ଓ ବରିଷ୍ଠ ଅଫିସରଙ୍କୁ କ୍ୱାର୍ଟର୍ସ ହସ୍ତାନ୍ତର କରିବାକୁ ଯୋଜନା ହୋଇଛି । ଏବେ ବିଧାୟକ ଓ ବରିଷ୍ଠ ଅଫିସରମାନେ ଟାଇପ୍-୬ ଓ ଟାଇପ୍-୭ କ୍ୱାର୍ଟର୍ସରେ ରହୁଛନ୍ତି । ଏ ସବୁ ସହରର ଭିନ୍ନ ଭିନ୍ନ ସ୍ଥାନରେ ଥିବା ବେଳେ ଏଥିପାଇଁ ଏକର ଏକର ସରକାରୀ ଜାଗା ବ୍ୟବହାର ହେଉଛି । ବିକାଶମୂଳକ କାମ ପାଇଁ ରାଜଧାନୀରେ ସରକାରୀ ଜାଗାର ଅଭାବ ସୃଷ୍ଟି ହେଉଛି । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ବିଧାୟକ ଓ ଅଫିସରଙ୍କ ପାଇଁ ରହିଥିବା କ୍ୱାର୍ଟର୍ସକୁ ଖାଲି କରି ଅନ୍ୟ କାମରେ ଲଗାଇବାକୁ ସରକାର ଯୋଜନା କରିଛନ୍ତି । ଏହି ପ୍ରକଳ୍ପର ଡିଜାଇନ୍ ଅନୁସାରେ, ୧୭ ଏକର ଜାଗାରେ ମୋଟ ୬ଟି ଟାୱାର ଛିଡ଼ା ହେବ । ୧୦୫ଟି ଟାଇପ୍-୭ ଓ ୧୯୫ଟି ଟାଇପ୍-୬ କ୍ୱାର୍ଟର୍ସ ତିଆରି ହେବ । ୧୦୫ଟି ଟାଇପ୍-୭ କ୍ୱାର୍ଟର୍ସକୁ ଗ୍ରୁପ୍-ଏ ରେସିଡେନ୍ସିଆଲ କୁହାଯିବ। ଏଥିରେ ବରିଷ୍ଠ ବିଧାୟକ ରହିବେ । ୬ଟି ଟାୱାରରୁ ଦୁଇଟି ଟାୱାରରେ ସବୁ ଟାଇପ୍-୭ କ୍ୱାର୍ଟର୍ସ ରହିବ । ଏହାକୁ ୯ ମହଲା ବିଶିଷ୍ଟ କରାଯିବ । ପାର୍କିଂ ପାଇଁ ଦୁଇଟି ବେସ୍‌ମେଣ୍ଟ ରହିବ। ଟାୱାର ୧ରେ ମୋଟ ୫୩ଟି ଟାଇପ୍-୭ କ୍ୱାର୍ଟର୍ସ ରହିବ । ଟାୱାର-୨ରେ ୫୨ଟି ଟାଇପ୍-୭ କ୍ୱାର୍ଟର୍ସ ରହିବ । ପ୍ରତି ଟାୱାରରେ ୬ଟି ଲିଫ୍ଟ ରହିବ। ବାକି ୪ଟି ଟାୱାରରେ ଟାଇପ୍-୬ କ୍ୱାର୍ଟର୍ସ ରହିବ । ଏହି ବ୍ଲକ୍‌ର ଟାୱାର-୧ରେ ୫୨ଟି କ୍ୱାର୍ଟର୍ସ ରହିବ । ଟାୱାର-୨ରେ ୫୨ଟି, ଟାୱାର-୩ରେ ୪୬ଟି ଓ ଟାୱାର-୪ରେ ୪୫ଟି କ୍ୱାର୍ଟର୍ସ ତିଆରି ହେବ । ଏହାର ପ୍ରତି ଟାୱାରରେ ୪ଟି ଲିଫ୍ଟ ରହିବ । ୬ଟି ଟାୱାରର ଡିଜାଇନ୍ ସମ୍ପୂର୍ଣ୍ଣ ସମାନ(ୟୁନିଫର୍ମ) ରହିବ । ୬ଟି ଯାକ ଟାୱାର ଧଳା ଓ ବ୍ରାଉନ୍ ରଙ୍ଗରେ ଚମକିବ । ବିଲ୍ଡିଂର ବାଲକୋନିରେ ଅର୍ଣ୍ଣାମେଣ୍ଟାଲ ଟ୍ରି ଲଗାଯିବ । ଏଥିରେ ଦୁଇଟି କ୍ଲବ୍ ହାଉସ୍, ୩ଟି ଡିସ୍‌ପେନସାରୀ, ଭିଆଇପି ଗେଷ୍ଟହାଉସ୍, ପୁଲିସ ଆଉଟପୋଷ୍ଟ ମଧ୍ୟ ରହିବ । ଶିଶୁଙ୍କ ପାଇଁ ପାର୍କ ଓ ଏକ ବଡ଼ ପାର୍କ ରହିବ। ବିସ୍ତୀର୍ଣ୍ଣ ଲ୍ୟାଣ୍ଡସ୍କେପ୍ ଓ ଗ୍ରୀନ୍ ଏରିଆ ରହିବ। ଏମଏଲଏ କମ୍ପ୍ଲେକ୍ସ ପାଚେରିକୁ ଲାଗି ସବୁଜିମା ସୃଷ୍ଟି କରାଯିବ । ଏହାର ନିର୍ମାଣ କାମ ଜୋରସୋରରେ ଚାଲିଛି । ବାଚସ୍ପତି ସୁରମା ପାଢ଼ୀ ନିୟମିତ ପ୍ରକଳ୍ପର ସମୀକ୍ଷା ବି କରୁଛନ୍ତି। ପ୍ରତି ୧୫ଦିନରେ ନିର୍ମାଣ ଅଗ୍ରଗତିର ସମୀକ୍ଷା ହେଉଛି । ଏହାକୁ ସର୍ବୋତ୍ତମ କରିବାକୁ ଆମେ ପ୍ରୟାସ କରୁଛୁ ବୋଲି ଓବିସିସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

**୫୫୦ କୋଟି ଖର୍ଚ୍ଚରେ ସମ୍ଭ୍ରାନ୍ତ ସୁବିଧା**



# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

**ଦିଗପହଣ୍ଡି, ନ୍ୟୁଜ ବ୍ୟୁରୋ**

ଦିଗପହଣ୍ଡି ଏବଂ ଆଖପାଖ ତଥା ଦୁର୍ଘଟଣା ପ୍ରବଣ ତପ୍ତପାଣି ଘାଟି ସବୁ ବିପଦ ବେଳର ଜୀବନ ଯୁଦ୍ଧରେ ନିର୍ଭର କରିଥାନ୍ତି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ। ହେଲେ ୧୦ଟି ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଳମାଳ ବିଲ୍ଡିଂ ହେଲେ ଖୋଦ୍ ମନୁଷ୍ୟ ରୁପୀ ଭଗବାନଙ୍କ ଅଭାବ ରହିଥିବା ପରିଲକ୍ଷିତ ହେଉଛି। ଅଳ୍ପ ସଂଖ୍ୟକ କର୍ମଚାରୀ ରହିଥିବା ହେତୁ ବଡ ଧରଣର ଦୁର୍ଘଟଣା, ହିଂସାକାଣ୍ଡ ଘଟିଲେ ପ୍ରତ୍ୟେକଟି ସମୟରେ ରୋଗୀମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଉଛି। ଯଦ୍ୱାରା ଅଧା ବାଟରେ ଜୀବନ ଚାଲି ଯାଉଥିବା ନଜର ରହିଛି। ରୋଗର ନିଦାନ ପାଇଁ ସ୍ୱତନ୍ତ୍ର କକ୍ଷ ସହ ସ୍ୱତନ୍ତ୍ର ଡାକ୍ତରଙ୍କ ନିଯୁକ୍ତି ହୋଇଥିଲେ ସମସ୍ୟାର ସମାଧାନ ହୋଇ ପାରିଥାନ୍ତା। ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଥିଲେ ମଧ୍ୟ ଆନ୍ଦୋଳନ ବାଟରେ ଆନ୍ଦୋଳନ ଯେଉଁ ସମସ୍ୟା କୁ ସେହି ସମସ୍ୟା। ଲୋକଙ୍କ ହିତରେ ଆସୁନଥିବା ଡାକ୍ତରଖାନା ରହି କଣ ଲାଭ ବୋଲି ପ୍ରଶ୍ନ କରିଛନ୍ତି ଶ୍ରମିକ ନେତା ଦୈତାରି ରେଡ୍ଡି ଓ କହିଛନ୍ତି ପୂର୍ବତନ ସରକାର ଦିଗପହଣ୍ଡି ଅଞ୍ଚଳକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉପେକ୍ଷା କରିଛନ୍ତି। ଏବେ ବର୍ତ୍ତମାନର ସରକାର ବି ଯଥା ପୁର୍ବଂ ତଥା ପରମ୍ ନ୍ୟାୟରେ ଝୁଲାଇଛନ୍ତି। ଯଦ୍ୱାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଗୀ। ବେଳ ଥାଉ ଥାଉ ସ୍ୱାସ୍ଥ୍ୟ ସେବାରେ ସୁଧାର ନ ଆସିଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

# ଚାନ୍ଦିପୁର ବେଳାଭୂମିରେ ବିଶ୍ୱ ସାମୁଦ୍ରିକ ଦିବସ ପାଳିତ




**ବାଲେଶ୍ୱର, ନ୍ୟୁଜ**

ବିଶ୍ୱ ସାମୁଦ୍ରିକ ଦିବସ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚାନ୍ଦିପୁର ବେଳାଭୂମି ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସାଂସଦ, ବାଲେଶ୍ୱର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସଦର ମାନସ ଦତ୍ତ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସୌରଭ ଚକ୍ରବର୍ତ୍ତୀ, ସଦର ବିଡ଼ିଓ ସମରଜିତ କର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବହୁ ସଂଖ୍ୟାରେ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ମାର୍କେଟ କମିଟି, ହୋଟେଲ ଆସୋସିଏସନ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ବେଳାଭୂମିର ସାମୁହିକ ସଫେଇ, ପଦଯାତ୍ରା, 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ବୃକ୍ଷରୋପଣ ଅଭିଯାନ ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ନୂତନ ଭାବେ ଉନ୍ନୀତ ହୋଇଥିବା ଏକ ଉନ୍ନତ ଶୌଚାଳୟର ଉଦଘାଟନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ମିଳିତ ଭାବେ ପରିବେଶ ସଚେତନତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ସଚେତନତା ରାଲିରେ ଯୋଗ ଦେଇ ସ୍ୱଚ୍ଛତାର ଶପଥ ପାଠ କରିଥିଲେ । ପରିଶେଷରେ ଅଞ୍ଚଳର ସଫେଇ ମିତ୍ରମାନଙ୍କୁ ପିପିଇ କିଟ୍ ବଣ୍ଟନ କରାଯାଇଥିଲା ।

# ଯୁବ ସମାଜ ପାଇଁ ଆରମ୍ଭ ହେଲା ତମାଖୁ ମୁକ୍ତ ଅଭିଯାନ ୨.୦ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**




ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭା ଅତିରିକ୍ତ ଜିଲ୍ଲାପାଳ ସନ୍ଦୀପ କୁମାର ରାଉତଙ୍କ ଅଧକ୍ଷତାରେ ଅଣସଂକ୍ରାମକ ରୋଗର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡା, ଏପିଡେମିଓଲୋଜିଷ୍ଟ ସ୍ମୃତି ରଞ୍ଜନ ପଣ୍ଡା, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି, ଆସିଷ୍ଟାଣ୍ଟ ମ୍ୟାନେଜର ଅନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ଯୁବ ସମାଜ ପାଇଁ ତମାଖୁ ଅଭିଯାନ ୨.୦ ଏକ ୨ମାସିକ କାର୍ଯ୍ୟକ୍ରମ ତମାଖୁର ବହୁଳ ବ୍ୟବହାର ଯୁବ ସମାଜକୁ କିପରି ରୋଗାଗ୍ରସ୍ତ କରୁଛି ଓ ମାନସିକ ଅସ୍ଥିରତା ବଢୁଛି ସେ ବିଷୟରେ ଆଲୋକପାତ କରାଇଥିଲେ। ୮ ଟି ବ୍ଲକର ୩୨ ଜଣ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ସୁପରିଟେଣ୍ଡେଣ୍ଟସ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀମାନେ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନେ, ମେଡିକାଲ ଅଫିସର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୪ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ବିଭିନ୍ନ କାର୍ଯ୍ୟକ୍ରମ ରହିଛି ଯାହାର ଉଦ୍ଦେଶ୍ୟ ଯୁବ ସମାଜକୁ ସଚେତନ କରିବା ତମାଖୁ ଜନିତ ରୋଗକୁ ନିୟନ୍ତ୍ରଣ କରି ମୃତ୍ୟୁକୁ ରୋକାଯାଇପାରିବ। ଗବେଷଣାରୁ ଜଣାଯାଇଛି ଯୁବସମାଜ ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ହିଁ ସବୁଠୁ ଅଧିକ ତମାଖୁ ବ୍ୟବହାର କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ସଚେତନତା ମାଇକିଂ, ସୋସିଆଲ ମେଡ଼ିଆ, ପ୍ରିଣ୍ଟ ମେଡ଼ିଆ, ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ କରାଯିବ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରୋଜେକ୍ଟ ପ୍ରେଜେଣ୍ଟେସନ ଦ୍ୱାରା ଏହି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କିପରି ଏହା ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ କରାଯିବ, ଗୋଷ୍ଠୀ ସ୍ତରରେ ସରପଞ୍ଚ ମାନଙ୍କ ଭୂମିକା ତମାଖୁମୁକ୍ତ ଗ୍ରାମ ନିମନ୍ତେ, ସ୍କୁଲ ଓ ଗଣ ଶିକ୍ଷା ବିଭାଗର ସହ ଯୋଗିତା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା.। ଯେଉଁମାନେ ତମାଖୁ ଛାଡିବାକୁ ଚାହିଁବେ ଶପଥ ନେବେ ଓ ଜିଲ୍ଲାରେ ଥିବା ତମାଖୁ ବିରତି କେନ୍ଦ୍ରର ପରାମର୍ଶ ନେଇପାରିବେ। ଅତିରିକ୍ତ ଜିଲ୍ଲାପାଳ ସନ୍ଦୀପ କୁମାର ରାଉତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେବାସହ ସହଯୋଗ କରିବେବୋଲି ମଧ୍ୟ କହିଥିଲେ।

# ଘୋଷଣାରେ ଅଟକିଛି ନଗର ଶିକ୍ଷାଧିକାରୀ କାର୍ଯ୍ୟାଳୟ : ଶିକ୍ଷାବିତ୍ ମହଲରେ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ସହର ମଧ୍ୟରେ ଥିବା ବିଦ୍ୟାଳୟଗୁଡ଼ିକର ସୁପରିଚାଳନା, ତଦାରଖ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାର ବ୍ରହ୍ମପୁର ମହାନଗର ନିଗମରେ ନଗର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଘୋଷଣା କରିଥିଲେ । ସରକାରୀ ଘୋଷଣାର ଦୁଇ ବର୍ଷ ପରେ ବି ଏହା କାର୍ଯ୍ୟକାରୀ ହୋଇପାରୁନଥିବା ଯୋଗୁଁ ଶିକ୍ଷାବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଗଣଶିକ୍ଷା ବିଭାଗ ଅଧୀନରେ ଆସୁଥିବା ବିଦ୍ୟାଳୟ ସମେତ ଯୁକ୍ତ ୨ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ପରିଚାଳନା ପାଇଁ ୨୦୨୨ ମସିହାରେ ସରକାର ଏହି ଘୋଷଣା କରିଥିଲେ । ସମ୍ପ୍ରତି ବ୍ରହ୍ମପୁର ମହାନଗର ନିଗମର ସମସ୍ତ ଶିକ୍ଷାନୁଷ୍ଠାନ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି । ସହରର ଅଧିକାଂଶ ବିଦ୍ୟାଳୟର ନିଜସ୍ୱ ଜମି ପଟ୍ଟା ନଥିବା ଭଳି ସମସ୍ୟା ରହିବା ସହ ଅନ୍ୟାନ୍ୟ ସମସ୍ୟା ରହିଥିବା ବେଳେ ଛୋଟମୋଟ କାମ ପାଇଁ ସହର ମଧ୍ୟରେ ଥିବା ବିଦ୍ୟାଳୟର କର୍ମଚାରୀ ସହର ଉପକଣ୍ଠରେ ଥିବା ରଙ୍ଗେଇଲୁଣ୍ଡା ବ୍ଲକ୍ ଗୋଷ୍ଠୀ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି । ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ବି ସେମାନଙ୍କୁ ଛୋଟ ଛୋଟ କାମ ପାଇଁ ରଙ୍ଗେଇଲୁଣ୍ଡା ଯିବାକୁ ପଡୁଛି । ଏଥିନେଇ କେବଳ ବିଦ୍ୟାଳୟର କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ନୁହଁନ୍ତି ବରଂ ଅଭିଭାବକ ଓ ଶିକ୍ଷାବିତ୍ ମହଲରେ ଅସନ୍ତୋଷ ଦେଖାଦେଇଛି । ସହରରେ ୨୨୦ଟି ଶିକ୍ଷାନୁଷ୍ଠାନ ରହିଛି । ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚବିଦ୍ୟାଳୟ ସାଙ୍ଗକୁ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନର ଦାୟିତ୍ୱ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହାତରେ ନ୍ୟସ୍ତ ରହିଛି । ପୂର୍ବରୁ ୫୪ଟି ଶିକ୍ଷା ଜିଲ୍ଲା ରହିଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ୩୧୪ଟି ବ୍ଲକ୍‌ରେ ଜଣେ ଲେଖାଏଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି କରାଯାଇଥିଲା । ଭୌଗୋଳିକ ଦୃଷ୍ଟିକୋଣରୁ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଓ ପୁରୀ ସମେତ ୬ଟି ସହର ପାଇଁ ନଗର ଶିକ୍ଷାଧିକାରୀ କାର୍ଯ୍ୟାଳୟ ଖୋଲାଯିବ ବୋଲି ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୨ ରେ ଘୋଷଣା କରାଯାଇଥିଲା । ନଗର ଶିକ୍ଷାଧିକାରୀଙ୍କ ପାହ୍ୟା ବରିଷ୍ଠ ଶିକ୍ଷାଧିକାରୀ ସହ ସମାନ । ତେଣୁ ଗଞ୍ଜାମ ଜିଲ୍ଲାରେ ଦୁଇ ଜଣ ପରିବର୍ତ୍ତେ ତିନି ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଛନ୍ତି । ବ୍ରହ୍ମପୁରରେ ଏହି କାର୍ଯ୍ୟାଳୟ ଖୋଲିବା ନେଇ ମହାନଗର ନିଗମ ସମ୍ମୁଖରେ ଥିବା ପୁରାତନ ଡ଼ିଆଇ ଅଫ୍ ସ୍କୁଲ କାର୍ଯ୍ୟାଳୟକୁ ଚିହ୍ନଟ କରାଯାଇଥିଲା । ସମ୍ପ୍ରତି ଏଠାରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଶାଖା କାର୍ଯ୍ୟାଳୟ ବୋଲି ବୋର୍ଡ଼ ଲଗାଯାଇଥିବା ବେଳେ ଏଠାରେ ବି କୌଣସି ଦିନ ଶାଖା କାର୍ଯ୍ୟାଳୟ ଖୋଲୁନାହିଁ । ଏହି କାର୍ଯ୍ୟାଳୟରେ ଏବେ ତାଲା ଝୁଲୁଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବ୍ରହ୍ମପୁରରେ ନଗର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଖୋଲିପାରୁ ନଥିବା ସହରର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି । ଏଥିନେଇ ବାରମ୍ବାର ଜନପ୍ରତିନିଧି ଓ ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିବା ବେଳେ ଏଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ସରକାର ଘୋଷଣା କରିଛନ୍ତି ସତ, କିନ୍ତୁ କୌଣସି ବରିଷ୍ଠ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି କିମ୍ବା ଆର୍ଥିକ ଅନୁମୋଦନ ମିଳିନଥିବା ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନଥିବା ସୂଚନା ମିଳିଛି ।




# କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବାକୁ ଦାବିପତ୍ର ପ୍ରଦାନ

**ରାଇଘର, ନ୍ୟୁଜ ବ୍ୟୁରୋ**

ରାଇଘର ସଦର ବ୍ଲକ ର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଈଶ୍ୱରଚନ୍ଦ୍ର ମାଝୀ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ଦାବି ହେଲା ସରକାରଙ୍କ ନିୟମ ଅନୁଯାୟୀ ୬ ବର୍ଷ ସେବା ଯୋଗାଇବା ପରେ ନିୟମିତ ହେବାର ବ୍ୟବସ୍ଥା ରହିଛି ଏହାକୁ ଆଧାର କରି ଶିକ୍ଷା ନିର୍ଦ୍ଦେଶକ ଙ୍କ ଚିଠି ସଂଖ୍ୟା ୧୧୦୧ ଆଠ, ତା ୪.୫.୨୦୨୪ ଅନୁଯାୟୀ ଈଶ୍ୱର ଚନ୍ଦ୍ର ମାଝୀ, ଜିଲ୍ଲାପାଳଙ୍କ ଅଧକ୍ଷତାରେ ଡିଏଲସି ବସି ସମସ୍ତ ସାର୍ଟିଫିକେଟ କାଗଜ ପତ୍ର ଯାଞ୍ଚ କରାଯାଇ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପଠା ଯାଇଥିଲା । କିନ୍ତୁ ଏହା ଭିତରେ ୬ ମାସ ବିତି ଯାଇଥିଲେ ବି କୌଣସି ପଦକ୍ଷେପ ନିଆ ଯାଇନାହିଁ କି ସେମାନଙ୍କୁ ନିୟମିତ କରାଯାଇନାହିଁ ଏବଂ ଗତ ଏପ୍ରିଲ ମାସରୁ ଇପିଏଫ ମଧ୍ୟ ବନ୍ଦ କରାଯାଇଛି । ଏହା ଦ୍ୱାରା ୫୫୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଭାବିତ ହେଉଛନ୍ତି।

**ପୁଷ୍ଟିଯୁକ୍ତ ଫସଲର ବଜାର ବ୍ୟବସ୍ଥା ପାଇଁ ଉତ୍ପାଦକ ଓ ଖାଉଟି କର୍ମଶାଳା**

# ବିନା ଚାଷୀରେ ସମାଜର ପରିବର୍ତ୍ତନ ଅସମ୍ଭବ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ବରଗଡ ଜିଲ୍ଲା ପଦ୍ମପୁରସ୍ଥିତ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପଠାରେ ଭିତ୍ତିଭୂମୀ ସେବା ସଂଗଠନ ଦ୍ୱାରା ଉତ୍ପାଦକ ଓ ଖାଉଟିଙ୍କ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନର ବଜାର ସଂଯୋଜକ ମାନସ ରଞ୍ଜନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ପାଦନ ସଂଯୋଜକ ଦାଶରଥୀ ବେହେରା ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖ ବିଷୟରେ କହିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ଜୈବିକ ଚାଷୀଙ୍କୁ ତଥା ଖାଉଟିଙ୍କୁ ସହ କିପରି ଏକ ସେତୁ ସ୍ଥାପନା କରି ନିକଟ ଭବିଷ୍ୟତରେ ବିଭିନ୍ନ ଦେଶୀ ସାପ୍ତାହିକ ବଜାରରେ ଉଚିତ ଦରରେ ଜୈବିକ ଫସଲ ଓ ପନିପରିବା ପାଇବେ ସେ ବିଷୟରେ କହିଥିଲେ। ତା ସହ ସମସ୍ତେ କିପରି ବିଷମୁକ୍ତ ଖାଦ୍ୟ, ଋଣମୁକ୍ତ ଚାଷୀ, ଆତ୍ମନିର୍ଭରଶୀଳ କୃଷି ଓ ସୁସ୍ଥ ଖାଉଟି ହେବା ସେ ଦିଗରେ ସମସ୍ତେ ସାହାଯ୍ୟ ସହଯୋଗ କରିବା ଏବଂ ଖାଉଟିଙ୍କ ବିଶ୍ୱାସ ଭାଜନ ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ମାଧ୍ୟମରେ କିପରି କାମ କରୁଛୁ ସେ ବିଷୟରେ ମଧ୍ୟରେ ସମ୍ୟକ ଧାରଣା ଦେଇଥିଲେ । କର୍ମଶାଳାରେ ବୋଡାସମ୍ବର କୃଷକ ସଂଗଠନର ଆବାହକ ଅଶୋକ କୁମାର ସାହୁ ନିଜ ବକ୍ତବ୍ୟରେ ଜୈବିକ ଚାଷୀର ପରିଚୟ ନିଜ କ୍ଷେତରେ ଉତ୍ପାଦିତ ଫସଲ ଓ ସେଇ ଫସଲକୁ ନିଜେ ଖାଇବା ସହ ଖାଉଟିଙ୍କୁ ଜୈବିକ ପୁଷ୍ଟିଯୁକ୍ତ ଖାଦ୍ୟ ଖୁଆଇବା କଥାକୁ ଗୁରୁତ୍ୱ ଦେଇଥିଲେ। ବିନା ଚାଷୀରେ ସମାଜର ପରିବର୍ତ୍ତନ ଅସମ୍ଭବ। ତେଣୁ ଖାଉଟି ଓ ଉତ୍ପାଦକର ସେତୁ ହେବା ଜରୁରୀ। ଡାକ୍ତର ପ୍ରଫୁଲ୍ଲ କୁମାର ବାରିକ ଓ ଡାକ୍ତର ଯୋଗେନ୍ଦ୍ର ପ୍ରଧାନ ମଧ୍ୟ କିପରି ପାଣି, ମାଟି ବିଷ ପାଲଟି ଗଲାଣି ଓ ତା ସହ ମଣିଷ ଶରୀରରେ ମଧ୍ୟ ବିଷ ମିଶି ଅସୁସ୍ଥ ହେଉଛି ତାର ଉଦାହରଣ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏବେ ଅଧିକ ସଚେତନ ହେଇ ସୁସ୍ଥ ଖାଦ୍ୟ ଖାଇବା ଦରକାର। ଜୈବିକ ଉପାୟରେ ଚାଷ କରୁଥିବା ଚାଷୀମାନେ ତାଙ୍କର ଉତ୍ପାଦିତ ଫସଲ ପଦ୍ମପୁର ତଥା ନିକଟସ୍ଥ ସାପ୍ତାହିକ ବଜାରରେ ମଧ୍ୟ ବିକ୍ରୀ କରିବେ ତାର ଦାୟିତ୍ୱ ସରକାର ମଧ୍ୟ ଏ ଦିଗରେ ଦୃଷ୍ଟି ଦେବାକୁ ହେବ। ତାପରେ ଖାଉଟି ଓ ଉତ୍ପାଦକଙ୍କ ମଧ୍ୟରେ ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜୈବିକ ଚାଷ କାର୍ଯ୍ୟରେ ତଥା ଉତ୍ପାଦିତ ଜୈବିକ ପନିପରିବାର ବିକ୍ରି ବ୍ୟବସ୍ଥାରେ କଣ କଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଖାଉଟିର ସହଯୋଗ କଣ ରହିବ ସେ ବିଷୟରେ ଆଲୋଚନା ହେଇଥିଲା।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ବୃ ୧୦ମ | ୮ | ରା୭ ଶ୍ବ୬ |
| ୧୧ | ୧୦ / ୫ | ୫ |
| ୧୨ଚ ଲଗ୍ନକେ | ୨ଶୁ | ୪ ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୯।୨୦୨୪, ଆଶ୍ୱିନ ଦି୧୫ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୫।୩୭।୧୭ **ଚନ୍ଦ୍ରୋଦୟ-** ରାଘ୪।୧୬।୦୨

**ତ୍ରୟୋଦଶୀ-** ସଂଘ ୬।୦୭ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର ମଳ-** ପ୍ରାଘ ୬।୧୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ସଂଘ ୬।୧୭ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୭।୧୦ ମଧ୍ୟେ। ଦିଘ ୮।୩୯ ଗତେ ଘ ୧୧।୧୧ ମଧ୍ୟେ । **ପର୍ବୋତ୍ସବ -** ସୋମ ପ୍ରଦୋଷ ବ୍ରତ ।



**ମେଷ:** ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା ରହିଛି । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ମନ ଅସ୍ଥିର ରହିବ । ମହିଳାମାନେ ସୁଖୀ ହେବେ ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରି ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଶରୀର ସୁସ୍ଥ ରହିବ ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ଶୁଭ ଖବର ପାଇପାରନ୍ତି । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ସ୍ଥିର ରହିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ । ପରୋପକାରୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ।



**ସିଂହ:** ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ । ମନ ଅସ୍ଥିର ରହିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ କଳହ ଦେଖାଦେବାର ସୂଚନା ରହୁଛି ।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ କିଛି କରିପାରନ୍ତି । ରୋଜଗାରରେ ଉନ୍ନତି ଦେଖାଦେବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା ।



**ତୁଳା:** ଶତ୍ରୁ ନାଶ ହେବେ । ଲକ୍ଷ୍ୟ ହାସଲ କରିବା ପାଇଁ ନୂତନ ସୁଯୋଗ ମାନ ହାତକୁ ଆସିପାରେ । ରୋଜଗାର ଭଲ ହେବ। ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ଘରେ ଶାନ୍ତି ଲାଭ କରିବେ ।



**ବିଛା:** ଆୟର ପରିମାଣ ମଧ୍ୟମ ଧରଣର ହେବ । ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ବେପାର ବାଣିଜ୍ୟ ମଧ୍ୟମ ଧରଣର ଚାଲିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହବ ।



**ଧନୁ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଖର୍ଚ୍ଚର ପରିମାଣ ବଢ଼ିବ ।



**ମକର:** ସରକାରୀ ସ୍ତରରୁ ଲାଭବାନ୍ ହୋଇପାରନ୍ତି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ବିବାଦୀୟ ଘଟଣାରେ ବିଜୟୀ ହେବେ । ରୋଜଗାର ଭଲ ହେବ । ଘରେ ଶାନ୍ତି ଅବ୍ୟାହତ ରହିବ ।



**କୁମ୍ଭ:** ହଠାତ୍ କିଛି ସମସ୍ୟା ପାଇଁ ମାନସିକ ଅଶାନ୍ତି ଦେଖାଦେଇପାରେ । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ ।



**ମୀନ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ଆପଣଙ୍କର ସମ୍ପୂର୍ଣ୍ଣ ହେବ । ନୂତନ ବନ୍ଧୁ ଜୁଟିପାରନ୍ତି । ଶରୀର ସୁସ୍ଥ ରହିବ । ଆୟର ପରିମାଣ ବଢ଼ିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଲାଭ ହେବ ।

# ପ୍ରେମିକାର ଆତ୍ମହତ୍ୟା ପରେ ପ୍ରେମିକ ଜୀବନ ହାରିଲା

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

ପ୍ରେମିକାଙ୍କ ଆତ୍ମହତ୍ୟା ପରେ ପ୍ରେମିକଙ୍କ ଚରମ ପଦକ୍ଷେପ। ବେକରେ ଗାମୁଛା ଲଗାଇ ମହୁଲ ଗଛରେ ଝୁଲି ପଡ଼ିଲେ ଯୁବକ । ଏଭଳି ଏକ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା କଞ୍ଚାମେଣ୍ଡି ଅଞ୍ଚଳରେ । ମୃତକ କଞ୍ଚାମେଣ୍ଡି ଗ୍ରାମର ଯୁବକ ସଞ୍ଜୁସ୍ ଦିଗାଲ ହୋଇଥିବା ଜଣାପଡ଼ିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କଞ୍ଚାମେଣ୍ଡି ଗ୍ରାମର ଜଣେ ଯୁବତୀଙ୍କ ସହ ସଞ୍ଜୁସଙ୍କର ସମ୍ପର୍କ ଥିଲା । ଗତ ଅଗଷ୍ଟ ୧୫ ତାରିଖ ଦିନ ସମ୍ପୃକ୍ତ ଯୁବତୀ ଜଣକ ନିଜେ ଆତ୍ମହତ୍ୟା କରିଥିଲେ । ଘଟଣା ପରେ ସଞ୍ଜୁସ୍ ମାନସିକ ଚାପରେ ଥିଲେ ଏବଂ ଏଭଳି ଚରମ ନିଷ୍ପତି ନେଇ ନିଜ ଘର ଠାରୁ ୫୦୦ ମିଟର ଦୂରରେ ଥିବା ଗଜମାହା ଜଙ୍ଗଲରେ ଏକ ମହୁଲ ଗଛରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିବା କୁହାଯାଉଛି । ଗାଁ ଲୋକଙ୍କ ଠାରୁ ଖବରପାଇ କ.ନୂଆଗାଁ ପୋଲିସ୍ ଘଟଣା ସ୍ଥଳରେ ପହଁଚି ମୃତକଙ୍କ ସମ୍ପର୍କୀୟଙ୍କ ସହାୟତାରେ ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ନିଯୁକ୍ତି ସୃଷ୍ଟିରେ ଓଡ଼ିଶା ଆଗରେ

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି। ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟଓ୍ୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି । ମାଇଁ ଆରକ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି। ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍‌ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା। ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା। ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା। ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେସ୍ତୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି। ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି। ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ବିଶର ମହାନ୍ତି (୨)


ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ମିଛ ଏ ଦୁନିଆ, ଏଠି ଗୋଟିଏ ସତ୍ୟ, ଜଗନ୍ନାଥ। ସଂସାର, ବନ୍ଧନ, ଧନ, ଯଉବନ, ଜୀବନ, ବନ୍ଧୁ ଦାରା ସୁତ, ସବୁ ମିଛ, ଅଳିକ, ଗୋଟେ ଗୋଟେ ମରୀଚିକା। ସେଇ ଜଗନ୍ନାଥ, ଓଡ଼ିଶାର ଜାତୀୟ ଦେବତା, କାହା ପାଇଁ କାଳିଆ ଠାକୁର, ତାଙ୍କୁ କିଏ ଦେଖେ କାଠଗଣ୍ଡିରେ। କିଏ କହେ ଦାରୁ ଦେବତା, ସଗୁଣ, ନିର୍ଗୁଣ, ନିରାକାର, ନିରଞ୍ଜନ, ପରମାତ୍ମା - ଏମିତି ବହୁ ଭାବରେ ତାଙ୍କୁ ଜଗତ ଜାଣେ। ଓଡ଼ିଶାର ଗେହ୍ଲାପୁଅ କାଳିଆ, କାଳିଆ ଦିଅଁ। ଜଗନ୍ନାଥଙ୍କୁ ନେଇ ଓଡ଼ିଶାର ସଂସ୍କାର, ସଂସ୍କୃତି, ଚଳଣି, ସବୁକିଛି। ସାଧାରଣ ମଣିଷଟି ପରି ତାଙ୍କର ଜୀବନଚର୍ଯ୍ୟା। ତାଙ୍କ ଜନ୍ମ; ଘଟପାଲଟାକୁ ନେଇ ନାନାଦି ଚର୍ଚ୍ଚା। ସାଧାରଣ ଓଡ଼ିଆଟି ପରି ତାଙ୍କର ଘଟ ପରିବର୍ତ୍ତନ। ନବକଳେବର, ଯୋଡ଼ା ଆଷାଢ଼ରେ ଏଇ ଅନନ୍ୟଲୀଳା। ପୁରୁଣା ବିଗ୍ରହମାନେ ପାତାଳି ହୁଅନ୍ତି, ଧନ୍ୟ ହୁଏ କୋଇଲି ବୈକୁଣ୍ଠ। ନୂତନ ବିଗ୍ରହ ନିର୍ମାଣ ହୁଏ, ତନ୍ମଧ୍ୟରେ ବ୍ରହ୍ମ ସଂସ୍ଥାପନ - ଏସବୁ ଜନ୍ମମୃତ୍ୟୁର ତତ୍ତ୍ୱ। ଠିକ୍ ସେମିତି ମଣିଷର ଜୀବନଧାରା, ଜନ୍ମ, କୈଶୋର, ଯୌବନ, ବାର୍ଦ୍ଧକ୍ୟ। ଶରୀର ପିଞ୍ଜରା ଜୀର୍ଣ୍ଣ ହୁଏ, ଆତ୍ମା ପକ୍ଷୀ ଉଡ଼ିଯାଏ, ମିଶେ ପରମାତ୍ମାରେ। ପିଣ୍ଡ ପଞ୍ଚଭୂତରେ ବିଲିନ ହୁଏ, ପୁନଃ ପ୍ରବେଶ କରେ ଆଉ ଗୋଟେ ଘଟରେ। ଏ ସବୁ ଜନ୍ମ ମୃତ୍ୟୁର ରହସ୍ୟ। ମୃତ୍ୟୁ ଏକ ଚିରନ୍ତନ ସତ୍ୟ, ଏହାକୁ ଜାଣି ବି ମଣିଷ ଅଜଣା। କିଏ ତାକୁ ଭୟାନକ, ବିଭତ୍ସ କହେ; କିଏ ବନ୍ଧୁ, ସଖା, ସୁହୃଦ କହି ଆଦରି ନିଏ। ଡରୁଆମାନଙ୍କ କଥା ସ୍ୱତନ୍ତ୍ର। ବୟସ ଗଡ଼େ, ମୁହଁରୁ ରଙ୍ଗ ଉଡ଼େ, କେଶ ପକ୍ୱ ଧରେ। ତାକୁ ଲୁଚାଇବା ପାଇଁ ଚାଲେ ପ୍ରୟାସ, ମୂଢ଼ ମତି ବୁଝେନା। ସବୁ ପ୍ରସାଧନ ଭିତରୁ ମୁରୁକି ହସେ ଜରା ବାର୍ଦ୍ଧକ୍ୟ। ଏଣିକି ଅନ୍ତିମ ଯାତ୍ରା ଅନିବାର୍ଯ୍ୟ। ଏକଥାକୁ ବୁଝିନାହାନ୍ତି ସୁପ୍ରିୟା, ଦେବବ୍ରତା। 'ବିଶର ମହାନ୍ତି' ଗପରେ ଏଦୁଇଟି ଚରିତ୍ର, ଗପଟିର ଲେଖକ ରବି ପଟ୍ଟନାୟକ। ସେଇମାନଙ୍କ ମଧ୍ୟରେ ଗାନ୍ଥିକ ବାଢ଼ିଛନ୍ତି ଜନ୍ମମୃତ୍ୟୁର ତତ୍ତ୍ୱକୁ, ବଖାଣିଛନ୍ତି ଜଗନ୍ନାଥ ସଂସ୍କୃତି-ମହାତ୍ମ୍ୟକୁ।

ମଣିଷ ମୃତ୍ୟୁକୁ ଡରେ। ଡରିଛନ୍ତି ଦେବପ୍ରିୟ। ବାର୍ଦ୍ଧକ୍ୟ ଛୁଇଁଲାଣି, ତଥାପି ଅନେକ କାମ ଅଧୁରା, ଆଗକୁ ଦି'ଦିଟା ପ୍ରମୋଶନ। ଏମିତି ଭାବି ଚାଲିଛନ୍ତି ଦେବପ୍ରିୟ। ପୁରୀ ସମୁଦ୍ରକୂଳ, ଶୀତତାପ ନିୟନ୍ତ୍ରିତ ହୋଟେଲ କୋଠରୀ। ଆଗରେ ଅଗାଧ ସମୁଦ୍ର, ଆକାଶର ନୀଳିମା ସହ ଏକ ଏକାକାର। ସ୍ୱର୍ଗଦ୍ୱାର କେଇ ହାତ ଦୂର ମାତ୍ର। ଜଳୁଛି ପିଣ୍ଡ, କଦର୍ଯ୍ୟ, ବୀଭତ୍ସ ବାସ୍ନା, ଅଣନିଃଶ୍ୱାସ ଲାଗୁଛି। ଉଠୁଛି ଧୂମ କୁଣ୍ଡଳୀ, ମିଶି ଯାଉଛି ଅନନ୍ତ ଅକାଶରେ। ସମୁଦ୍ରର ଗର୍ଜନ, ଲହରୀ ପରେ ଲହରୀ। ଅବିଶ୍ରାନ୍ତ, ଅବିରାମ। ଗୋଟେ ଅର୍ଦ୍ଧପାଗଳିଆ ବାବାଜୀ, ଦେହ ଫୁଙ୍ଗୁଳା ଲଙ୍ଗଳା, ସ୍ୱର୍ଗଦ୍ୱାର କାନ୍ଥକୁ ଆଉଜି ବସିଛି, ମଝିରେ ମଝିରେ ହସିହସି ଗଡ଼ିଯାଉଛି, ମନହେଲେ ଧୂମ୍ ଖଞ୍ଜଣି ମାଡ଼ କରୁଛି, ଗାଉଛି ମନବୋଧ ଚଉତିଶାରୁ ପଦଟିଏ - "ଛ ଖଣ୍ଡି କାଠ ହେବ ତୋ' ପାଇଁ ଲୋଡ଼ା" - ଏଇ ଗୀତ ପଦକ ସୂଚୀବିଦ୍ଧ କରୁଛି ଦେବପ୍ରିୟକୁ। ଏ ସବୁ ସ୍ୱର୍ଗଦ୍ୱାରର ନିତିଦିନିଆ ଦୃଶ୍ୟ, କାହିଁ କେତେ ଆଉ ଆସୁଛନ୍ତି ଶବବାହକମାନେ, କାନ୍ଧରେ ମୃତପିଣ୍ଡ, ମୁଖରେ 'ରାମ ନାମ ସତ୍ୟ', ଜ୍ଞାତି ବନ୍ଧୁକୁଟୁମ୍ବଙ୍କ ଆଖିରେ ଆଖିଏ ଲୁହ, ମୁହଁ ବିଷାଦଗ୍ରସ୍ତ। ଛିଣ୍ଡି ଯାଇଛି ନାଭି ନାଡ଼ିର ସମ୍ପର୍କ। ଆତ୍ମାର ବନ୍ଧନ ତୁଟିଛି। ପିଣ୍ଡ ସ୍ୱର୍ଗଦ୍ୱାରରେ, ମୋକ୍ଷ ପାଇଁ ଚାଲିଛି ଶବଦାହ। ଦେବପ୍ରିୟ ଦିନେ ଏଇ ଅବସ୍ଥାକୁ ପ୍ରାପ୍ତ ହେବ। ଏମିତି ଅଶ୍ୱସ୍ତିକର ଭାବନା, ଗୁଡ଼େଇ ତୁଡ଼େଇ ହେଉଛି ତା' ଦିହସାରା। ସମୁଦ୍ରର ସେଇ ଫେଣାକ୍ତ ଢେଉଗୁଡ଼ିକ, ଜିଭ ଲହଲହ କରି ମାଡ଼ି ଆସୁଛି। ବିକଟାଳ ଗର୍ଜନ, ଚାରିଆଡ଼େ ଗଭୀର ନୀଳ ବର୍ଣ୍ଣର ଅନ୍ଧାର। ଏଇ ଅନ୍ଧାର ଭିତରେ ସଭା ହରେଇବେ ଦେବପ୍ରିୟମାନେ, ଜନ୍ମ ନୁହେଁ ମୃତ୍ୟୁ ହିଁ ଚିରନ୍ତନ ସତ୍ୟ। ଏଇ କଥାଟି ଜଗନ୍ନାଥ ସଂସ୍କୃତିରେ ପ୍ରକଟିତ। ଛାର ମାନବ କାହୁଁ ଏଡ଼ି ପାରିବ ଏ ଶାଶ୍ୱତ ତଥ୍ୟକୁ, ଆପଣାକୁ ବଞ୍ଚେଇ ପାରିବ ମହାକାଳ କବଳରୁ?

ଜୀବନରେ ଅନେକବାର ଦିଅଁଦେଖା, କିନ୍ତୁ କାଳିଆର ଦର୍ଶନ ସ୍ୱତନ୍ତ୍ର। କିଏ ତାକୁ ମାଗେ ଅଣିମାଦି ଅଷ୍ଟରତ୍ନ, ଭୋଗ ବିଳାସ, ଐଶ୍ୱର୍ଯ୍ୟ। କାହାର ମୋକ୍ଷ ପାଇଁ ବିକଳ, ଆକୁଳ ପ୍ରାର୍ଥନା। ଆଉ କିଏ ଦର୍ଶନ ପାଇ ଦର୍ଶନ କରୁଛି। କିଏ ଶ୍ରୀମନ୍ଦିର ଶିଳ୍ପଭାସ୍କର୍ଯ୍ୟର ତତ୍ତ୍ୱାନୁସନ୍ଧାନ କରେ। ଦେବପ୍ରିୟ ପୁରୀ ଆସେ, ଦିଅଁ ଦର୍ଶନ କରେ, କିଛି ଭାବେନି, ଗତାନୁଗତିକ ଦର୍ଶନ, ଫେରେ କର୍ମସ୍ଥାନକୁ। ଆଜି ସେ ଭାରି ଏକାଟିଆ, ଖାଁ ଖାଁ ଲାଗୁଛି, ସ୍ୱର୍ଗଦ୍ୱାର ଶବଦାହ ଦୃଶ୍ୟ, ତା' ମନକୁ ଆନ୍ଦୋଳିତ କରୁଛି, କଣ୍ଟାହେଇ ଦିହରେ ଗଳି ଯାଉଛି। ଆଜି ସେ ଖୋଜୁଛି ଶ୍ରୀମନ୍ଦିରର ଅସ୍ତିତ୍ୱ, ଖୋଜୁଛି ଚିରନ୍ତନ ସତ୍ୟକୁ, ଦେଖୁଛି ଜଗନ୍ନାଥଙ୍କୁ, ଆଲୋକ ଅନ୍ଧକାର ଭିତରେ, ଦୀପଜ୍ୟୋତିରେ, ଧୂପ, ଝୁଣାର ଧୂମକୁଣ୍ଡଳୀରେ, ପ୍ରତି ପ୍ରସ୍ତର ଗାତ୍ରରେ, ନିଜ ଅନ୍ତସ୍ଥଳରେ। କେତେ କେତେ ତଥ୍ୟ, ତତ୍ତ୍ୱ ଉଙ୍କି ମାରୁଛି ତା' ମନରେ।

ଜଗନ୍ନାଥ କ'ଣ ସତ୍ୟ! ଅଦ୍ଭୁତ! ଛତିଶି ବର୍ଷର ଜୀବନ, କେତେଥର ତାଙ୍କୁ ଦେଖିଛି ଦେବପ୍ରିୟ, ଫୁଲ ଚଢ଼େଇଛି, ପ୍ରମାଣ କରିଛି, ନିଷ୍ପ୍ରାଣ ପ୍ରତିମା ଭାବେ ଗ୍ରହଣ କରିଛି। କେବେ ତ ତାଙ୍କୁ ବିଶ୍ଳେଷଣ କରିନି। ଆଜି ଖୋଜୁଛି ଜଗନ୍ନାଥଙ୍କୁ, ତାଙ୍କର ଅସ୍ତିତ୍ୱ ସନ୍ଧାନରେ ଲାଗି ପଡ଼ିଛି। ବିକଳ, ଆକୁଳ ପ୍ରାଣ, ହାତରେ ଫୁଲ ପେଣ୍ଟା, ଚକ୍ଷୁ ମୁଦ୍ରିତ। ବିଚିତ୍ର ଭାବେ ରଙ୍ଗବୋଳା ସେ ମୂର୍ତ୍ତି, ଆଦି ମାନବର ପ୍ରସ୍ତର ଚିତ୍ରପରି ପ୍ରତିୟମାନ। ଏ ତ ମୂର୍ତ୍ତି! ଦେବତା କାହିଁ? ସତ୍ୟ କାହିଁ? ତାଙ୍କର ସମସ୍ତ ପରିବର୍ତ୍ତନକୁ ସତ୍ୟ ଭାବେ ଗ୍ରହଣ କରାଯାଇଛି; କିନ୍ତୁ କେଉଁଟି ସତ୍ୟ? ଭାବି ପାରୁନି ଆଗକୁ ଦେବପ୍ରିୟ, ମୁଣ୍ଡ ଘୁରି ଯାଉଛି, ପାଦ ଟଳୁଛି, ନିଜକୁ ବି ସେ ପ୍ରଶ୍ନ କରୁଛି, ସେ କିଏ? ସମୁଦ୍ର ଉତ୍ତର ଦେଉଛି, ସେ ତୁ, ସେ ମୁଁ, ସେ ଆମେ ଦୁହେଁ!

ଆଜିର ଜଗନ୍ନାଥ, ଅତୀତର ବୁଢ଼ା ନିମଗଛ, କାହିଁ କେତେ ବର୍ଷର। ସମସ୍ତେ ଦେଖିଥିଲେ। ତା'ରି ଭିତରେ ଜଗନ୍ନାଥ ଥିଲେ, କେହି ବୁଝି ନ ଥିଲେ। ଜଣେ ଉଦ୍ଭିଦ ବିଜ୍ଞାନୀ ପକ୍ଷରେ ନିମ୍ବଗଛଟା ଗୋଟେ ସ୍ପେସିସ୍, ଏଇଟି ଲାଟିନ୍ ଶବ୍ଦ, ଏଥିରେ ଶହ ଶହ ଜୀବକୋଷ। ଜାଇଲେମ୍, ଫ୍ଲୋଏମ। ପ୍ରତି ପତ୍ରରେ ଶିରା ପ୍ରଶିରାରେ। ଫୁଲ ଫଳ, ତା' ଜୀବନ ବୃତ୍ତର ଇତିହାସ, ତାହା ପାଇଁ ସତ୍ୟ। ପଶୁ ପକ୍ଷୀ ମଣିଷ, ତାଙ୍କ ପାଇଁ ନିମଫଳ ପିତା। ତାଙ୍କ ପାଖରେ ନିମର ତିକ୍ତତା ସତ୍ୟ। କାଠକୁ ନେଇ ବଢ଼େଇ ଦିଅଁ ଗଢ଼େ। ଦେଖେନା, ବୁଝେନା, ଫୁଲ ଫଳ କଥା, ଗୋଲାକାର କାଠଗଣ୍ଡି ଚାରିକୋଣିଆ, ଲମ୍ବ, ଓସାର, ଇଞ୍ଚ, ଫୁଟ। ତାକୁ ମାପି, ଯୋଖି ଗଢ଼େ ଦାରୁଦେବତା। ମାପେ ସାଇଜ୍ କରେ, ଚାଞ୍ଛେ, ପାଲିସ କରେ। ସେ ଜଗନ୍ନାଥଙ୍କୁ ଦେଖିନି। ଏକ ନିର୍ଦ୍ଦିଷ୍ଟ କାଠମୂର୍ତ୍ତି, ସିଏ ଗଢ଼ିଛି, ତାହାହିଁ ତା' ପାଇଁ ସତ୍ୟ। ଚିତ୍ରକର ରଙ୍ଗବୋଳେ, ତାଙ୍କ ରଙ୍ଗର କଳ୍ପନା ସତ୍ୟ। ପଣ୍ଡା, ପଡିହାରୀ, ସେବକ, ପୂଜାରୀ, ତାଙ୍କ ପାଇଁ ଯାତ୍ରୀ ସତ୍ୟ। ଏମିତି ଜଗନ୍ନାଥଙ୍କୁ ନେଇ ନାନାଦି ସତ୍ୟ, ଯାହା ପରିବର୍ତ୍ତନଶୀଳ। ଏକ ନିର୍ଦ୍ଦିଷ୍ଟ ସତ୍ୟ ବିନୁ ଶହଶହ ଉପସତ୍ୟ। ସମସ୍ତଙ୍କ ପାଇଁ ସେ ପତିତପାବନ ଦୀନତାରଣ, ଦୁଃଖନାଶନ ନୁହନ୍ତି। ଯେ ଯେମିତି ଦେଖେ, ବୁଝେ, ଯେମିତି ଦେଖାଯାଆନ୍ତି କଳାଠାକୁର। ଐତିହାସିକର ଦୃଷ୍ଟି ସ୍ୱତନ୍ତ୍ର, ସେ ଦେଖେ ତାଙ୍କୁ ଅଲଗା ରୂପରେ। କିଏ କହେ ସେ ବୁଦ୍ଧଙ୍କର ଅପଭ୍ରଂଶ, ଜଗନ୍ନାଥଙ୍କ ନାଭି କମଳରେ ବ୍ରହ୍ମ। କିଏ କହେ ବୁଦ୍ଧଙ୍କ ଦନ୍ତ ଅବା ଜୀବନ୍ତ ଶାଳଗ୍ରାମ। କିଏ କିଛି ବୁଝନ୍ତିନି, ଚାଲେ ଅନ୍ଧ ଛ' ଜଣଙ୍କର ହାତୀଦେଖା। ଯାତ୍ରୀଙ୍କ କଥା ନିଆରା। ଦାରୁବ୍ରହ୍ମଙ୍କୁ ଦେଖି ସେ ବିହ୍ୱଳ। ତାଙ୍କ ପାଇଁ ଜଗନ୍ନାଥ ଭଗବାନ, କୈବଲ୍ୟଦାତା, ନିର୍ଲିପ୍ତ, ନିର୍ଗୁଣ ବ୍ରହ୍ମ। କିଏ ତାଙ୍କୁ କହେ ଦୟାଳୁ, କ୍ଷମାଶୀଳ, ପରମକାରୁଣିକ, ଶତ୍ରୁ, ପାପୀର ଦଣ୍ଡ-ବିଧାତା, ପାପୀର ମୁକ୍ତିଦାତା, ଧାର୍ମିକର ରକ୍ଷାକର୍ତ୍ତା। ଏ ପ୍ରକାର ନାନାଦି ଚିନ୍ତନ। ଦେବପ୍ରିୟ ମୁଣ୍ଡ ଭ୍ରମି ଯାଉଛି। ଆଗକୁ ଭାବି ପାରୁନି। ତାହାଲେ କିଏ ସେଇ ଜଗନ୍ନାଥ? ଗୋଟାଏ ନିଷ୍ପ୍ରାଣ କାଠ ପୁତୁଳା ନା ମହାନ ଦେବତା?

ସତ୍ୟ, ଅଚଳ, ଅଟଳ, ଅବିନେଶ୍ୱର, ଅପରିବର୍ତ୍ତନୀୟ। କିନ୍ତୁ ଜଗନ୍ନାଥଙ୍କୁ ନେଇ ସବୁ ତତ୍ତ୍ୱ ସତ୍ୟ ନୁହେଁ। ଯିଏ ଯେପରି ଦେଖୁଛି, ତାହା ପାଇଁ ସେଇ ସତ୍ୟ, ଆଜିର ସତ୍ୟ ଏକ ବୈୟକ୍ତିକ ସତ୍ୟ, ସବ୍‌ଜେଟିଭ୍ ରିୟଲିଟି, କାହିଁ ସେଇ ସତ୍ୟ, ଯେ ସ୍ଥିର ନିର୍ଲିପ୍ତ, ନିର୍ବିକାର, ନିର୍ଗୁଣ, ନିରାକାର ଚିରନ୍ତନ। ଦେବପ୍ରିୟ ଭାବୁଛି - "ଦେବତା ମିଛ। ସତ୍ୟ ମିଛ। ଜଗନ୍ନାଥ ମିଛ। ସତ୍ୟ ସ୍ଥିର ବୋଲି କିଛି ନାହିଁ। ସବୁ କେବଳ ଏଇ ବର୍ତ୍ତମାନର ସତ୍ୟ - ବ୍ୟକ୍ତିଗତ ସତ୍ୟ।" କାରଣ ପ୍ରତିଟି ଅବସ୍ଥାରେ ନିତ୍ୟ ନୂତନ, ନୂତନ ସତ୍ୟକୁ ଅନୁଭବ କରିଛି ଦେବପ୍ରିୟ। ସେଇଥିରେ କାମନା, ବାସନା, ମିଥ୍ୟା ଅହମିକା। ଏଇ ତକ ସତ୍ୟ। ଆଉ ସବୁ ତା' ପାଇଁ ବାଜେ କଥା, ମୁଣ୍ଡ ଗୋଳମାଳିଆ ଭାବନା।

ଦେବପ୍ରିୟ ଢେର୍ ବହି ପଢ଼ିଛି, ପୋଥି ଜ୍ଞାନ ଆହରଣ କରିଛି; କିନ୍ତୁ ଜଗନ୍ନାଥଙ୍କୁ ସେ ବୁଝିପାରୁନି। ସେ ଯାଏ ଲମ୍ଫିପାରିନି ତା' ପାଠ, ସବୁ ଅଧୁରା, ଅପୂର୍ଣ୍ଣ। ସେ ପାର୍ଥିବ ସୁଖ, ବିଳାସରେ ବିଭୋର। ତା'ରି ଭିତରେ ମାନବିକତାର ଶୃଙ୍ଖଳ। ଏଇ ଦୃଶ୍ୟମାନ ପୃଥିବୀ। ପୃଥିବୀରେ ସମସ୍ତ ଅବସ୍ଥା, ଏହା ସତ୍ତ୍ୱେ; ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼େ। ଜାତି ଜାତି ବୃକ୍ଷରାଜି, ଭଳିକି ଭଳି ପଶୁପକ୍ଷୀ, ଜୀବଜନ୍ତୁ, ତଥାପି ନିଃସଙ୍ଗତା, ଏକାକୀତ୍ୱକୁ ନେଇ ଚଳିବାକୁ ହୁଏ। କ୍ଷଣ ପରିବର୍ତ୍ତନଶୀଳ ଏ ସୃଷ୍ଟି, ଏହାର ରହସ୍ୟ ଉନ୍ମୋଚନ ପାଇଁ ସେ କେବେ ବି ଚେଷ୍ଟା କରିନି। ସେ ଦୃଢ଼ ନିଶ୍ଚିତ, ସ୍ଥିର ସତ୍ୟ ବୋଲି କିଛି ନାହିଁ, ସବୁ ପରିବର୍ତ୍ତନଶୀଳ। ଏମିତି ଅଜସ୍ର, ଅବାନ୍ତର ଚିନ୍ତା, ଅମୂଳକ ଭାବନା। ଜଗନ୍ନାଥ ବ୍ରହ୍ମ, ନିର୍ଗୁଣ, ନିରାକାର, କାଠଗଣ୍ଡି ଭିତରେ କ'ଣ ମିଳିବେ ସେ? ଜଗନ୍ନାଥଙ୍କ ନବକଳେବର ଆଉ ହେବନି? ତାକୁ ନେଇ ପ୍ରସ୍ତ ପ୍ରସ୍ତ କୁସଂସ୍କାର, ଅନ୍ଧବିଶ୍ୱାସ ମିଳେଇଯିବ। କୁଢ଼ କୁଢ଼ ଭଣ୍ଡାମି ମରି ହଜିଯିବ, ସାମ୍ପ୍ରଦାୟିକ ବିଭେଦତା ଦୂର ହେବ, ସେ ନିର୍ଦ୍ଦିଷ୍ଟ ଧର୍ମର ଠାକୁର ହେବେନି, ସେ ସର୍ବମୟ, ସର୍ବବ୍ୟାପକ, ପ୍ରତ୍ୟେକଙ୍କ ପାଇଁ ସମାନ, ସାମ୍ୟ ମୈତ୍ରୀ, ଶାନ୍ତି, ପ୍ରୀତିର ପ୍ରତୀକ। ନିଶା ଗର୍ଜୁଛି, ସମୁଦ୍ର ମାତିଛି। ରାତ୍ରିର ଅସମ୍ଭବ ନିରବତା, ଜଗତ ସୁସୁପ୍ତ, ଦେବପ୍ରିୟ ଚିତ୍କାର କରୁଛି, "ଭାଙ୍ଗ, ଭାଙ୍ଗ, ଭାଙ୍ଗିଯାଉ କଳେବର, ଜଳିଯା, ପୋଡ଼ିଯା, ରଙ୍ଗବେରଙ୍ଗର କାଠ ମୂର୍ତ୍ତି। ସମୁଦ୍ରର ଅନ୍ତହୀନ ବାଲୁକାଶଯ୍ୟାରେ ଜଳି ଯାଉ - ଧ୍ୱଂସ ହେଇ ଯାଉ ସେଇ ଜଡ଼କାଠଟା। ସେଇ ଚିତା ସଙ୍ଗେ ଜଳିଯାଉ ଯେତେ ଭଣ୍ଡାମି, ଅନାଚାର, ଯେତେ କୁସଂସ୍କାର ଆବର୍ଜନା।"

ଆକାଶରେ ଉତ୍ତପ୍ତ ଆଲୋକ, ଚିତାର ନିଆଁ ଆକାଶ ଧରିଲାଣି। ସେଇ ଆଲୋକ, ଲାଲ୍-ଲାଲ୍ ଗାଢ଼ ଲାଲ, ଚିରଚଞ୍ଚଳ ଲହରୀମାଳା ଶାନ୍ତ, ସେଇ ନିଆଁରେ ନିଜେ ବି ଜଳୁଛି ଦେବପ୍ରିୟ। ତା'ରି ଭିତରେ ବାହାରି ଆସୁଛି କ୍ଷୁଦ୍ରକାୟ ମଣିଷଟିଏ, ମୁହଁରେ ସ୍ମିତହସ। ସିଏ କହୁଛି - ଜଗନ୍ନାଥ କାଠଗଣ୍ଡି ଭିତରେ ନାହାନ୍ତି। ଧର୍ମ ପ୍ରତିଷ୍ଠାନ ଠାରୁ ସେ ବହୁ ଦୂରରେ, ସବୁ ସମ୍ପ୍ରଦାୟର ସେ ଊର୍ଦ୍ଧ୍ୱରେ। ସେ ଅଛନ୍ତି ପ୍ରତିଟି ମଣିଷ ଭିତରେ, ହୃଦୟର ନିଭୃତ କକ୍ଷରେ। ତା'ରି ଭିତରର ବିଶ୍ୱାସ, ଜନ୍ମ ଦେଇଛି ମହାନ ଦେବତାକୁ। ଦେବପ୍ରିୟ ପ୍ରଶ୍ନ କରୁଥିଲା ସେ ଅଚିହ୍ନା ମଣିଷକୁ। ଜାଣିବାକୁ ଚାହୁଁଥିଲା ତା'ର ଅସଲ ପରିଚୟକୁ। ଲୋକଟି ହସିହସି କହୁଥିଲା - 'ମୁଁ ବିଶର ମହାନ୍ତି।' ମୁଁ ଦେଖିଛି! କଳାପାହାଡ଼ କବଳରୁ ବ୍ରହ୍ମ ନେଇ ପହଞ୍ଚେଇଛି କୁଜଙ୍ଗ ଗଡ଼ରେ। ସେଇ ବ୍ରହ୍ମ, ସତ୍ୟ, ସନାତନ। ସେ ସକଳ ଘଟରେ। ଭାଗବତ ପରା କହେ - ସକଳ ଘଟେ ନାରାୟଣ...।" ହିରଣ୍ୟକଶ୍ୟପୁ ପାଇଁ ସେ ଖମ୍ବରେ, ସାଧାରଣ ଭକ୍ତଟିଏ ପାଇଁ କାଠପିଣ୍ଡରେ। ସେ ଦାରୁଦେବତା, ପରଂବ୍ରହ୍ମ, ସେହି ହିଁ ଚିରନ୍ତନ ସତ୍ୟ।

# ବିପ୍ଳବୀ ଭଗତ ସିଂ


ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫



ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ୍ୟ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ। ସେହି ପୁଣ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତ୍ତି। ଦେଶପ୍ରେମ ଏକ ଦିବ୍ୟ ଚେତନା। ଯେଉଁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ। ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତ୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ। ଭଗତ୍ ସିଂ ଜେଜେବାପା ଅର୍ଜ୍ଜୁନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ। ତାଙ୍କର ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା। ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ। ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ। ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ। ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ। ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା। ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ। ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ। ସେ କହୁଥିଲେ 'ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ। ଏହି କଲେଜର ଉଦ୍ଦେଶ୍ୟ ଥିଲା। ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡ଼ମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ। ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ। ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା। ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା। ଦେଶ ମାତୃକା ପାଇଁ ଜୀବନ ଦେଇଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା। ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି 'କୃଣ/୪ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ। ଏହି ନିଟକରେ ଇଂରେଜମାନଙ୍କୁ

କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା। ଏହି ନାଟକଟି ସରକାରଙ୍କ ବିରୋଧି ହେଲା। ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ। ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣୀରେ ନାମ ଲେଖାଇଲେ। ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ। ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି। ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା। ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ଥ କରିଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ। ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ। ସେ ବିଭା ହୁଅନ୍ତେ କିପରି? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି। ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ। ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ। ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ। କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକୁ ଚିଠି ଲେଖିଲେ। ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ କରାଯିବ ନାହିଁ। ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ। ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ। ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା। ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂହର୍ତ୍ତଥିଲା। ସତେ କି ମଣିକାଞ୍ଚନର ଅପୂର୍ବ ମିଳନ ଘଟିଲା। ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ। ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା। ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ। ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ। ତାଙ୍କର ପଇସାର ଅଭାବ ନଥିଲା। ଅନ୍ୟାୟକୁ ପ୍ରଶ୍ରୟ ଦେଲେ ନାହିଁ। ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ। ୧୯୨୮ ମସିହାରେ ସାଇମନ କମିଶନ ଭାରତ ଆସିଥିଲେ। ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ। ଭାରତୀୟମାନେ ଏହାକୁ ବିରୋଧ କଲେ। ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ। ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିଟେଣ୍ଡେଟ୍ ସ୍କଟ୍ ଓ ଜେ.ପି ସାଣ୍ଡର୍ସ ସାହେବ ଲାଠି ଚଲାଇଲେ। ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ। ଦେଶରେ ଶୋକର ଛାୟା ଖେଳିଗଲା। ଭଗତ୍ ସିଂ କାନ୍ଦି ଉଠିଲେ। ପ୍ରତିଶୋଧ ନେବା ପାଇଁ ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲିକାନ୍ ଆର୍ମି ନାମକ ଏକ ସଙ୍ଗଠନ ଗଢାହେଲା। ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଳବୀ ଯୋଗଦେଲେ। ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଜେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା। ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ। ରାଜଗୁର, ସୁଖଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ। ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତହେଲା। ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇ ଦେଲେ। ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ। ବିପ୍ଳବୀମାନଙ୍କ ଇନ୍‌କିଲାବ ଜିନ୍ଦାବାଦ୍ ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା। ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ। ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର। ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ। ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା। ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ। ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ। ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ। ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ। ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ। ଭଗତ୍ ସିଂ କହିଲେ- ମାଜଷ୍ଟ୍ରେଟ ସାହେବ ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି। ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି। ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଞ୍ଚ ଉପରକୁ ଉଠି ପଡିଲେ। ଫାଶୀ ଦଉଡିକୁ ଚୁମ୍ବନଦେଇ ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ ନାରା ଦେଲେ। ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ। ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ। ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ। ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ। ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି, ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ସେପ୍ଟେମ୍ବର ୨୦୨୪ ସୋମବାର









# ଜବରଦଖଲ ଉଚ୍ଛେଦ ବେଳେ ବେଆଇନ୍ ବାଣ କାରଖାନା ଠାବ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ଜିଲ୍ଲା ଅସୁରେଶ୍ୱରର ପୂର୍ବଂଶ କୁଳଗାଁଇଶାଳ ଠାରେ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ କରାଯାଇଛି । ବାଉଣ୍ଡରୀ ପାଚେରୀ ଏବଂ ଏକ ଚାଳ ଘରକୁ ଭାଙ୍ଗିଛି ପ୍ରଶାସନ । ଉଚ୍ଛେଦ ବେଳେ ଏକ ଚାଳ ଘରୁ ବିପୁଳ ପରିମାଣର ବେଆଇନ୍ ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ନିଶ୍ଚିନ୍ତକୋଇଲି ପୋଲିସ ଗିରଫ ବେଆଇନ୍ ବାଣ କାରଖାନାର ମାଲିକ ହେଲେ ରାମଚନ୍ଦ୍ର ସେଠୀ । ବେଆଇନ୍ ଭାବେ ସରକାରୀ ଜମିରେ ଏକ ଚାଳ ଘର ନିର୍ମାଣ କରି, ଦୀର୍ଘ ଦିନରୁ ବେଧଡକ୍ ଭାବେ ଚାଲିଥିଲା ବେଆଇନ୍ ବାଣ କାରଖାନା । ଏହି ବେଆଇନ୍ ବାଣ ତିଆରି କାରଖାନା ନିକଟରେ ସଂସ୍କୃତ ବିଦ୍ୟାଳୟ, ସରକାରୀ ଗୋଦାମ ଘର, ଅଙ୍ଗନବାଡି କେନ୍ଦ୍ର, ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଗ୍ରାମ ଦେବତାଙ୍କ ମନ୍ଦିର ଅବସ୍ଥିତ ଥିଲାବେଳେ କିଭଳି ଶ୍ରୀ ସେଠୀ ଏଠାରେ ଦୀର୍ଘ ଦିନରୁ ବେଆଇନ୍ ବାଣ ତିଆରିକରୁଥିଲେ ତାକୁ ନେଇ ସୃଷ୍ଟି ହୋଇଛି ବଡ଼ ପ୍ରଶ୍ନବାଚୀ ।

# କମ୍ପ୍ୟୁଟର ଓଜନ ମାପ ଯନ୍ତ୍ରରେ ଖାଉଟିଙ୍କୁ ଶୋଷଣ:ପ୍ରଶାସନ ନୀରବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡିଲର, ବ୍ୟବସାୟୀ, ସୁନା ଦୋକାନୀ, ଗ୍ରୋସରୀ ଦୋକାନ, ମାଛ, ମାଂସ ଦୋକାନ ମାନଙ୍କରେ ଏବେ କମ୍ପ୍ୟୁଟର ଓଜନ ମାପ ଯନ୍ତ୍ର ଲଗାଯାଇଛି । ତାହାର ସଠିକ୍ ମାପକୁ ନେଇ ଖାଉଟିମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି । ଅନେକ ଦୋକାନୀ ଦୋକାନ ମଧ୍ୟରେ ଓଜନ ଯନ୍ତ୍ର ରଖିଥିଲେ ମଧ୍ୟ ଓଜନ ସମୟରେ ଖାଉଟିମାନେ କେତେ ପରିମାଣରରେ ଜିନିଷ ଆଣିଲେ ତାହାର ସଠିକତା ଜାଣି ପାରୁନାହାଁନ୍ତି । ଅପରପକ୍ଷରେ ଓଜନ ମାପର ସଠିକତାକୁ ନେଇ ଦାୟିତ୍ୱରେ ଥିବା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଅପରପକ୍ଷରେ ଚର୍ଚ୍ଚା ହେଉଛି ଡିଲରମାନେ କଣ୍ଟ୍ରୋଲ୍ ସାମଗ୍ରୀ ପ୍ରଦାନ ସମୟରେ ସଠିକ୍ ଓଜନର ଚାଉଳ ପ୍ରଦାନ କରୁନାହାଁନ୍ତି । ଗୋଟିଏ ଦୋକାନରେ ଓଜନ କରି ଆଣିଥିବା ଜିନିଷ ଅନ୍ୟ ଦୋକାନରେ ଓଜନ କଲେ ଓଜନ କମୁଛି । ସୁନା ଦୋକାନଗୁଡିକରେ ବ୍ୟବହାର କରାଯାଉଥିବା କମ୍ପ୍ୟୁର ଓଜନ ଯନ୍ତ୍ରର ସଠିକତାକୁ ନେଇ ମଧ୍ୟ ଲୋକମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ଏଣୁ ଓଜନ ମାପ ବିଭାଗ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ସମସ୍ତ ଦୋକାନ, ଡିଲର ପଏଣ୍ଟ, ଧାନ ଚାଉଳ ମୁଗ ବ୍ୟବସାୟୀ ବ୍ୟବହାର କରାଯାଉଥିବା କମ୍ପ୍ୟୁଟର ଓଜନମାପ ଯନ୍ତ୍ରକୁ ପରୀକ୍ଷା କରିବା ଏପରିକି ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

# ରାଜ୍ୟପାଳଙ୍କୁ ଭେଟି ଆଶୀର୍ବାଦ ନେଲେ କୁନି ନୃତ୍ୟଶିଳ୍ପୀ ପ୍ରିୟାଂଶୀ ଜେନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗୋଟିପୁଅ ନୃତ୍ୟ ପରିବେଷଣ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଥିବା କୁନି ନୃତ୍ୟଶିଳ୍ପୀ ପ୍ରିୟାଂଶୀ ଜେନା ଗୁରୁବାର ମହାମହିମ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି । ଏଥିସହିତ ଆସନ୍ତା ଅକ୍ଟୋବର ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ଭିଲାଇରେ ହେବାକୁ ଥିବା ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗତା ଓ ୨୦୨୫ ମସିହା ଜାନୁଆରୀ ୧ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଦୁବାଇରେ ହେବାକୁ ଥିବା ଆନ୍ତର୍ଜାତିକ ନୃତ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିବା ନିମନ୍ତେ ରାଜ୍ୟପାଳ ରଘୁବର ଦାସ ପ୍ରିୟାଂଶୀଙ୍କ ପାଇଁ ଶ୍ରୀଜଗନ୍ନାଥ ନିକଟରେ ମଙ୍ଗଳ କାମନା କରିଛନ୍ତି । ଏଠାରେ ପ୍ରକାଶଥାଉକି, ପୂର୍ବରୁ ନୃତ୍ୟଧାମ କଳା ସମିତି ଭିଲାଇ ଦ୍ୱାରା ଥାଇଲାଣ୍ଡ, ବାଲାଂଦେଶ ଏବଂ ଶ୍ରୀଲଙ୍କାର କଲମ୍ବୋ ଠାରେ ଆୟୋଜିତ ଦେଶ ରାଗ ଭାରତ ସଂସ୍କୃତି ଯାତ୍ରା ଗ୍ଲୋବାଲ୍ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆନ୍ ଆର୍ଟ ଆଣ୍ଡ କଲ୍‌ଚରର ପକ୍ଷରୁ ଶ୍ରୀଲଙ୍କା ୨୦୨୪ ପ୍ରତିଯୋଗିତାରେ ସାରା ଭାରତରୁ ୨୪୦ ଜଣିଆ ପ୍ରତିଯୋଗୀ ଦଳଗତ ଭାବେ ଭାଗ ନେଇଥିଲେ । ମାର୍ଚ୍ଚ ୨୮ ତାରିଖରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ ଇତ୍ୟାଦି ସମସ୍ତ ପ୍ରତିଯୋଗିତାରେ ଲାସ୍ୟକଳା ଡ୍ୟାନ୍ସ ଏକାଡ଼େମୀର ଛାତ୍ରୀ ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ସାଗରିକା ମହାନ୍ତି, ସେନାଲି ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ କନିଷ୍ଠ ବର୍ଗର ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ନିଜ ଗୁରୁଙ୍କ ଠାରୁ ଶିକ୍ଷାଲାଭ କରିଥିବା ଗୋଟିପୁଅ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରି ସାରା ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି ।

## ପୁରୁଣା ପେନ୍‌ସନ୍ ଲାଗୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମସ୍ତ ସରକାରୀ ନୂତନ ପେନ୍‌ସନ୍ ଯୋଜନା ଭୁକ୍ତ କର୍ମଚାରୀ କେନ୍ଦ୍ରାପଡା ଶାଖା ତରଫରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସଂଘର ସଭାପତି ଅନନ୍ତ କୁମାର ପରିଡାଙ୍କ ନିକଟରେ ସଂପାଦକ ନିକୁ ବିହାରୀ ନାୟକଙ୍କ ସମେତ ଅଶ୍ୱିନୀ କୁମାର ରାଉତ, ସଂଗ୍ରାମ ସାହୁ, ମହେଶ୍ୱର ସାହୁ, ସଦାଶିବ ସାହୁ, ଦାଶରଥୀ ନାୟକ, ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ ପେନ୍‌ସନ୍ ବଦଳରେ ପୁରୁଣା ପେନ୍‌ସନ୍ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ସଂଘ ତରଫରୁ ପ୍ରଦାନ କରାଯାଇଛି । ଏହି ଦାବି ପତ୍ରରେ ନୂତନ ପେନ୍‌ସନ୍ ଯୋଜନାରେ କର୍ମଚାରୀଙ୍କର ଉତ୍ତରାଧିକାରୀ ମାନଙ୍କ ପାଇଁ କୌଣସି ସୁବିଧା ନଥିବାରୁ କ୍ଷୋଭ ପ୍ରକାଶ କରାଯାଇଛି । ଏଥିସହିତ ମାସିକ ୩ ରୁ ୪ ହଜାର ଟଙ୍କା ପେନ୍‌ସନ୍ ମିଳୁଥିବାରୁ ପରିବାର ପ୍ରତିପୋଷଣ କରିବାରେ ବ୍ୟାଘାତ ସୃଷ୍ଟି ହେଉଛି । ଏହା ସହିତ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସରକାରଙ୍କୁ ସେବା ଯୋଗାଇ ଯଦି ସରକାରୀ କର୍ମଚାରୀ ମାନଙ୍କର ଭବିଷ୍ୟତ ଅନ୍ଧାରମୟ ହୁଏ ତେବେ ଏହା ଦୁଃଖ ଓ ପରିତାପର ବିଷୟ । ଏଣୁ ନୂତନ ପେନ୍‌ସନ୍ ବଦଳରେ ପୁରୁଣା ପେନ୍‌ସନ୍ ଲାଗୁ କରିବା ପାଇଁ ସଦାଶିବ ସାହୁ, ମଞ୍ଜୁଲତା ବେହେରା, ଅଜୟ କୁମାର ଦାସ, ସରୋଜ କାନ୍ତ ସ୍ୱାଇଁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ଜଣାଇଛନ୍ତି ।

# କେନ୍ଦ୍ରାପଡ଼ା ଜିଲ୍ଲାକୁ କୁପୋଷଣ ମୁକ୍ତ ପାଇଁ ପଦକ୍ଷେପ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ପ୍ରଶାସନ ଓ ମହିଳା ଶିଶୁ ବିକାଶ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିଏସ୍‌ଡବ୍ଲୁଓ ମନୋରମା ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଡିପିସି ମମତା ମନୋରଞ୍ଜନ ଦାସ, ଡିସି ପୋଷଣ ସଂଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରୁ କୁପୋଷଣ ଦୂର କରିବା ପାଇଁ ରକ୍ତହୀନତା ବିଷୟରେ ସଚେତନ ହେବା, ଏହାର ପରୀକ୍ଷା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା, ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ ହେବା, ପାରିପାର୍ଶ୍ୱିକ ସୁରକ୍ଷା ପାଇଁ ମାଟି ଓ ପାଣି ଓ ପରିବେଶର ଯତ୍ନ ନେବା, ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାର ୯ଟି ବ୍ଲକରୁ ପୋଷଣ ସମ୍ବନ୍ଧୀୟ ୯ଟି ଷ୍ଟଲ୍ ଖୋଲାଯାଇଥିଲା । ବିଭାଗୀୟ ୩୫ ଜଣଙ୍କୁ ବିଭିନ୍ନ କାର୍ଯ୍ୟରେ କାଟାଗୋରି ଅନୁଯାଇ ସମ୍ମାନିତ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅମିତା ସିଂହ, ଡିପିଏ ସୁନିତା ବେହେରା, ଶୁଭେନ୍ଦୁ ଦାସ, ଡିପିସି ମିଶନ ଶକ୍ତି କୈଳାସ ଚନ୍ଦ୍ର ସେନାପତିଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର, ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ହେଲ୍‌ପର୍, ବ୍ଲକ ସଂଯୋଜକ, ଆଶା ଏବଂ ଏଏନ୍‌ଏମ୍ କର୍ମୀ ଉପସ୍ଥିତ ଥିଲେ ।

# ଓୟୁଟିଆର୍‌ର ୩ଟି କୋର୍ସରେ ନାମଲେଖା:ଚାକିରିଆଙ୍କ ପାଇଁ ଇ-ମାଷ୍ଟର୍ସ ପାଠ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରୀ କିମ୍ବା ଘରୋଇ ସଂସ୍ଥାରେ ଚାକିରି କରୁଥିଲେ ମଧ୍ୟ ସାଇବର ସିକ୍ୟୁରିଟି ଉପରେ ଶିକ୍ଷା ଗ୍ରହଣ କରିପାରିବେ । ଏଥିପାଇଁ କ୍ଲାସ୍‌ରୁମ୍‌କୁ ଆସିବାକୁ ପଡ଼ିବନାହିଁ । ନାମଲେଖା ପରେ ଅନ୍‌ଲାଇନ୍‌ରେ କ୍ଲାସ୍ କରିବେ । ମାତ୍ର ପରୀକ୍ଷା ଅଫ୍‌ଲାଇନ୍‌ରେ ଦେବେ । ସାଇବର ସିକ୍ୟୁରିଟି ବ୍ୟତୀତ ଡାଟା ସାଇନ୍ସ ପାଠ୍ୟକ୍ରମରେ ମଧ୍ୟ ଶିକ୍ଷା ଗ୍ରହଣ କରିହେବ । ବର୍ତ୍ତମାନ ସମୟରେ ଏହି ଦୁଇ ପାଠ୍ୟକ୍ରମର ବହୁତ ଆବଶ୍ୟକତା ଥିବାରୁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ପକ୍ଷରୁ ଏଭଳି ଇ-ମାଷ୍ଟର୍ସ ପାଠ୍ୟକ୍ରମ ଆରମ୍ଭ ହୋଇଛି । ରାଜ୍ୟର ପ୍ରଥମ ବୈଷୟିକ ଶିକ୍ଷାନୁଷ୍ଠାନ ଭାବେ ଚାକିରିଆଙ୍କୁ ଅନ୍‌ଲାଇନ୍‌ରେ ବୈଷୟିକ ଶିକ୍ଷା ପ୍ରଦାନ କରିବାକୁ ବିଶ୍ୱ ବିଦ୍ୟାଳୟ ଏଭଳି ପଦକ୍ଷେପ ନେଇଛି । ସ୍କୁଲ୍ ଅଫ୍ କମ୍ପ୍ୟୁଟର ସାଇନ୍ସ ଅଧିନରେ ଏହି ଦୁଇଟି ପାଠ୍ୟକ୍ରମରେ ନାମଲେଖା ହୋଇଛି । ସେହିପରି ବିଜିନେସ୍ ଫାଇନାନ୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟରେ ଇ-ମାଷ୍ଟର୍ସ ପାଠ୍ୟକ୍ରମ ମଧ୍ୟ ୨୦୨୪-୨୫ ଶିକ୍ଷାବର୍ଷରୁ ଆରମ୍ଭ ହୋଇଛି । ସମସ୍ତ ତିନୋଟି ଯାକ ଇ-ମାଷ୍ଟର୍ସ ପାଠ୍ୟକ୍ରମରେ ୨୦ଟି ଲେଖାଏଁ ସିଟ୍ ରଖାଯାଇଛି- ବୈଷୟିକ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହକୁ ନଜରରେ ରଖି ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆପ୍ଲିକେସନ୍ ଅଧିନରେ ବି.ଟେକ୍‌ରେ କମ୍ପ୍ୟୁଟର ଇଞ୍ଜିନିୟରିଂ ଇନ୍ ପାଠ୍ୟକ୍ରମ ଖୋଲିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମ ଥର ପାଇଁ ଏହି ପାଠ୍ୟକ୍ରମରେ ୭୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ବର୍ତ୍ତମାନ ସମୟରେ ଏହି ପାଠ୍ୟକ୍ରମ ପ୍ରତି ଛାତ୍ରଛାତ୍ରୀଙ୍କ ଚାହିଦା ପରିଲକ୍ଷିତ ହୋଉଛି । ଯେଉଁଥିପାଇଁ ନାମଲେଖା ଆରମ୍ଭ ହେବାର କିଛି ଦିନ ମଧ୍ୟରେ ସମସ୍ତ ସିଟ୍ ପୂରଣ ହୋଇଛି । ସେହିପରି ସ୍କୁଲ୍ ଅଫ୍ ମେକାନିକାଲ୍ ସାଇନ୍ସ ଅଧିନରେ ମାଟୋଲୋଜିକାଲ୍ ଆଣ୍ଡ ମ୍ୟାଟେରିଆଲ୍ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଖୋଲିବା ସହ ଏଥିରେ ୭୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ବର୍ତ୍ତମାନ ସମୟରେ ଏହି ଦୁଇ ପାଠ୍ୟକ୍ରମ ପ୍ରତି ଛାତ୍ରଛାତ୍ରୀଙ୍କ ବେଶ୍ ଚାହିଦା ରହିଥିବା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ କହିଛନ୍ତି । ସ୍କୁଲ୍ ଅଫ୍ ମେକାନିକାଲ୍ ସାଇନ୍ସ ଅଧିନରେ ପିଜି ଡିପ୍ଲୋମା ଇନ୍ ଲଜିଷ୍ଟିକ୍ ଆଣ୍ଡ ସପ୍ଲାଏ ଚେନ୍ ମ୍ୟାନେଜ୍‌ମେଣ୍ଟ ପାଠ୍ୟକ୍ରମରେ ମଧ୍ୟ ଏଥର ନାମଲେଖା ହେଉଛି । ଏହି ବିଭାଗର ୩୦ଟି ସିଟ୍‌ରେ ନାମଲେଖା ହେଉଛି । ଇତିମଧ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକ (ୟୁଜି) ଓ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହୋଇଛି । ଚଳିତ ମାସ ୧୨ ତାରିଖ ଠାରୁ କ୍ଲାସ୍ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୦ ତାରିଖରେ ବିଭାଗ ଓ ସ୍କୁଲଗୁଡ଼ିକ ଆଇକ୍ୟୁଏସିକୁ ଲେସନ୍ ପ୍ଲାନ୍ ପ୍ରଦାନ କରିବେ । ନଭେମ୍ବର ୧୮ରୁ ୨୫ ମଧ୍ୟରେ ମିଡ୍ ଟର୍ମ ଓ ଜାନୁଆରୀ ୧୩ରୁ ୨୦ ମଧ୍ୟରେ ଏଣ୍ଡ୍ ଟର୍ମ ପରୀକ୍ଷା ଅନୁଷ୍ଠିତ ହେବ । ଜାନୁଆରୀ ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ।

# ଅବ୍ୟବସ୍ଥା ଘେରରେ ୧୦୦ ଦିନ ପୂର୍ତ୍ତି ଉତ୍ସବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ବିଜେପି ସରକାର ଆସିବାର ୧୦୦ ଦିନ ପୂର୍ତ୍ତି ଅବସରରେ ଗତ ୨୨ ତାରିଖରେ ଆୟୋଜିତ ବିକାଶ ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବାବେଳେ କେନ୍ଦୁଝର ଠାରେ ତାଙ୍କର ହେଲିକ୍ୟାପ୍ଟରରେ କିଛି ଯାନ୍ତ୍ରିକ ତ୍ରୁଟି ହେବାରୁ ମୁଖ୍ୟମନ୍ତ୍ରୀ ବାରିପଦା ଆସି ନପାରିବାରୁ ତାଙ୍କର ଅନୁପସ୍ଥିତିରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ବିକାଶ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ । ତେବେ ଦୀର୍ଘ ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ହୋଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ବାରିପଦା ସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଆବାସିକ ଛାତ୍ର କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ । ସେଥିରେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଲଘୁଚାପ ଜନିତ ବର୍ଷା ହେଉଥିବା ସମୟରେ ଦୀର୍ଘ ୫ କିମି ପିଲାମାନଙ୍କୁ ଭିଜାଇ ଭିଜାଇ କାର୍ଯ୍ୟକ୍ରମକୁ ନିଆଯାଇଥିଲା । ରାସ୍ତାରେ କିଛି ବୁଦ୍ଧିଜୀବୀ ଏହି ଦୃଶ୍ୟ ଦେଖିବା ପରେ ଏକ ଭିଡିଓ ଉତ୍ତୋଳନ କରିବା ସହିତ ପିଲାଙ୍କ ପାଖରୁ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ । ତେବେ ଏ ବାବଦରେ ଗଣମାଧ୍ୟମକୁ ଜଣାଇବାରେ ଆମେ ପ୍ରଥମେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରି ଏହି ଘଟଣା ବାବଦରେ ପ୍ରତିକ୍ରିୟା ଦେବାକୁ କହିବାରୁ ପ୍ରଧାନ ଶିକ୍ଷକ ସୋମନାଥ ସିଂ ସ୍କୁଲ୍ ୱାର୍ଡେନଙ୍କ ଉପରେ ଦୋଷ ଲଦି ପାରି ହେବାକୁ ଚେଷ୍ଟା କରିଛନ୍ତି । କେବଳ ସେତିକି ନୁହେଁ ପିଲାଙ୍କର କିଛି ହେଲେ ସେ ଦାୟୀ ନୁହନ୍ତି ବୋଲି କହିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣା ବାବଦରେ ଆମେ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲୁ, ଜିଲ୍ଲାପାଳ ଆମ୍ଭ ସାମ୍ବାଦିକ ମାନଙ୍କୁ ଘଣ୍ଟା ଘଣ୍ଟା ପ୍ରତୀକ୍ଷା କରାଇବା ପରେ କୌଣସି ପ୍ରତିକ୍ରିୟା ରଖିବେନାହିଁ ବୋଲି କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ପିଲା ବର୍ଷାରେ ଚାଲି ଚାଲି ଯିବା ସମୟରେ ଯଦି କିଛି ଦୁର୍ଘଟଣା ଘଟିଥାନ୍ତା ବା ଅତ୍ୟଧିକ ବର୍ଷାରେ ଭିଜିବାରୁ ଶରୀର ଅସୁସ୍ଥ ହେଲେ ଏଥିପ୍ରତି ଦାୟୀ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ନା ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ନା ରାଜ୍ୟ ସରକାର ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଅନ୍ୟପଟେ ନିଜେ ଜିଲ୍ଲାପାଳ ସେଇ ବିଦ୍ୟାଳୟର ଅଧ୍ୟକ୍ଷ ଥିବା ବେଳେ ଏପରି ଘଟଣା ଲଜ୍ୟାଜନକ ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ।



# ପୋଡ଼ାଗଡ଼ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପୋଡ଼ାଗଡ଼ ସଂରକ୍ଷିତ ଜଙ୍ଗଲ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ବନ ସୁରକ୍ଷା ସମିତି ପକ୍ଷରୁ ୫ ଦଫା ଦାବି ଜଣାଇଛନ୍ତି । ଉମରକୋଟ, ରାଇଘର ଓ ଝରିଗାଁ ତହସିଲର ଭୂବନ୍ଦୋବସ୍ତ କରାଯାଉ ଓ ପୋଡ଼ାଗଡ଼ ସଂଗ୍ରକ୍ଷିତ ଜଙ୍ଗଲ ଅଞ୍ଚଳରେ ସ୍ୱତନ୍ତ୍ର ଜମିରେ ଜଙ୍ଗଲ ସୃଷ୍ଟି କରାଯିବାକୁ ଦାବି କରିଛନ୍ତି । ପୋଡ଼ାଗଡ଼ ସଂଗ୍ରକ୍ଷିତ ଜଙ୍ଗଲରେ ଲଗାଯାଇଥିବା ବୃକ୍ଷ ରୋପଣ ସ୍ଥାନ ଗୁଡିକ ଚିହ୍ନଟ କରାଯାଇ ପୁନର୍ବାର ଜଙ୍ଗଲ ସୃଷ୍ଟି କରାଯାଉ । ଅବାଧରେ ଜଙ୍ଗଲ କାଟି ନିଜକୁ ପୂର୍ବପୁରୁଷ ବାସ ସ୍ଥାନ ଆଖ୍ୟା ଦେଉଛନ୍ତି । ପୂର୍ବରୁ ଓ ବର୍ତ୍ତମାନ ସ୍ଥାନରେ କେତେ ଜଙ୍ଗଲ ଜମି ତାହାର ଯାଞ୍ଚ କରାଯାଉ । ଜଣଙ୍କୁ ମାତ୍ର ୨ ଏକର ଜମି ପ୍ରଦାନ କରି ବଳକା ଜମିରେ ବୃକ୍ଷ ରୋପଣ କରାଯାଉ । ପୋଡ଼ାଗଡ଼ର ଐତିହ୍ୟ ଗରୀମାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପାଣିପାଗ ପରିବର୍ତ୍ତନ ହେଉଛି । ଏନେଇ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ଲାଗି ବୃକ୍ଷ ରୋପଣ ସହ ସବୁଜିମା ସୃଷ୍ଟି କରାଯାଉ । ଗାଇଝରି, ଭାଲୁମରା ନାଳ ଓ ପାଲକା ଆମାକୁ ସଂଯୋଗ କରି ଏକ ଡ୍ୟାମ ନିର୍ମାଣ କରାଯାଉ । ମେଗା ପ୍ରକଳ୍ପ ନିର୍ମାଣ କରାଗଲେ ୧୦ଟି ପଞ୍ଚାୟତର ଚାଷ ଜମିକୁ ଜଳସେଚିତ ହୋଇପାରିବ ବୋଲି ଜଣାଇଛନ୍ତି । ପୋଡ଼ାଗଡ଼ ପାହାଡ଼ ଚାରିପାଖରେ ୧୨ ଗୋଟି ପଞ୍ଚାୟତ ରହିଛି । ଅଧିବାସୀମାନେ ପାହାଡ଼ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି । ସଂରକ୍ଷିତ ଜଙ୍ଗଲର ଆୟତନ ୧୬୭୮୦୬୦ ଡ଼ିସିମିଲ୍ ରହିଛି । କିଛି ସ୍ୱାର୍ଥପର ବ୍ୟକ୍ତି ଏହି ପାହାଡ଼ର ସଂରକ୍ଷିତ ଜଙ୍ଗଲ ପ୍ରତି କୁପ୍ରଭାବ ପକାଇ ଜାତୀୟ ସମ୍ପତିକୁ ନଷ୍ଟ କରି ପୋଡୁ ଚାଷ କରୁଛନ୍ତି । ଜଣେ ଜଙ୍ଗଲ ଜମି ତୁମ ନାଁରେ କରାଇଦେବି କହି ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଛନ୍ତି । ଜଙ୍ଗଲର ଶତ୍ରୁ ବ୍ୟକ୍ତିମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ଐତିହାସିକ ପାହାଡ଼କୁ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦିଆଯାଉ । ଜଳ, ଜଙ୍ଗଲ, ଜମିର ସୁରକ୍ଷା ସହିତ ଛୋଟ ଚିଡ଼ିଆଖାନା କରାଯାଇ ବନ୍ୟଜନ୍ତୁ ରଖାଯାଉ ବୋଲି ଉଲ୍ଲେଖ କରିଛନ୍ତି । ମହୁଲିର ବନ ସୁରକ୍ଷା ସମିତିର ଗୋପାଳ ପୂଜାରୀ, ବଡ଼କୁମାରି ପଞ୍ଚାୟତ ସରପଞ୍ଚ, ବଡ଼ ଭରଣ୍ଡି, ହୀରାପୁର, ଭଣ୍ଡାରୀଗୁଡା, ରାଜପୁର, ନେହୁରା, ଜାମରୁଣ୍ଡା ଆଦି ପଞ୍ଚାୟତର ସରପଞ୍ଚ, ପୋଡ଼ାଗଡ଼ର ସଭାପତି ଉଦ୍ଧବ ଚରଣ ନାୟକ, ଉମରକୋଟ ବ୍ଲକ ଅଧ୍ୟକ୍ଷାଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ଚିଲିକାକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ କରିବା ପାଇଁ ପ୍ରଶାସନ ଓ ଶିକ୍ଷାନୁଷ୍ଠାନର ପ୍ରୟାସ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଅନ୍ତରାଷ୍ଟ୍ରୀୟ ତଟୀୟ ସ୍ୱଚ୍ଛତା ଦିବସ ଅବସରରେ ସ୍ଥାନୀୟ ଅଞ୍ଚଳର ପ୍ରଶାସନିକ ଓ ଶିକ୍ଷାନୁଷ୍ଠାନ ରମ୍ଭା ଚିଲିକା ଜେଟି ସାମୁହିକ ଭାବେ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି । ବିଶ୍ୱର ସମସ୍ତ ତଟବର୍ତ୍ତୀ ଅଞ୍ଚଳ ମାନଙ୍କରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରମ୍ଭା ଚିଲିକା କୂଳ ପାନ୍ଥନିବାସ ଜେଟିକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରମ୍ଭା ଏନ.ଏ.ସି., ପତଞ୍ଜଳି ଯୋଗକେନ୍ଦ୍ର, ରମ୍ଭା ପାନ୍ଥ ନିବାସ, ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତିର ମିଳିତ ଆନୁକୂଲ୍ୟରେ ସାମୂହିକ ଭାବେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ପରିଷ୍କାର ପରିଚ୍ଛନ୍ନତା ଏବଂ ପରିବେଶ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତାର ଏକ ଉତ୍ସାହ ଜନକ କାର୍ଯ୍ୟକ୍ରମରେ ସାମୂହିକ ପ୍ରଦର୍ଶନରେ ସାମିଲ୍ ହୋଇଥିବା ଏକ ଭାଇଚାରା ସୃଷ୍ଟି କରିଛି । ଆୟୋଜିତ କାର୍ଯ୍ୟକ୍ରମରେ ରମ୍ଭା ଏନ୍‌ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଲାଙ୍କ ଅଧ୍ୟକ୍ଷତାରେ ସଫେଇ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟ, ରମ୍ଭା ପାନ୍ଥନିବାସର ମ୍ୟାନେଜର ଘନଶ୍ୟାମ ମିଶ୍ର, ସାମ୍ବାଦିକ ବନବାସୀ ସେଠୀ, କୈଳାଶ ବେହେରା ସମସ୍ତ କର୍ମଚାରୀଙ୍କ ସହ ଛାତ୍ର/ଛାତ୍ରୀମାନେ ପ୍ଲାକାର୍ଡ, ବ୍ୟାନର, ପୋଷ୍ଟର ସହିତ ଝାଡୁ, ଡଷ୍ଟବିନ୍, ହାତରେ ଗ୍ଲୋବ୍ସ ପିନ୍ଧି ମିଳିତ ଭାବେ ଉପସ୍ଥିତ ରହି ସ୍ୱଚ୍ଛ ଚିଲିକା ପ୍ଲାଷ୍ଟିକ୍ ମୁକ୍ତ ଚିଲିକା ନାରା ଦେଇ ସଫେଇ କାର୍ଯ୍ୟକ୍ରମ କରିଥିଲେ । ଏନ.ଏ.ସି. ଟ୍ରାକ୍ଟରରେ ପ୍ଲାଷ୍ଟିକ୍ ପଲିଥିନ୍, ଅଳିଆ ବୁହାଯାଇଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ ସମୟରେ ଆୟୁଷ ଡଃ ମିରାବାଇ ପଣ୍ଡା, ରମ୍ଭା ପାନ୍ଥନିବାସର ମ୍ୟାନେଜର ଘନଶ୍ୟାମ ମିଶ୍ରଙ୍କ ଦ୍ୱାରା ଉଦ୍ଘାଟନ କରାଯାଇ ଶିକ୍ଷକ ଭିକାରୀ ବିଶ୍ୱାଳଙ୍କ ଦ୍ୱାରା ସୁପରିଚାଳନା କରାଯାଇଥିଲା ।

# ଶିଳାନ୍ୟାସ ହରଭଙ୍ଗାରେ, କିନ୍ତୁ ପ୍ରକଳ୍ପ କାମ ଚାଲିଛି କନ୍ଧମାଳରେ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ଇତିମଧ୍ୟରେ ତିନୋଟି ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି । ହେଲେ ପ୍ରକଳ୍ପ କାର୍ଯ୍ୟ ଚାଲିଛି କନ୍ଧମାଳ ବ୍ଲକ୍‌ରେ । ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲାର ଚିର ମରୁଡ଼ି ପ୍ରପୀଡ଼ିତ ହରଭଙ୍ଗା ବ୍ଲକରେ ମହାନଦୀରୁ ଜଳ ଉତ୍ତୋଳନ କରି ଚାଷୀଙ୍କ ଜମିରେ ଜଳସେଚନ କରିବା ଉଦ୍ଦେଶ୍ୟରେ ରାମଗଡ଼, ଧଳପୁର, ସାଂପୋଚ ଏବଂ ତିରଡ଼ ଗ୍ରାମରେ ୪ଟି ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଗତ ୨୦୧୯ ମାର୍ଚ୍ଚ ୨ ତାରିଖରେ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିଲେ । ଏହି ୪ଟି ପ୍ରକଳ୍ପ ମଧ୍ୟରୁ ତିରଡ଼ ଗ୍ରାମରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇସାରିଛି । ହେଲେ କାର୍ଯ୍ୟକ୍ଷମ ହୋଇନାହିଁ । ବାକି ୩ଟି ପ୍ରକଳ୍ପ ସ୍ଥାନାନ୍ତର ହୋଇ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ଖଇରମାଳ, ଖଟଖଟିଆ ଏବଂ ଦେଉଳି ଠାରେ ନିର୍ମାଣାଧିନ ରହିଛି । ସୂଚନା ମତେ ରାଜ୍ୟ ସରକାରଙ୍କ ସହିତ ବୁଝାମଣାପତ୍ର ପ୍ରକାରେ ହାଇଦ୍ରାବାଦର ମେଘା ଇଞ୍ଜିନିୟର୍ସ ନାମକ ସଂସ୍ଥା ଏସବୁ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ରହିଛି । କୌଣସି ସର୍ଭେ କରାନଯାଇ ଚାଷୀଙ୍କ ଦାବି ମୁତାବକ ଏସବୁ ପ୍ରକଳ୍ପ ଶିଳାନ୍ୟାସ କରାଯାଇଥିଲା । ସର୍ଭେ କାର୍ଯ୍ୟ ପରେ ଏସବୁ ଅଞ୍ଚଳ ସାଲୁଙ୍କୀ ମଧ୍ୟମ ଜଳସେଚନ ଏବଂ କୁକୁଟେଶ୍ୱର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସେଚାଞ୍ଚଳ ମଧ୍ୟରେ ଆସୁଥିବାରୁ ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇଁ ଆବଶ୍ୟକ ସର୍ବନିମ୍ନ ୬ ଶହ ହେକ୍ଟର ସେଚାଞ୍ଚଳ ମିଳିନଥିଲା । ତେଣୁ ମୋଟ ୪ ହଜାର ୧ ଶହ ୫୦ ହେକ୍ଟର ସେଚାଞ୍ଚଳ କ୍ଷମତା ବିଶିଷ୍ଟ ଏହି ୩ଟି ପ୍ରକଳ୍ପ କନ୍ଧମାଳ ବ୍ଲକ୍‌କୁ ସ୍ଥାନାନ୍ତର କରାଯାଇଛି । ଚିର ମରୁଡି ପ୍ରପୀଡ଼ିତ ହରଭଙ୍ଗା ବ୍ଲକ୍‌ର ଏସବୁ ଅଞ୍ଚଳ ସାଲୁଙ୍କି ଏବଂ କୁକୁଟେଶ୍ୱର ଜଳସେଚନ ପ୍ରକଳ୍ପ ସେଚାଞ୍ଚଳର ଅନ୍ତିମ ମୁଣ୍ଡରେ ଥିବାରୁ ଚାଷ ଜମିକୁ ପାଣି ପହଞ୍ଚିପାରେନାହିଁ । ଏହାଛଡ଼ା ଏ ଅଞ୍ଚଳର ମାଟି ବାଲିଆ ହୋଇଥିବାରୁ ଯତ୍‌କିଞ୍ଚିତ୍ ମିଳୁଥିବା ପାଣି ଭୂମି ଶୋଷିନିଏ । ତେଣୁ ପ୍ରକଳ୍ପ ଉଠିଯିବାରୁ ଜନ ଅସନ୍ତୋଷ ଦାନା ବାନ୍ଧୁଛି । ଯାହାର ପ୍ରତିଫଳନ ଦେଖିବାକୁ ମିଳିଥିଲା ଗତ ୨୦୨୨ ମସିହା ଡିସେମ୍ବର ୧୯ ତାରିଖ ଧଳପୁର ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ । ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଥିଲେ । ଆନ୍ଦୋଳନରତ ଚାଷୀଙ୍କୁ ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତି ପ୍ରକାରେ ଉପ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ତାଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କୃଷକ ନେତା ଇଂ ବିକାଶ ମହାକୁଳଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ମେଗା ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ହରଭଙ୍ଗା ତହସିଲଦାରଙ୍କ ପ୍ରତିନିଧିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଚାଷୀ ନେତାମାନେ ଉକ୍ତ ସର୍ଭେ ତ୍ରୁଟିଯୁକ୍ତ ଦର୍ଶାଇଥିବା ବେଳେ ଆଉଥରେ ତିନୋଟି ଯାକ ପ୍ରକଳ୍ପ ଅଞ୍ଚଳରେ ଚାଷୀଙ୍କ ଉପସ୍ଥିତିରେ କ୍ଷେତ୍ର ସର୍ଭେ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଯୁଗ୍ମ ସର୍ଭେ ହେଲାପରେ ପୁଣି ପ୍ରକଳ୍ପ ସମ୍ବନ୍ଧୀୟ ପ୍ରକ୍ରିୟା ଚାଲୁ ହୋଇପାରିବ ବୋଲି ଆଲୋଚନା ହୋଇଥିଲା । ଏହି ଅଞ୍ଚଳରେ ମେଗା ଉଠା ଜଳସେଚନର ଆବଶ୍ୟକତା ଥିବା ଦୃଷ୍ଟିରୁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଚାଷୀନେତାମାନେ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ତେବେ ପ୍ରକଳ୍ପ ଅଗ୍ରଗତି ପାଇଁ ପ୍ରଶାସନିକ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ନପାଇବା ଯୋଗୁଁ ୨୦୨୩ ମସିହା ମାର୍ଚ୍ଚ ୨ ତାରିଖରେ ରାମଗଡ଼ ଜଗନ୍ନାଥ ବନ ପ୍ରକଳ୍ପରେ ଏକ ଚାଷୀ ସମାବେଶ କରାଯାଇ ଜିଲ୍ଲା ପ୍ରଶାସନକୁ ଭର୍ତ୍ସନା କରାଯିବା ସହ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା । ସେହିପରି ଚଳିତ ୨୦୨୪ ଫେବୃଆରୀ ୧୫ ରୁ ୨୧ ତାରିଖ ଯାଏଁ ଚାଷୀ ମାନଙ୍କ ଦ୍ୱାରା ହରଭଙ୍ଗା ବ୍ଲକର ତାଳଗାଁ ଠାରୁ ବୌଦ୍ଧ ପର୍ଯ୍ୟନ୍ତ ଏକ ୭ ଦିନିଆ ପଦଯାତ୍ରା କରାଯାଇ ଜିଲ୍ଲାପାଳଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶିଳାନ୍ୟାସ ସମୟରେ ଏହି ଅଞ୍ଚଳର ଗାଁ ଗାଁରେ ପୋଷ୍ଟର, ବ୍ୟାନର ଜରିଆରେ ବଡ଼ ବଡ଼ ପାଇପ୍‌ରୁ ସବୁଜ କ୍ଷେତରେ ପାଣି ମାଡୁଥିବାର ଏବଂ ଚାଷୀ ମୁଣ୍ଡରେ ଠେକା ମାରି କୋଡ଼ି ଉପରକୁ ଉଠାଇ ଖୁସି ମନାଉଥିବାର ଚିତ୍ର ମାଧ୍ୟମରେ ଲୋକଙ୍କୁ ସୁନେଲି ସ୍ୱପ୍ନ ଦେଖାଇ ପ୍ରକଳ୍ପ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଅଞ୍ଚଳର ଚାଷୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି । ତେବେ ପ୍ରଶାସନିକ ଅବହେଳା ଏବଂ ଅନ୍ତଃ ବିଭାଗୀୟ କଳହ ଯୋଗୁଁ ଏଯାବତ ଆଲୋଚନା ମୁତାବକ ଯୁଗ୍ମ ସର୍ଭେ ହୋଇପାରିନାହିଁ । ଇତିମଧ୍ୟରେ ଶିଳାନ୍ୟାସକୁ ସାଢେ ୫ ବର୍ଷ ବିତିଯାଇଥିବା ବେଳେ, ପ୍ରକଳ୍ପ କାର୍ଯ୍ୟକାରୀ ନହେଲେ ଶିଳାନ୍ୟାସ ଫଳକ ସବୁ ଶଗଡ଼ ଗାଡ଼ିରେ ବୋହି ଆଣି ଜିଲ୍ଲା ମୁଖ୍ୟାଳୟରେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚାଷୀ ନେତା ଇଂ ବିକାଶ କୁମାର ମହାକୁଳ ଚେତାବନୀ ଦେଇଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ସେପ୍ଟେମ୍ବର, ସୋମବାର, ୨୦୨୪



# ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ୍ ସିରିଜ୍‌କୁ କ୍ଲିନ୍ ସୁଇପ୍ କଲା ଶ୍ରୀଲଙ୍କା

**ନୂଆଦିଲ୍ଲୀ**

ଶ୍ରୀଲଙ୍କାରେ ମାଟି କାମୁଡ଼ିଛି ନ୍ୟୁଜିଲ୍ୟାଣ୍ଡ। ଦ୍ୱିତୀୟ ଟେଷ୍ଟରେ ବଡ଼ ବିଜୟ ହାସଲ କରିଛି ଶ୍ରୀଲଙ୍କା। ଇନିଂସ ଓ ୧୫୪ ରନରେ ମ୍ୟାଚ୍‌କୁ ଜିତି ସିଂହଳ ଟିମ୍ ୨-୦ରେ ଟେଷ୍ଟ ସିରିଜ୍‌କୁ କ୍ଲିଇନ ସୁଇପ୍ କରିଛି। ଏହା ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଶ୍ରୀଲଙ୍କାର ସବୁଠାରୁ ବୃହତ୍ତର ବିଜୟ।

ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ବ୍ୟାଟିଂ କରୁଥିବା ଶ୍ରୀଲଙ୍କା ଦୀନେଶ ଚାଣ୍ଡିମାଲଙ୍କ ୧୧୬, ଆଞ୍ଜେଲୋ ମାଥ୍ୟୁସଙ୍କ ୮୮, କାମିନ୍ଦୁ ମେଣ୍ଡିସଙ୍କ ରେକର୍ଡ ଅପରାଜିତ ୧୮୮ ଓ କୁଶଲ ମେଣ୍ଡିସଙ୍କ ଅପରାଜିତ ୧୦୬ ରନ ବଳରେ ୭ ୱିକେଟରେ ୬୦୨ ରନ କରିବା ପରେ ପାଳି ଘୋଷଣା କରିଥିଲା। ତେବେ ନ୍ୟୁଜିଲ୍ୟାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଭାତ ଜୟସୂରିୟା ଓ ନିଶାନ ପେଇରିସଙ୍କ ଯୋଡ଼ି ନ୍ୟୁଜିଲ୍ୟାଣ୍ଡର କୌଣସି ବ୍ୟାଟରଙ୍କୁ ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ମିଳିତ ଭାବେ ୯ ୱିକେଟ ଦଖଲ କରି ନ୍ୟୁଜିଲ୍ୟାଣ୍ଡର ପ୍ରଥମ ପାଳିକୁ ୪୦ ଓଭର ମଧ୍ୟରେ ୮୮ ରନର ଶେଷ କରି ଦେଇଥିଲେ। ପ୍ରଭାତ ୬ଟି ଓ ନିଶାନ ୩ଟି ୱିକେଟ ନେଇଥିବା ବେଳେ ଅସିତା ଫର୍ଣ୍ଣାଣ୍ଡୋଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଥିଲା। ୮୮ ରନରେ ଦଳ ଅଲଆଉଟ୍ ହୋଇଯିବାରୁ ଶ୍ରୀଲଙ୍କା ଫଲୋଅନ ଡାକିଥିଲା। ଏଥିଯୋଗୁ ନ୍ୟୁଜିଲ୍ୟାଣ୍ଡ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ଦ୍ୱିତୀୟ ଇନିଂସରେ ନ୍ୟୁଜିଲ୍ୟାଣ୍ଡ କିଛିଟା ଲଢ଼େଇ କରିଥିଲା। ଗ୍ଲେନ ଫିଲିପ୍ସ ୭୮, ଡେଭୋନ କନୱେ ୬୧, ଟମ୍ ବ୍ଲଣ୍ଡେଲ ୬୦ ଓ ମିଚେଲ ସାଣ୍ଟନର ୬୭ ରନ କରିଥିଲେ। ହେଲେ ଶ୍ରୀଲଙ୍କାକୁ ପୁଣି ବ୍ୟାଟିଂ କରିବାକୁ ନ୍ୟୁଜିଲ୍ୟାଣ୍ଡ ଟାର୍ଗେଟ ଦେଇ ପାରି ନଥିଲା। ପୂରା ଟିମ ୩୬୦ ରନରେ ଅଲଆଉଟ ହୋଇଥିଲା। ଏଥିଯୋଗୁ ଘରୋଇ ଟିମ୍ ଗୋଟିଏ ଇନିଂସ ଓ ୧୫୪ ରନରେ ମ୍ୟାଚ୍ ଜିତିବା ସହ ସିରିଜ୍‌କୁ ୨-୦ରେ କବ୍‌ଜା କରିଛି।

ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ଦୁଇ ସ୍ପିନର ପ୍ରଭାତ ଓ ନିଶାନ କମାଲ କରିଛନ୍ତି। ନିଶାନ ୧୭୦ ରନ ଦେଇ ୬ଟି ୱିକେଟ ନେଇଥିବା ବେଳେ ପ୍ରଭାତ ୧୩୯ ରନ ଦେଇ ୩ଟି ୱିକେଟ ନେଇଛନ୍ତି। ଅଧିନାୟକ ଧନଞ୍ଜୟ ଡି'ସିଲଭାଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଛି। ଦୁଇଟି ମ୍ୟାଚ୍‌ରେ ୧୮ଟି ୱିକେଟ ନେଇଥିବା ଜୟସୂରିୟା ୧୮ଟି ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ମିଳିଛି। ସେହିପରି ନିଶାନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଏହାକୁ ମିଶାଇ ଶ୍ରୀଲଙ୍କା କ୍ରମାଗତ ୩ଟି ଟେଷ୍ଟ ମ୍ୟାଚ୍ ଜିତିଛି। ଇଂଲଣ୍ଡକୁ ତା'ରି ମାଟିରେ ଶ୍ରୀଲଙ୍କା ଶେଷ ଟେଷ୍ଟରେ ହରାଇଥିଲା। ଏବେ ନ୍ୟୁଜିଲ୍ୟାଣ୍ଡକୁ ଦୁଇଟି ଯାକ ଟେଷ୍ଟରେ ଦଳ ହରାଇଛି। କ୍ରମାଗତ ୩ଟି ବିଜୟ ସହ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନସିପର ଫାଇନାଲ ଖେଳିବା ଦୌଡ଼ରେ ନିଜକୁ ସାମିଲ କରିପାରିଛି।

# ଆଇପିଏଲ ୨୦୨୫ : ଖେଳାଳିଙ୍କୁ ୨ ବର୍ଷର ବ୍ୟାନ ଧମକ୍ ଦେଲା ବିସିସିଆଇ

**ନୂଆଦିଲ୍ଲୀ**




ଆଇପିଏଲ ୨୦୨୫ ମେଗା ଅକ୍ସନ ପୂର୍ବରୁ ବଡ଼ ପଦକ୍ଷେପ ନେଇଛି ବିସିସିଆଇ। ଖେଳାଳିଙ୍କୁ ବିସିସିଆଇ ଦେଇଛି ୨ ବର୍ଷର ବ୍ୟାନ୍ ଚେତାବନୀ। ଯଦି କୌଣସି ଖେଳାଳି ଆଇପିଏଲରେ ନିଲାମ ହେବା ପରେ ବ୍ୟକ୍ତିଗତ କାରଣ ପାଇଁ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବେ, ତା'ହେଲେ ସେମାନଙ୍କୁ ୨ ବର୍ଷ ପାଇଁ ବ୍ୟାନ୍ କରାଯିବ ବୋଲି ବିସିସିଆଇ କହିଛି। ତେବେ ନିଲାମ ପରେ ଆହତ କିମ୍ବା ଅନ୍ୟ କୌଣସି ମେଡିକାଲ ଗ୍ରାଉଣ୍ଡରେ ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରୁ ନାଁ ପ୍ରତ୍ୟାହାର ପାଇଁ ସୁଯୋଗ ମିଳିବ। ହେଲେ ଏଥିପାଇଁ ଘରୋଇ ବୋର୍ଡର ଅନୁମତି ଦରକାର ପଡ଼ିବ ବୋଲି ବିସିସିଆଇ ସ୍ପଷ୍ଟ କରିଛି।

ଅନେକ ସମୟରେ କିଛି ବିଦେଶ ଖେଳାଳି ନିଲାମ ପରେ ଆଇପିଏଲରୁ ନିଜ ନାଁ ବ୍ୟକ୍ତିଗତ କାରଣ ପାଇଁ ପ୍ରତ୍ୟାହାର କରିବାର ନଜିର ରହିଛି। ନିଲାମ୍ ପରେ ଏପରି ପଦକ୍ଷେପ ଖେଳାଳିମାନେ ନେଉଥିବାରୁ ପ୍ରାଞ୍ଚାଇଜମାନେ ଅଡୁଆରେ ପଡୁଥିଲେ। ସେମାନଙ୍କ ଟିମ୍ କମ୍ବିନେସନରେ ମଧ୍ୟ ସମସ୍ୟା ଦେଖାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଏପରି ପଦକ୍ଷେପ ଗ୍ରହଣ କରିଛି। ଏହାକୁ ପ୍ରାଞ୍ଚାଇଜଙ୍କ ଠାରୁ ବରିଷ୍ଠ କ୍ରିକେଟରମାନେ ସମର୍ଥନ କରିଛନ୍ତି। ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ଇରଫାନ ପଠାନ ଏହ୍ୱ ଯୋଗେ ବିସିସିଆଇର ବ୍ୟାନ୍ ଚେତାବନୀକୁ ପ୍ରଶଂସା କରିଛନ୍ତି।

ଶନିବାର ଆଇପିଏଲର ଗଭର୍ଣ୍ଣିଂ କାଉନସିଲ ବୈଠକ ବସିଥିଲା। ଏହି ବୈଠକରେ ନୂଆ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାକୁ ସବୁ ପ୍ରାଞ୍ଚାଇଜ ସମର୍ଥନ କରିଥିଲେ। କାରଣ ନିଲାମ୍ ପରେ କିଛି ଖେଳାଳି ନାଁ ପ୍ରତ୍ୟାହାର କରୁଥିବା ଉପଯୁକ୍ତ ବଦଳ ଖେଳାଳି ପାଇବାରେ ଟିମ୍‌କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି।

ଅନ୍ୟପକ୍ଷରେ ଆପିଏଲରେ ରିଟେନ ଖେଳାଳି ସୀମାକୁ ୫କୁ ବୃଦ୍ଧି କରାଯାଇଛି। ଗୋଟିଏ ଦଳ ସର୍ବାଧିକ ୫ ଖେଳାଳିଙ୍କୁ ନିଲାମ୍ ପୂର୍ବରୁ ନିଜ ପାଖରେ ରଖି ପାରିବ। ସେହିପରି ରାଇଟ ଟୁ ମ୍ୟାଚ୍ କାର୍ଡ ମଧ୍ୟ ବ୍ୟବହାର କରିପାରିବ। ଯଦି କୌଣସି ଖେଳାଳିଙ୍କୁ ପୁରୁଣା ପ୍ରାଞ୍ଚାଇଜ ନେବାକୁ ଚାହୁଁଛନ୍ତି, ତା'ହେଲେ ନିଲାମ୍‌ରେ ସେ ଯେତିକି ଟଙ୍କାରେ ବିକ୍ରି ହେବାକୁ ଯାଉଥିବେ ସେତିକି ଟଙ୍କା ଦେଇ କିଣି ପାରିବେ। ଏହାକୁ ଆରଟିଏମ୍ କୁହାଯାଏ। ଏହାବାଦ୍ ପୂର୍ବରୁ ପ୍ରାଞ୍ଚାଇଜଗୁଡ଼ିକ ସର୍ବାଧିକ ୧୦୦ କୋଟି ଟଙ୍କା ବଳରେ ଖେଳାଳି କିଣୁଥିଲେ। କିନ୍ତୁ ଏବେ ଏହାକୁ ୧୨୦ କୋଟି ଟଙ୍କା କରାଯାଇଛି।

# ଆରମ୍ଭ ହେଲା ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ୍ ଚାମ୍ପିୟନସିପ୍

**ସମ୍ବଲପୁର**

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟ ଏବଂ ଜିଲ୍ଲା ପ୍ରଶାସନ ଓ ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶାର ସହଯୋଗରେ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ୍ ଚାମ୍ପିୟନସିପ୍-୨୦୨୪ ଆରମ୍ଭ ହୋଇଛି। ୨ଟି ବର୍ଗରେ ଆୟୋଜିତ ହେବାକୁ ଥିବା ଏହି ମ୍ୟାଚ୍‌ଗୁଡିକରେ ପୁଲ– ଏ'ରେ ଝାଡ଼ଖଣ୍ଡ ଚକ୍ରଧରପୁରର ସ୍ପୋର୍ଟିଂ କ୍ଲବ, ଓଡ଼ିଶା ଭୁବନେଶ୍ୱରର ଜଗା ୟୁନାଇଟେଡ୍, ସମ୍ବଲପୁର ଫୁଟବଲ ଏକାଡେମୀ ଓ ମହାରାଷ୍ଟ୍ର ନାଗପୁରର ନାଗପୁର ବ୍ଲୁ ଏସ୍‌ସି ଏବଂ ପୁଲ– ବି'ରେ ପଶ୍ଚିମବଙ୍ଗ କୋଲକତାର ହାଲିଶଙ୍କର ସରସ୍ୱତୀ କ୍ଲବ, ଓଡ଼ିଶା କଟକର ରାଧାରମଣ କ୍ଲବ, ବିଶାଖାପଟନମର ଇଷ୍ଟ କୋଷ୍ଟ ରେଳବାଇ ଓ ବିହାର ବକ୍ସରର ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚ୍ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଓ ଝାରଖଣ୍ଡ ଚକ୍ରଧରପୁରର ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଜଗା ୟୁନାଇଟେଡ୍ ଦଳ ୨-୧ ଗୋଲରେ ଚକ୍ରଧରପୁର ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ସରୋଜ ଦଳପତ, ରାମଦାସ ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାରେ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ସଚିବ ଅବଦୁଲ ଗଫାର, ଜିଲା କ୍ରୀଡ଼ା ସଚିବ ବିକାଶ କେଶର ମିଶ୍ର, କାଉନସିଲ ସଦସ୍ୟ ସୁବୋଧ ସାହୁ, ଗୋପାଳ ନନ୍ଦ, ମହମ୍ମଦ ଇସାକଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ। ରବିବାର ଦିନ ସମ୍ବଲପୁର ଫୁଟବଲ ଏକାଡେମୀ ଓ ନାଗପୁର ବ୍ଲୁ ଏସସି ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଚାମ୍ପିୟନସିପର ଫାଇନାଲ ମ୍ୟାଚ୍ ୪ ତାରିଖରେ ଆୟୋଜିତ ହେବ।

## ଭାରତ-ବାଂଲାଦେଶ ଟେଷ୍ଟ

# ଓଦା ଆଉଟ ଫିଲ୍ଡ ଯୋଗୁ ତୃତୀୟ ଦିନର ଖେଳ ବାତିଲ

**କାନପୁର**

ଭାରତ-ବାଂଲାଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନରେ ମଧ୍ୟ ଗୋଟିଏ ବି ବଲ୍ ପଡ଼ିପାରିନାହିଁ। ବିନା ଖେଳରେ ତୃତୀୟ ଦିନକୁ ବାତିଲ କରି ଦିଆଯାଇଛି। ଦ୍ୱିତୀୟ ଦିନରେ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇ ପାରି ନଥିଲା। କିନ୍ତୁ ରବିବାର ସକାଳ ପ୍ରାୟ ୮ଟା ୩୦ରୁ କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଟୋପାଏ ବି ବର୍ଷା ହୋଇ ନାହିଁ। ତଥାପି ଓଦା ଆଉଟ ଫିଲ୍ଡ ଯୋଗୁ ତୃତୀୟ ଦିନର ଖେଳ ସମ୍ଭବ ହୋଇପାରିନାହିଁ। ରବିବାର ଥିବାରୁ ମ୍ୟାଚ୍ ଦେଖିବାକୁ ଅନେକ ଫ୍ୟାନ୍ସ ଆସିଥିଲେ। ବର୍ଷା ନଥିବାରୁ ମ୍ୟାଚ୍ ଆରମ୍ଭ ହେବ ବୋଲି ଆଶା କରି ରଖିଥିଲେ। କିନ୍ତୁ ଶେଷରେ ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଦ୍ୱିତୀୟ ଦିନ ଭଳି ତୃତୀୟ ଦିନରେ ଗୋଟିଏ ବି ବଲ ପଡ଼ି ପାରିନାହିଁ।

ଦ୍ୱିତୀୟ ଦିନରେ ଲଗାଣ ବର୍ଷା ଯୋଗୁ ପୂରା ଗ୍ରାଉଣ୍ଡକୁ ଘୋଡ଼ାଇ ରଖାଯାଇଥିଲା। ହେଲେ ରବିବର ସେମିତି ସ୍ଥିତି ନଥିଲା। ସକାଳ ୮.୩୦ରୁ ବର୍ଷା ହୋଇ ନଥିବାରୁ ସମସ୍ତ କଭରକୁ ୯.୩୦ ସୁଦ୍ଧା କାଢ଼ି ଦିଆଯାଇଥିଲା। ସମସ୍ତେ ଭାବିଥିଲେ ୧ ଘଣ୍ଟା ଭିତରେ ମ୍ୟାଚ୍ ଆରମ୍ଭ ହେବ। କିନ୍ତୁ ବୋଲର୍ସ ରନ ଅପ୍ ପାଖରେ ଥିବା ଗୋଟିଏ ଓଦା ସ୍ଥାନ ଓ ଆଉଟ୍ ଫିଲ୍ଡ ଓଦା ଥିବାରୁ ଏହା ସମ୍ଭବ ହୋଇ ପାରି ନଥିଲା। ଗ୍ରାଉଣ୍ଡ ଷ୍ଟାଫ ଏହାକୁ ଶୁଖାଇବା ପାଇଁ ଫୁଲଦମ୍‌ରେ ଲାଗି ପଡ଼ିଥିଲେ। କିନ୍ତୁ ଦିନ ୨ଟା ସୁଦ୍ଧା ଏହା ସମ୍ଭବ ପର ହୋଇ ନଥିଲା। ଓଦା ଆଉଟ ଫିଲ୍ଡ ଯୋଗୁ ତୃତୀୟ ଦିନକୁ ଅମ୍ପାୟାର ବାତିଲ କରିଥିଲେ।

## ରାଜ୍ୟ ସ୍ତରୀୟ ସାହାଣୀ କପ୍-୨୦୨୪

# ୫ମ ଦିନରେ ଅନୁଗୁଳ ଓ ମୟୂରଭଞ୍ଜ ବିଜୟୀ : ମୟୂରଭଞ୍ଜ କ୍ୱାର୍ଟର ଫାଇନାଲରେ ପ୍ରବେଶ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଓ ଓଡ଼ିଶା ଫୁଟବଲ୍ ଆସୋସିଏସନର ସହଯୋଗିତାରେ ଅନୁଷ୍ଠିତ ସାହାଣୀ କପ୍-୨୦୨୪ର ୫ମ ଦିନର ପ୍ରଥମ ମ୍ୟାଚ୍‌ରେ ଅନୁଗୁଳ ଭଦ୍ରକକୁ ୭-୦ ଗୋଲରେ ପରାସ୍ତ କରିଛି। ଫାତୁ ଚରଣ ହେମ୍ବ୍ରମ ୨ ମିନିଟ, ଅମୀୟ ପ୍ରଧାନ ୫୧, ୫୫, ୫୯ ଓ ୬୦ ମିନିଟରେ, କୃଷ୍ଣଚନ୍ଦ୍ର ନାଏକ ୬୪ ମିନିଟରେ ଏବଂ ତ୍ରିନାଥ ଭାନୁ ନାୟକ ଗୋଲ କରିଥିଲେ। ଅନୁଗୁଳ ଦଳର ଅମୀୟ ପ୍ରଧାନ ହ୍ୟାଟ୍ରିକ୍ ସହ ୪ଟି ଗୋଲ୍ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିପୁଲ ବିଦ୍ୟାଧର, ବିବେକ ନାଏକ, ବାପୁନ କୁମାର ମହାନ୍ତ ଓ ସନ୍ତୋଷ ମହାକୁଡ଼ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଯୋଗ ଦେଇ ଦେବାଶିଷ ମହାନ୍ତି ଓ ଜୀତେନ୍ଦ୍ର ମହାନ୍ତି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳି ଶ୍ରୀ ପ୍ରଧାନଙ୍କୁ ମହେଶ ଦାସ ସ୍ମୃତି ସମ୍ମାନରେ ୨ ହଜାର ଟଙ୍କା ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ୨ୟ ମ୍ୟାଚ୍‌ରେ ମୟୂରଭଞ୍ଜ ବୌଦ୍ଧକୁ ୧-୦ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ହାମ୍ବିରା ହେମ୍ବ୍ରମ ଏକମାତ୍ର ଗୋଲ ସ୍କୋର କରିଥିଲେ ଓ ବୌଦ୍ଧ ଦଳର ଗୋଲକିପାର ସୁବ୍ରତ ମହାରଣା ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଶିବ ଶଙ୍କର ପଣ୍ଡା, ସେଖାବତ୍ ଖାନ, ସୁଜିତ ରାଜହଂସ, ଲକ୍ଷ୍ମଣ ସେଠ୍ ଖେଳ ପରିଚାଳନା କରିଥିବା ବେଳେ ସୁଭଦ୍ରା ହେମ୍ବ୍ରମ ମ୍ୟାଚ୍ କମିଶନର କାର୍ଯ୍ୟ ତୁଲାଇଥିଲେ। ଅତିଥି ଭାବେ ଯୋଗ ଦେଇ ୧ ନଂ ୱାର୍ଡ କାଉନସିଲର ସୁକେଶିନୀ ସେଠୀ, କାଶୀନାଥ ରଣା, ପ୍ରଭାତ ନାୟକ ଓ ବିଶିଷ୍ଟ କ୍ରୀଡ଼ାବିତ୍ ଓ କାଉନସିଲ ସଭ୍ୟ ଅମୀୟ କୁମାର ବଳ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ଅସିତ୍ ପତି, ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ୍ ସମ୍ପାଦକ ଅମର କୁମାର ସେଠୀ, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ପ୍ରଥମ ମ୍ୟାଚ୍ ବାଲେଶ୍ୱର ଓ ଢେଙ୍କାନାଳ ଏବଂ ୨ୟ ମ୍ୟାଚ୍ ଦେବଗଡ଼ ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ।

## ବାରିପଦା ପୌର ପାଳିକା ପକ୍ଷରୁ ମିନି ମାରାଥନ

# ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଦୌଡ଼ିଲେ ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ସ୍ୱଚ୍ଛତା ହିଁ ସେବା ପକ୍ଷ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପାଳନ ଉପଲକ୍ଷେ ଆଜି ବାରିପଦା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଶୀର୍ଷକରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୭ଟାରେ ବାରିପଦା ନଗରପାଳ କୃଷ୍ଣା ନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଛଉ ପଡ଼ିଆ ଠାରେ ଆୟୋଜିତ ଏହି ମିନି ମାରାଥନକୁ ମୁଖ୍ୟଅତିଥି ଭାବରେ ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ବାରିପଦା ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ, ବାରିପଦା ଉପ ନଗରପାଳ ସୀମା ଦାସ ପ୍ରମୁଖ ଯୋଗଦେଇ ସବୁଜ ପତକା ଦେଖାଇ ଉଦ୍‌ଘାଟନ କରିବା ସହ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଅବସରରେ ବାରିପଦା ପୌର ପାଳିକା ପକ୍ଷରୁ ମିନି ମାରାଥନ ଆୟୋଜନ କରାଯାଇଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ। ପ୍ରତିଯୋଗୀମାନେ ଛଉ ପଡ଼ିଆରୁ ବାହାରି ଫାୟାର ଷ୍ଟେସନ, ଅମ୍ବିକା ମନ୍ଦିର, ଜଗନ୍ନାଥ ମନ୍ଦିର, କୃଷ୍ଣ ଚନ୍ଦ୍ର ଗୋଲେଇ, ବିଜୁ ପଟ୍ଟନାୟକ ଗୋଲେଇ ହୋଇ ବାରିପଦା ପୌଳିକା ପର୍ଯ୍ୟନ୍ତ ଆସିଥିଲେ। ପ୍ରତିଯୋଗିତାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ୬୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ପୁରୁଷ ବର୍ଗରୁ ୬ଜଣ ଏବଂ ମହିଳା ବର୍ଗରୁ ୬ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୌର କର୍ମଚାରୀ ଏବଂ ଖେଳ ଶିକ୍ଷକ ତଥା ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# କ୍ରୀଡ଼ାବିତ୍ ବଳରାମ ପଣ୍ଡାଙ୍କ ଦେହାନ୍ତ : ସୋନପୁରରେ ଶୋକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୋନପୁର ସହରର ମଝିପଡ଼ାର ବରିଷ୍ଠ ନାଗରିକ, କ୍ରୀଡ଼ାବିତ୍ ତଥା ଯୁବ ସଂଗଠକ, ସୋନପୁର ପୌରପରିଷଦ ୱାର୍ଡ-ନଂ-୮ର କାଉନସିଲର ତଥା ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ପୀୟୂଷ ପଣ୍ଡାଙ୍କ ପିତା ବଳରାମ ପଣ୍ଡା (୭୯)ଙ୍କ ହୃଦ୍‌ଘାତରେ ପରଲୋକ ଘଟିବାରୁ ସୋନପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ପଣ୍ଡା ଜଣେ ଅତି ସରଳ, ଉଦାର ଓ ମେଳାପି ବ୍ୟକ୍ତି ଭାବେ ଜଣାଶୁଣା ଥିବା ବେଳେ ସେ ଜଣେ ଆଗ ଧାଡ଼ିର ଫୁଟବଲ୍ ଓ ଭଲିବଲ୍ ଖେଳାଳି ଭାବେ ଖୁବ୍ ଜଣା ଶୁଣା ଥିଲେ। ସୋନପୁର, ବୀର ମହାରାଜ, ପାଟଣାଗଡ଼, ଟିଟିଲାଗଡ଼ ଠାରେ ଉପ ନିବନ୍ଧକ କାର୍ଯ୍ୟାଳୟ ଠାରେ ବରିଷ୍ଠ କିରାଣୀ ଭାବେ ସେ ନିଷ୍ଠା ର ସହ କାର୍ଯ୍ୟ କରି ଆସିଥିବା ବେଳେ ୧୯୬୪ ରେ ମହାରାଜା ହାଇସ୍କୁଲରେ ଛାତ୍ର ଆନ୍ଦୋଳନରେ ନେତୃତ୍ୱ ନେଇ ସ୍କୁଲ୍ ଓ ସୋନପୁର କଲେଜ୍‌ରେ ଛାତ୍ର ନେତା ଭାବେ ବି ଖୁବ୍ ପରିଚିତ ଥିଲେ ଏବଂ ଚାଷ ଓ ଗୋ' ସେବା କାର୍ଯ୍ୟକୁ ଭଲ ପାଇବା ସହ ପ୍ରତ୍ୟେକ ମଣିଷକୁ ସେ ଉତ୍ତମ ବ୍ୟବହାର ପ୍ରଦର୍ଶନ ଓ ଖୁବ୍ ଆଦର କରୁଥିବା ଜଣେ ଭଲ ମଣିଷ ଥିଲେ ଶ୍ରୀ ପଣ୍ଡା। ମଝିପଡ଼ାରେ କାଳୀପୂଜା, ନାମଯଜ୍ଞ ଓ ପ୍ରତ୍ୟେକ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଯୁବ ବୟସରୁ ସକ୍ରିୟ ଭାବେ ଦାୟିତ୍ୱ ନିଭାଇ ଥିଲେ। ସୋନପୁର ଶ୍ରୀ ରାମେଶ୍ୱର ଶ୍ମଶାନ ଘାଟରେ ସ୍ୱର୍ଗତ ପଣ୍ଡାଙ୍କ ଅନ୍ତିମ ସଂସ୍କାର କରଯାଇଥିବା ବେଳେ ବଡ଼ ପୁଅ ପ୍ରିତମ୍ (ରକି) ମୁଖଗ୍ନୀ ଦେଇଥିଲେ। ଶ୍ରୀ ପଣ୍ଡାଙ୍କ ଧର୍ମ ପତ୍ନୀ, ଉଭୟ ପୁତ୍ର, ପୁତ୍ର ବଧୂ, ତିନି ଭଉଣୀ ଓ ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ପୌର ଅଧ୍ୟକ୍ଷା, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ରାମଧୁନ କ୍ଲବ୍‌ର ସମସ୍ତ ସଦସ୍ୟ, କ୍ରୀଡ଼ା ଓ ବିଭିନ୍ନ ସଙ୍ଗଠନର ସଭ୍ୟ ଶ୍ରୀ ପଣ୍ଡାଙ୍କ ଅନ୍ତିମ ଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ପୌର ପରିଷଦ ଅଧ୍ୟକ୍ଷା, ପ୍ରାକ୍ତନ ଅଧ୍ୟକ୍ଷଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏ ଖବରରେ ଗଭୀର ଶୋକ ବାର୍ତ୍ତା ପ୍ରକାଶ କରିଛନ୍ତି।

# ଭାରସାମ୍ୟ ହରାଇ ମୋଟର ସାଇକେଲ ଚାଳକ ମୃତ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ୫୯ନଂ ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଘରେ ବାଡ଼େଇ ହେଲା ମୋଟର ସାଇକେଲ। ଦୁର୍ଘଟଣାରେ ମୋଟର ସାଇକେଲ ଚାଳକ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଲୋକେ ଘଟଣା ସମ୍ପର୍କରେ ବାଲିଗୁଡ଼ା ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ବାଲିଗୁଡ଼ା ପୋଲିସ୍ ଘଟଣା ସ୍ଥଳରେ ପହଁଚି ମୋଟର ସାଇକେଲ ଚାଳକକୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମୃତକ ଜଣକ କ.ନୂଆଗାଁ ଥାନା ଗସାନାଙ୍କୁ ଗ୍ରାମର ମାଧବ ମଲ୍ଲିକ ହୋଇଥିବା ସୂଚନା ମିଳିଛି।

# ଭିଜିଲାନ୍ସ ଜାଲରେ ମହିଳା ସହକାରୀ ଯନ୍ତ୍ରୀ

**ସେମିଳିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**



କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ଠାରେ ମହିଳା ସହକାରୀ ଯନ୍ତ୍ରୀ ଭାନୁମୋତି ଟୁଡୁଙ୍କୁ ଧରିଛି ଜୟପୁର ଭିଜିଲାନ୍ସ ଟିମ୍। ଘୁମର ପଞ୍ଚାୟତର ଜଣେ ହିତାଧିକାରୀଙ୍କ ଠାରୁ ଗାଈ ଗୁହାଳ ନିର୍ମାଣ କାର୍ଯ୍ୟର ବିଲ୍ ପାସ୍ କରିବାକୁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରଙ୍ଗବୋଳା ଟଙ୍କା ସହ ଧରିଛି ଟିମ୍। ସକାଳ ୧୨.୩୦ ରୁ ୨ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଚଢ଼ଉ ଚାଲିଥିଲା। ପରେ ସୁନାବେଡ଼ା ହାଲ୍ ସରକାରୀ ବାସଭବନରେ ଶୁକ୍ରବାର ରାତ୍ରରେ ମଧ୍ୟ ଯାଞ୍ଚ କରୁଥିଲା ବିଜଲାନ୍ସ। ଦୁର୍ନୀତିରେ ଲିପ୍ତ ରହିଥିବା ସହକାରୀ ଯନ୍ତ୍ରୀଙ୍କ ନାମରେ ପୂର୍ବରୁ ଅଭିଯୋଗ ରହିଥିବା ବେଳେ ଲୁଚି ରହିଥିବା ୫ ଜଣିଆ ଭିଜିଲାନ୍ସ ଟିମ୍ ଧରିଥିଲା। ଗତ କିଛି ଦିନ ହେବ ସହକାରୀ ଯନ୍ତ୍ରୀଙ୍କ ନାମରେ ଅଭିଯୋଗ ରହିଥିବା ବେଳେ ଜୟପୁର ଭିଜିଲାନ୍ସ ଏହାକୁ ନେଇ ଏକ ଟିମ୍ ଗଠନ କରି ଶୁକ୍ରବାର ୧୧ ଟା ବେଳେ କୁନ୍ଦୁରା ବ୍ଲକ ଠାରେ ରହିଥିବା ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ଟଙ୍କା ସହ ଧରିଥିବା ଦେଖିବାକୁ ମିଳିଥିଲା। ସହକାରୀ ଯନ୍ତ୍ରୀ ଭାନୁମତି ଟୁଡୁଙ୍କ ନାମରେ ଗୁରୁବାର ଅଭିଯୋଗ ହୋଇଥିବା ବେଳେ ୧୯ ନଂ କେଶ୍‌ରେ ୨୬/୦୯/୨୪ ରୁଜୁ କରିଛି ଭିଜିଲାନ୍ସ। ସେ କୁନ୍ଦୁରା ବ୍ଲକ୍‌ରେ କନିଷ୍ଠ ଯନ୍ତ୍ରୀ ଭାବେ ରହି ୧୭/୦୨/୨୩ ମସିହାରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ।

# ସ୍ୱାସ୍ଥ୍ୟ କେନ୍ଦ୍ରର ଏଏନଏମଙ୍କୁ ମରଣାନ୍ତକ ଆକ୍ରମଣ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଖମଣଖୋଲରେ ଘଟିଛି ଏକ ଅଭାବନୀୟ ଘଟଣା। ଶୁକ୍ରବାର ବିଳମ୍ବିତ ରାତ୍ରରେ ଘରେ ପଶି ଏଏନଏମ୍‌ଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଖମଣଖୋଲ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ଏଏନଏମ୍ ଟିକିଲି ରାଜପୁତଙ୍କୁ ବିଳମ୍ବିତ ରାତିରେ ଚାରିରୁ ଉର୍ଦ୍ଧ୍ୱ ମହିଳା ଦଶରୁ ଉର୍ଦ୍ଧ୍ୱ ପୁରୁଷ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଏନଏମ୍‌ଙ୍କୁ ଘରୁ ଘୋଷାରି ଆଣି ନିର୍ଦ୍ଧୁମ ଛେଚିଥିଲେ। ଏଏନଏମଙ୍କ ମୁହଁ, ଛାତି ଓ ମୁଣ୍ଡରେ ଆଘାତ ଲାଗିଛି। ଖବର ପାଇ ବାଲିଗୁଡ଼ା ଥାନା ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ବାଲିଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲା। ଏନେଇ ବାଲିଗୁଡ଼ା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ ଏଏନଏମଙ୍କ ସହ ଜଣେ ଝିଅ ରହୁଥିଲେ। ସେ ଗୋଟିଏ ପୁଅକୁ ଭଲ ପାଉଥିବା ବେଳେ ପୁଅ ଘର ଲୋକ ରାତିରେ ଆସି ସେ ଝିଅକୁ ନ ପାଇ ଏଏନଏମ୍‌ଙ୍କୁ ଆକ୍ରମଣ କରିଥିବା କୁହାଯାଉଛି। କିନ୍ତୁ ଘଟଣାର ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଶାନ୍ତି ବିନା ପର୍ଯ୍ୟଟନ ସମ୍ଭବ ନୁହେଁ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱରେ ଶାନ୍ତି ବିନା ପର୍ଯ୍ୟଟନ ସମ୍ଭବ ନୁହେଁ। ଭାରତ ଶାନ୍ତିର ଦୂତ। ଶାନ୍ତି ଓ ମୈତ୍ରୀ ଭାବକୁ ପାଥେୟ କରି ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସ କରେ ଆମ ଦେଶ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ପକ୍ଷରୁ ଆୟୋଜିତ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଏହି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍), ଗ୍ୱାଲିୟରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏସ୍.କେ. ଲେଙ୍କା କହିଥିଲେ ଯେ ଶାନ୍ତି ବିନା ପର୍ଯ୍ୟଟନ ସମ୍ଭବ ନୁହେଁ। ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ପ୍ରସଙ୍ଗ ରହିଛି 'ପର୍ଯ୍ୟଟନ ଓ ଶାନ୍ତି'। ଏହି ପରିପ୍ରେକ୍ଷୀରେ ଏସ୍‌ଏଚ୍‌ଏମ୍ ପକ୍ଷରୁ ଏହି ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପୋଷ୍ଟର, ବକ୍ତୃତା ଓ ରଚନା ପ୍ରତିଯୋଗିତାକୁ ସ୍ୱାଗତ କରିଥିଲେ ପ୍ରଫେସର ଲେଙ୍କା। ଏହି ଅବସରରେ ପିପୁଲ୍ ଗ୍ରୁପ୍ ଅଫ୍ ହୋଟେଲ୍ସର ସିଇଓ ସୁବ୍ରତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପର୍ଯ୍ୟଟନର ସୀମା ବେଶ୍ ପରିବ୍ୟାପ୍ତ। ଆମ ସଂସ୍ପର୍ଶରେ ପ୍ରତ୍ୟେକ ଦିନ ଯୋଡ଼ି ହେଉଥିବା ଅନେକ ବ୍ୟକ୍ତି ପର୍ଯ୍ୟଟନ ସହ ସମ୍ପୃକ୍ତ। ଏ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ଦେଇ ଚଳିତ ବର୍ଷର ପର୍ଯ୍ୟଟନ ଦିବସର ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏସ୍‌ଏଚ୍‌ଏମ୍‌ର ରିସର୍ଚ୍ଚ ସ୍କଲାର ସୁଶ୍ରୀ ଶୁଭ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାପୁଟ ଜିଲ୍ଲାକୁ ବାଲିପରିବହନ ସମସ୍ୟା

# ସେମିଳିଗୁଡ଼ା ଓ ସୁନାବେଡ଼ା ଟିପ୍ପର ମାଲିକ ସଂଘର ଆନ୍ଦୋଳନ ଜାରି

**ସେମିଳିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**



ସେମିଳିଗୁଡ଼ା କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସୁନାବେଡ଼ା ଟିପ୍ପର ମାଲିକ ସଂଘ ପକ୍ଷରୁ ବନ୍ଦ ଡାକରା ଦିତୀୟ ଦିନରେ ପହଞ୍ଚିଛି। ସେମିଳିଗୁଡ଼ା ନୂଆଁ ହାଟପଦା ଧର୍ମଘଟ ସ୍ଥଳରେ ଶନିବାର ଦିନ କୋରାପୁଟ ବିଧାୟକ ରଘୁରାମ ମାଛ ଆନ୍ଦୋଳନକାରୀଙ୍କ ସହ ମିଶି ସେମାନଙ୍କ ରୟାଲଟି ଅଭାବ ସମାସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକଙ୍କୁ ଏକ ଲିଖିତ ଦାବି ପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା। ନବରଙ୍ଗପୁର ବାଲି ଖାଦାନରେ ରୟାଲଟି ମିଳୁ ନଥିବା ବେଳେ ବିଭିନ୍ନ ଆଳ ଦେଖାଇ ଖାଦାନ ଲିଜ୍‌ଧାରୀ ବାଲି ଲୋଡିଂ ଦେଇ ଟିପ୍ପର ମାଲିକଙ୍କ ଠାରୁ ବହୁ ଦର ନେଉଛନ୍ତି। ରୟାଲଟି ନଦେଇ ମନ ଇଚ୍ଛା ଦର ଧାର୍ଯ୍ୟ କରି ଗାଡ଼ି ମାଲିକଙ୍କ ଠାରୁ ଅଧିକ ଅର୍ଥ ଆଦାୟ କରୁଛନ୍ତି। କୋରାପୁଟ ଜିଲ୍ଲାରୁ ନବରଙ୍ଗପୁର ଜିଲ୍ଲାର ବାଲି ଖାଦାନକୁ ଅତିକମ୍‌ରେ ୧୫୦ରୁ ଉର୍ଦ୍ଧ୍ୱ କିଲୋମିଟର ଦୂରତ୍ୱ ରହିଛି। ବାଲି ଆଣିବା ପାଇଁ ଖାଦାନକୁ ଯେଉଁ ଗାଡ଼ି ଯିବ ଯଦି ଲୋଡ୍ ନ ଆଣି ଖାଲିରେ ଫେରିବ ତେବେ ଯାତାୟାତ ୨୫୦ ରୁ ୩୦୦ କିମିର ତେଲ ପଇସା ୧୩ରୁ ୧୪ ହଜାର ଟଙ୍କାର ଖର୍ଚ୍ଚାନ୍ତ ହେବ। କ୍ଷତିକୁ ନଜରରେ ରଖି ଯେଉଁ ଗାଡ଼ି ବିନା ରୟାଲଟିରେ ଗାଡି ଲୋଡ୍ କଲା ସେ ଭୟରେ ଚୋରଙ୍କ ଭଳିଆ ଲୁଚି ଲୁଚି ଆସିବ। ଯଦି ଖଣି ଅଧିକାରୀ, ତହସିଲ ଏବଂ ପୋଲିସ ଅଧିକାରୀଙ୍କ କବଳରୁ ଖସି ଗଲା ତେବେ ୩/୪ ହଜାର ଟଙ୍କା ପାଇବ। ଯଦି କୌଣସି ଅଧିକାରୀଙ୍କ ହାବୁଡ଼ରେ ପଡ଼ିଗଲା ତେବେ ସେ ୩୦ହଜାରରୁ ଏକ ଲକ୍ଷ ଟଙ୍କା ଯାଏଁ ଫାଇନ ଗଣିବାକୁ ପଡ଼ିବ। ବାଲି ନଗଦ ଟଙ୍କା ଦେଇ କିଣି ବିନା ରୟାଲଟିରେ ଚୋରଙ୍କ ଭଳିଆ ଆସି ବାଲି ମାଫିଆର ଆଖ୍ୟା ପାଇବାକୁ କୌଣସି ମାଲିକ ଚାହୁଁ ନାହାନ୍ତି। କିନ୍ତୁ କ୍ଷତିକୁ ନଜରରେ ରଖି ଲୋଡ୍ କରୁଥିବା ଗାଡ଼ିର ମଜବୁରିର ଫାଇଦା ଉଠାଉଛନ୍ତି ବାଲି ଖାଦାନ ଲିଜ୍ ଧାରୀ। ଖଣି ଅଧିକାରୀମାନେ ଜାତୀୟ ରାଜପଥରେ ଗାଡ଼ି ମାଲିକଙ୍କୁ ଧରି ଫାଇନ ଆଦାୟ କରି ନିଜର ବାହାଦୁରୀ ଦେଖାଇବା ପରିବର୍ତ୍ତେ ଖାଦାନରେ ଚଢ଼ଉ କରି ରୟାଲଟି ବିନା ଲୋଡିଙ୍ଗ କରୁଥିବା ଅପରାଧୀଙ୍କୁ ଧରିଲେ ସବୁ ସମସ୍ୟା ସମାଧାନ ହୋଇଯିବ ବୋଲି ସଂଘ ଦାବି କରିଛି। ରାଜ୍ୟ ସରକାରଙ୍କୁ ରାଜସ୍ୱ ଆଦାୟରେ ସଫଳତା ମିଳିବ। ଖାଦାନ ଖୋଲାରେ ଛାଡ଼ି ଗାଡ଼ି ମାଲିକଙ୍କୁ ଜୁଲମ୍ କରିବା ପଛରେ ଅଧିକାରୀଙ୍କ ଦୁଇଟି ସୁବିଧା ହାସଲ ହେଉଛି। ଗୋଟିଏ ପଟେ ଖାଦାନ ଲିଜ୍‌ଧାରୀଙ୍କ ଠାରୁ ସୁବିଧା ପାଇବା ଅନ୍ୟପଟେ ଗାଡ଼ି ମାଲିକଙ୍କୁ ଜାତୀୟ ରାଜପଥରେ ଜୁଲମ୍ କରିବା। ଏହା ଫଳରେ ରାଜ୍ୟ ସରକାରଙ୍କ ଲାଭ ଅପେକ୍ଷା କ୍ଷତି ହେଉଥିଲେ ହେଁ ଅଧିକାରୀମାନେ ନିଜର ସଙ୍କୋଚ ପଣିଆ ଦେଖାଇ ଚୋର ରାସ୍ତା ଖୋଲି ଫାଇନ ଆଦାୟ କରି ନିଜର ବାହାଦୁରୀ ପ୍ରଦର୍ଶନ କରୁଛନ୍ତି।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁଖ୍ୟମନ୍ତ୍ରୀଙ୍କ ପୁଅ ...

ଉଦୟାନିଧି ଷ୍ଟାଲିନ ତାମିଲନାଡୁର ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ନେଇ ଦୀର୍ଘ ଦିନ ଧରି ଆଲୋଚନା ଚାଲିଥିଲା । ତାଙ୍କୁ ବର୍ତ୍ତମାନର ଯୁବ କଲ୍ୟାଣ ଏବଂ କ୍ରୀଡ଼ା ବିକାଶ ପୋର୍ଟଫୋଲିଓ ବ୍ୟତୀତ ଯୋଜନା ଏବଂ ବିକାଶ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି । ଏହା ସହ ତାଙ୍କୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କରାଯାଇଛି ।

ଅନ୍ୟପଟେ ଜାମିନରେ ଫେରିଥିବା ସେନ୍ଥିଲ ବାଲାଜୀଙ୍କୁ କେଉଁ ବିଭାଗ ଦିଆଯିବ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ । ବାଲାଜୀଙ୍କ ବ୍ୟତୀତ ଡକ୍ଟର ଗୋବି ଚେଝିୟାନ, ଆର ରାଜେନ୍ଦ୍ରନ ଏବଂ ଏସଏମ ନାସର ମଧ୍ୟ କ୍ୟାବିନେଟରେ ସାମିଲ ହୋଇଛନ୍ତି ।

ସେନ୍ଥିଲ ବାଲାଜୀ ଦିବଙ୍ଗତ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ଶାସନ କାଳରେ ଏଆଇଏଡିଏମ୍‌କେର କ୍ୟାସ ଫର ଜବ ଦୁର୍ନୀତିରେ ସମ୍ପୃକ୍ତ ଥିବାରୁ ଗତ ୧୫ ମାସ ଧରି ସେ ଜେଲ୍‌ରେ ଥିଲେ । ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଅର୍ଥ ହେରଫେର ଅଭିଯୋଗ ହୋଇଥିଲା । ତେବେ ଗୁରୁବାର ସୁପ୍ରିମକୋର୍ଟ ତାଙ୍କୁ ଜାମିନରେ ମୁକ୍ତ କରିଛନ୍ତି ।

## ବିକାଶ ନାଁରେ ...

ବିଜେଡିର ଗାଁକୁ କାମ, ନାରୀକୁ ସମ୍ମାନ ନାରା କେତେ କାର୍ଯ୍ୟକାରୀ ହୋଇଛି । ଗାଁକୁ ଭଲ ରାସ୍ତା ନାହିଁ । ବିକାଶମୂଳକ କାମ ନାଁରେ ଦୁର୍ନୀତି ହୋଇଛି । ନାରୀକୁ କେତେ ସମ୍ମାନ ଦେଇଛନ୍ତି, ତାହା ୨/୩ ବର୍ଷ ତଳୁ ଆମେ ଦେଖୁଛୁ । ଧର୍ମଶାଳ ପିଇଓ ସ୍ମିତାରାଣୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଯେଉଁମାନେ ମାଆଙ୍କୁ ସମ୍ମାନ ଦେବା କଥା କହୁଥିଲେ, ସେମାନେ ସ୍ମିତାରାଣୀଙ୍କୁ ହତ୍ୟା କରିଥିଲେ । ନ୍ୟାୟ ଦେବା ପରିବର୍ତ୍ତେ କୁଜି ନେତାଙ୍କୁ ଘଣ୍ଟ ଘୋଡାଇ ରଖିଲେ । ପିଇଓ ସ୍ମିତାରାଣୀ ମୃତ୍ୟୁ ମାମଲାର ତଦନ୍ତ ହେବ । ଯିଏ ବି ଦୋଷୀ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।

ଯାଜପୁରର ନଗଡ଼ା ଅପପୁଷ୍ଟି କଥା କେବଳ ରାଜ୍ୟ ନୁହେଁ, ପୂରା ଦେଶରେ ଚର୍ଚ୍ଚାରେ ଥିଲା । ଖାଇବାକୁ ନପାଇ ପ୍ରାୟ ୧୫ ଶିଶୁଙ୍କ ଜୀବନ ଯାଇଥିଲା । ଯାଜପୁରର ଗୁରୁବାରୀ ମାଉସୀ ଚକୁଣ୍ଡା ପତ୍ର ଭାଜି ଖାଇଥିଲେ । ୨୪ ବର୍ଷ ଭିତରେ କି ବିକାଶ ହୋଇଛି ? ଆହୁରି ସମୟ ମାଗୁଥିଲେ । ୨୪ ବର୍ଷର ଶାସନରେ ବିକାଶ ନାଁରେ ବିନାଶ କରିଛି ବିଜୁ ଜନତା ଦଳ ।

## ବଦଳିଲେ କଟକ...

ନିର୍ଦ୍ଦେଶକ କରାଯାଇଛି । ସେହିପରି ଗୃହ ବିଭାଗ ଓଏସ୍‌ଡ଼ି ଏସ୍.ଏମ ନରୱାଣେଙ୍କୁ ପ୍ରିଣ୍ଟିଂ, ଷ୍ଟେସନାରୀ ଓ ପବ୍ଲିକେସନ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି ।

କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କର ବଦଳି ହୋଇଛି । ତାଙ୍କୁ ରେଲୱେ ଓ ତଟ ସୁରକ୍ଷା ଏଡିଜିପି ଦାୟିତ୍ୱ ଦିଆଯାଇଛି । ଅରୁଣ ବୋଥ୍ରାଙ୍କ ସ୍ଥାନରେ ବିନୟତୋଷ ମିଶ୍ରଙ୍କୁ କରାଯାଇଛି କ୍ରାଇମବ୍ରାଞ୍ଚ ଏଡିଜି ।

ରାଧାକିଷନ ଶର୍ମାଙ୍କୁ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଦାୟିତ୍ୱ ଦିଆଯାଇଛି । କଟକ ସ୍ଥିତ ପୁଲିସ ମୁଖ୍ୟାଳୟର ଏଡିଜିପି ଭାବେ ନୂଆ ଦାୟିତ୍ୱ ପାଇଛନ୍ତି ଦୟାଲ ଗଙ୍ଗୱାର । ରାଜେଶ କୁମାରଙ୍କୁ ସ୍ପେସିଆଲ ଆର୍ମଡ ପୁଲିସ ଏଡିଜିପି ଭାବେ ବଦଳି କରାଯାଇଛି ।

ସେହିପରି ବଦଳିଛନ୍ତି କଟକ ଡିସିପି ଆର. ପ୍ରକାଶ । ତାଙ୍କୁ କ୍ରାଇମ ବ୍ରାଞ୍ଚ ଡିଆଇଜି ଭାବେ ବଦଳି କରାଯାଇଛି ।

ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡେମୀର ନିର୍ଦ୍ଦେଶକ ଏସ୍ ସାଇନିଙ୍କୁ ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁର ଆଇଜିପି ଭାବେ ବଦଳି କରାଯାଇଛି । ସଞ୍ଜୟ କୁମାର କୁଶଳ ଆଇଜି ପୋଲିସ୍ ସିଆର କଟକର ଭିଜିଲାନ୍ସରେ ଅବସ୍ଥାପିତ କରାଯାଇଛି । ଆଇଜି ପୋଲିସ୍ ଇଆର ବାଲେଶ୍ୱର ଦୀପକ କୁମାରଙ୍କୁ ଫାୟାର ସର୍ଭିସ୍ ଏବଂ ହୋମ୍‌ଗାର୍ଡ ଆଇଜିପି ଭାବେ ଅବସ୍ଥାପିତ କରାଯାଇଛି । ସେହିଭଳି ବ୍ରହ୍ମପୁର ଠାରେ ଅବସ୍ଥାପିତ ଆଇଜି ପୋଲିସ୍ ଏସ୍‌ଆର ଏବଂ ଆଇଜି ପୋଲିସ୍ ଇଓଡବ୍ଲ୍ୟୁ ଏସ୍‌ଟିଏଫ୍ ଜୟନାରାୟଣ ପଙ୍କଜଙ୍କୁ ଆଇଜିପି ଅପରେସନ ଭାବେ ବଦଳି କରାଯାଇଛି । ପୋଲିସ୍ ଇଣ୍ଟେଲିଜେନ୍ସ ଓଡ଼ିଶାର ଆଇଜି ଅନୁପ କୁମାର ସାହୁଙ୍କୁ ଆଇଜିପି ଟ୍ରେନିଂ ବିପି ଏସ୍‌ପିରେ ଅବସ୍ଥାପିତ କରାଯାଇଛି । ଖୋର୍ଦ୍ଧା ଏସ୍‌ପି ଅଭିନାଶ କୁମାରଙ୍କୁ ଡିଆଇଜି ଷ୍ଟେଟ୍ ଆର୍ମ ପୋଲିସ୍‌ରେ ନିଯୁକ୍ତି ମିଳିଛି । ଏସ୍‌ପି ବ୍ରହ୍ମପୁର ସାର୍ଥକ ଷଡଙ୍ଗୀ, ଡିଆଇଜି ଏସ୍‌ଆର ଭାବେ ଅବସ୍ଥାପିତ ହୋଇଛନ୍ତି । ଡିଆଇଜି ପୋଲିସ୍ ଡବ୍ଲ୍ୟୁଆର ରାଉରକେଲା ନୀତି ଶେଖର ଡିଆଇଜି ଏସ୍‌ଡବ୍ଲ୍ୟୁଆର କୋରାପୁଟକୁ ବଦଳି କରାଯାଇଛି । ଅନୁଗୁଳ ଏସ୍‌ପି ଡ. ଉମାଶଙ୍କର ଦାଶଙ୍କୁ ଆଡିସିନାଲ ସିପି ଭୁବନେଶ୍ୱର-କଟକକୁ ବଦଳି କରାଯାଇଛି । ଡିଆଇଜି ପୋଲିସ୍ ଏଚ୍‌ଆରପିସି ସତ୍ୟଜିତ୍ ନାୟକଙ୍କୁ ଡିଆଇଜି ଇଆର ବାଲେଶ୍ୱରକୁ ବଦଳି କରାଯାଇଛି । କେନ୍ଦ୍ରୀୟ ଡେପୁଟେସନରୁ ଆସିଥିବା ଅଖିଳେଶ୍ୱର ସିଂହଙ୍କୁ ଡିଆଇଜି ଅପରେସନ୍ ଦାୟିତ୍ୱ ପ୍ରଦାନ କରାଯାଇଛି । ଏସ୍‌ପି ରାଉରକେଲା ବ୍ରିଜେସ କୁମାର ରାୟ ଡିଆଇଜି ଡବ୍ଲ୍ୟୁଆର ରାଉରକେଲା ଭାବେ ବଦଳି କରାଯାଇଛି । ଡିଆଇଜି ପୋଲିସ୍ ଏସ୍‌ଡବ୍ଲ୍ୟୁଆର କୋରାପୁଟ୍ ଚରଣ ସିଂ ମିନାଙ୍କୁ ଡିଆଇଜି ସିଆର କଟକକୁ ବଦଳି କରାଯାଇଛି । କେନ୍ଦ୍ରୀୟ ଡେପୁଟେସନରେ ଆସିଥିବା ପାରୁଲ ଗୁପ୍ତାଙ୍କୁ କମ୍ପ୍ୟୁଟର ଡିଆଇଜି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ରାଜ୍ୟ ସରକାର କେତେକ ଜିଲ୍ଲାର ଏସ୍‌ପି ସ୍ତରରେ ଅଦଳବଦଳ କରିଛନ୍ତି । ପୁରୀ ଏସ୍‌ପି ପିନାକ ମିଶ୍ରଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଥିବା ବେଳେ ଢେଙ୍କାନାଳ ଏସ୍‌ପି ମଡକାର ସନ୍ଦିପସମ୍ପତଙ୍କୁ ଭଦ୍ରକ ଏସ୍‌ପି ଭାବେ ବଦଳି କରାଯାଇଛି । ଦେଓଗଡ ଏସ୍‌ପି ଅନୁପମା ଜେମ୍ସଙ୍କୁ ଏସ୍‌ପି ଭିଜିଲାନ୍ସକୁ ବଦଳି କରାଯାଇଛି । ଜଗତସିଂହପୁର ଏସ୍‌ପି ରାହୁଲ ପିଆରଙ୍କୁ ଏସ୍‌ପି ଭିଜିଲାନ୍ସ ଭାବେ ବଦଳି କରାଯାଇଛି । ଜଗମୋହନ ମୀନା ଏସ୍‌ପି ଗଞ୍ଜାମକୁ କଟକ ଡିସିପି ଭାବେ ବଦଳି କରାଯାଇଛି । କଟକ ଏସ୍‌ପି ଏଲ୍. ଦିବ୍ୟାଭିଙ୍କୁ ଏସ୍‌ପି ଭିଜିଲାନ୍ସ ଭାବେ ବଦଳି କରାଯାଇଛି । ଡିସିପି ଭୁବନେଶ୍ୱର ପ୍ରତୀକ ସିଂହଙ୍କୁ ଏସ୍‌ପି କଟକ (ଗ୍ରାମାଞ୍ଚଳ) ଭାବେ ବଦଳି କରାଯାଇଛି । ନୟାଗଡ ଏସ୍‌ପି ରାହୁଲ ଜୈନଙ୍କୁ ଅନୁଗୁଳ ଏସ୍‌ପି ଭାବେ ବଦଳି କରାଯାଇଛି । ଏସ୍‌ପି ଭିଜିଲାନ୍ସ ଶ୍ରବଣ ବିବେକ ଏମ୍‌ଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଛି । ଯାଜପୁର ଏସ୍‌ପି ଭିନିତ ଅଗ୍ରୱାଲଙ୍କୁ ପୁରୀ ଏସ୍‌ପି ଭାବେ ବଦଳି କରାଯାଇଛି । ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ମୟୁରଭଞ୍ଜ ଏସ୍‌ପି ଭାବେ ବଦଳି କରାଯାଇଛି । ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଛି । ଗଜପତି ଏସ୍‌ପି ସ୍ୱାଥୀ ଏସ୍. କୁମାରଙ୍କୁ ରାୟଗଡା ଏସ୍‌ପି ଭାବେ ବଦଳି କରାଯାଇଛି । ମୟୁରଭଞ୍ଜ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ନୟାଗଡ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ମାଲକାନଗିରି ଏସ୍‌ପି ନିତେଶ ୱାଧୱାନୀଙ୍କୁ ରାଉରକେଲା ଏସ୍‌ପି, ବୌଦ୍ଧ ଏସ୍‌ପି ରାଜପ୍ରସାଦଙ୍କୁ ବାଲେଶ୍ୱର ଏସ୍‌ପି ଭାବେ ବଦଳି କରାଯାଇଛି । ଏଆଇଜି ପୋଲିସ୍ ହେଡକ୍ୱାର୍ଟରରେ ଅବସ୍ଥାପିତ ନାଗରାଜ ଦେବରାକୋଣ୍ଡାଙ୍କୁ ବୌଦ୍ଧ ଏସ୍‌ପି ଭାବେ ବଦଳି କରାଯାଇଛି । କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଗଞ୍ଜାମ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କୋରାପୁଟ ଏସ୍‌ପି ଅଭିନବ ସୋନ୍‌କାରଙ୍କୁ ଢେଙ୍କାନାଳ, ନବରଙ୍ଗପୁର ଏସ୍‌ପି ରୋହିତ ବର୍ମାଙ୍କୁ ଏସ୍‌ପି କୋରାପୁଟ୍ ଭାବେ ବଦଳି କରାଯାଇଛି । ସୋନପୁର ଏସ୍‌ପି ଏସ୍ ପ୍ରତାପ ଶ୍ରୀମଲଙ୍କୁ ଯାଜପୁର ଏସ୍‌ପି, ରାୟଗଡା ଏସ୍‌ପି ହରିଶ ବି ସିଙ୍କୁ କନ୍ଧମାଳ ଏସ୍‌ପି ଭାବେ ବଦଳି କରାଯାଇଛି । ଭୁବନେଶ୍ୱର-କଟକ ଆଡିସିନାଲ ଡିସିପି ଅନୀଲ କୁମାର ମିଶ୍ରଙ୍କୁ ଦେବଗଡର ଏସ୍‌ପି, ପୋଲିସ୍ ହେଡକ୍ୱାର୍ଟରରେ ଥିବା ରାମପ୍ରସାଦ ସାହୁଙ୍କୁ ସୋନପୁର ଏସ୍‌ପି, ଆଡିସିନାଲ ଏସ୍‌ପି ଆଇୟୁସିଏଡବ୍ଲ୍ୟୁ ଢେଙ୍କାନାଳ, ଭବାନୀଶଙ୍କର ଉଦ୍‌ଗାତାଙ୍କୁ ଜଗସିଂହପୁର ଏସ୍‌ପି, ପୋଲିସ୍ ଷ୍ଟେଟ୍ ହେଡକ୍ୱାର୍ଟର ଏସ୍‌ପି ମିହିର ପଣ୍ଡାଙ୍କୁ ନବରଙ୍ଗପୁର ଏସ୍‌ପି, ସିନିୟର ଆଡମିନିଷ୍ଟ୍ରେଟର ସିକ୍ୟୁରିଟି ଜଗନ୍ନାଥ ଟେମ୍ପୁଲ, ପୁରୀର ଜିତେନ୍ଦ୍ର କୁମାର ପରିଡାଙ୍କୁ ଗଜପତି ଏସ୍‌ପି ଭାବେ ବଦଳି କରାଯାଇଛି ।

## ଅକ୍ଟୋବର ୯ରେ...

ଧନ୍ୟବାଦ ଜଣାଇଥିଲେ । ଏଥିରେ ଦର୍ଶାଯାଇଥିଲା ଯେ ଅଦ୍ୟାବଧି ଛପା ଯାଇଥିବା ୧ କୋଟି ୮୯ ଲକ୍ଷ ୩୪ ହଜାର ୧୭୬ ସୁଭଦ୍ରା ଆବେଦନ ଫର୍ମ ମଧ୍ୟରୁ ୧ କୋଟି ୫୭ ଲକ୍ଷ ୧ ହଜାର ୫୫ ଫର୍ମ ବଣ୍ଟନ କରାଯାଇଛି ।

## ରାପିଡ ଆକ୍ସନ...

କହିଛନ୍ତି । ସେହିପରି ବିବାଦୀୟ ପୋଷ୍ଟକୁ ନେଇ ଧାମନଗର ବଜାରରେ କରାଯାଇଥିବା ରାସ୍ତାରୋକୋ ଘଟଣାରେ ୭ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି ।

## ଖୁବଶୀଘ୍ର ନିଯୁକ୍ତ ...

ଉପଯୁକ୍ତ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯିବ । ଏନେଇ ଖୁବଶୀଘ୍ର ଆମେ ନିଷ୍ପତ୍ତି ନେବୁ । ଏଥିପାଇଁ ଦଳୀୟ ସ୍ତରରେ ଓ ମନ୍ତ୍ରୀ ସ୍ତରରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ । ବୋର୍ଡ ଓ ନିଗମ ଦାୟିତ୍ୱରେ ଅଭିଜ୍ଞ ତଥା ପ୍ରମୁଖ ବ୍ୟକ୍ତିବିଶେଷ, ଟେକ୍ନିକାଲ ବ୍ୟକ୍ତି, ବୈଜ୍ଞାନିକ, ଏକ୍ସ-ସର୍ଭିସମ୍ୟାନଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି । ଏଥିପାଇଁ ପଲିସି ପ୍ଲାନିଂ ହେବ, ତାହା ଅନୁଯାୟୀ ପଦକ୍ଷେପ ନିଆଯିବ ।

## ଦିଲ୍ଲୀ ବାୟୁ ପ୍ରଦୂଷଣ...

ବାଲି ଗୋଡ଼ି ଲାଗି ନ ରହିବ ତାହା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାଲି, ଗୋଡ଼ି ପରିବହନ ସମୟରେ ସେଗୁଡ଼ିକୁ ଢାଙ୍କି ରଖିବାକୁ ଗାଡ଼ି ଚାଳକଙ୍କୁ ନିର୍ଦ୍ଦେଶ ରହିଛି । ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଶ୍ରମିକ ଓ କର୍ମଚାରୀଙ୍କୁ ମାସ୍କ ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବାକୁ କୁହାଯାଇଛି । ଏହି ନିର୍ଦ୍ଦେଶନାମା ଅକ୍ଟୋବର ୭ରୁ ନଭେମ୍ବର ୭ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହାକୁ ଯିଏ ଅମାନ୍ୟ କରିବ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନିର୍ଦ୍ଦେଶନାମା ପାଳନ କରାଯାଉଛି କି ନାହିଁ ତାହା ଯାଞ୍ଚ କରିବାକୁ ଦିଲ୍ଲୀ ସରକାର ୫୨୩ଟି ଦଳ ଗଠନ କରିଥିବା ସେ ସୂଚନା ଦେଇଛନ୍ତି ।

# ପୂର୍ବତଟ ରେଳପଥ ଜନ ଭାଗିଦାରୀ ଏବଂ ସ୍ୱଚ୍ଛତା ଅଭିଯାନକୁ ପ୍ରୋତ୍ସାହିତ କରେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମୁଦାୟର ଯୋଗଦାନକୁ ସୁଦୃଢ଼ କରିବା ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ବିଭିନ୍ନ ପ୍ରମୁଖ ରେଳ ଷ୍ଟେସନରେ ଜନ ଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଜନସାଧାରଣଙ୍କ କଲ୍ୟାଣ ତଥା ପରିବେଶ ସ୍ୱଚ୍ଛତା ପାଇଁ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏହି ପଦକ୍ଷେପ 'ସ୍ୱଚ୍ଛତା ହିଁ ସେବା' (ସ୍ୱଚ୍ଛତା ସେବା) ବିଷୟକୁ ସୂଚିତ କରୁଛି । ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର ରେଳ ଷ୍ଟେସନରେ ଜନ ଭାଗିଦାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଯେଉଁଠାରେ ସେ ହିତାଧିକାରୀ ଏବଂ ଜନ ସମୁଦାୟ / ସାଧାରଣ ଜନତାଙ୍କ ସହ ସକ୍ରିୟ ଭାବରେ ଜଡିତ ଥିଲେ । ସ୍ୱଚ୍ଛତା ଅଭିଯାନରେ ତାଙ୍କର ଯୋଗଦାନ ସର୍ବସାଧାରଣ ସ୍ଥାନରେ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନତା ସହ ପରିମଳ ବଜାୟ ରଖିବାରେ ସହଯୋଗୀ ପ୍ରୟାସର ଗୁରୁତ୍ୱକୁ ଦର୍ଶାଇଲା । ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେସ କୁମାର ବେହେରା ପୁରୀ ରେଳ ଷ୍ଟେସନରେ ଏହି ଅବସରରେ ଯୋଗଦାନ କରିଥିବାବେଳେ ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ଶ୍ରୀ ବି କେ ମିଶ୍ର କଟକ ରେଳ ଷ୍ଟେସନରେ ସମାନ କାର୍ଯ୍ୟରେ ଭାଗ ନେଇଥିଲେ । ସେମାନଙ୍କର ନେତୃତ୍ୱ ଜନ ସମୁଦାୟର ଯୋଗଦାନ ଏବଂ ପରିବେଶ ଦାୟିତ୍ୱ ବୃଦ୍ଧି କରାଇବା ପାଇଁ ରେଳବାଇର ଉତ୍ସର୍ଗ ଉପରେ ଗୁରୁତ୍ୱାରୋପ କରିଥିଲା । ଜନ ଭାଗିଦାରୀ କାର୍ଯ୍ୟକ୍ରମରେ ବିଭିନ୍ନ ହିତାଧିକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକ ମଧ୍ୟରେ ଅଂଶଗ୍ରହଣ କରିଥିବାର ଦେଖିବାକୁ ମିଳିଥିଲା, ଯେଉଁମାନେ ବିଭିନ୍ନ ରେଳ ଷ୍ଟେସନରେ ସ୍ୱଚ୍ଛତା କାର୍ଯ୍ୟକଳାପରେ ବିଶେଷ ଅବଦାନ ରଖିଥିଲେ । ଯାତ୍ରୀ ଏବଂ ଜନସାଧାରଣଙ୍କ ପାଇଁ ଏକ ପରିଷ୍କାର ଏବଂ ଅଧିକ ଆକର୍ଷଣୀୟ ପରିବେଶ ସୃଷ୍ଟି କରିବାକୁ ଏହି ସହଯୋଗ ଲକ୍ଷ୍ୟ ରଖିଛି । ଜନ ଭାଗିଦାରୀ ଏବଂ ସ୍ୱଚ୍ଛତା ଅଭିଯାନ ଭଳି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ସ୍ୱଚ୍ଛତା ଏବଂ ଜନସମୁଦାୟର ଅଂଶଗ୍ରହଣର ସଂସ୍କୃତିକୁ ପ୍ରୋତ୍ସାହିତ କରିଚାଲିଛି ଯେପରିକି ରେଳ ଷ୍ଟେସନଗୁଡିକ କେବଳ ପରିବହନର ଧାରା ନୁହେଁ ବରଂ ସମାଜ ଓ ପରିବେଶ ପ୍ରତି ଏହାର ଯୋଗଦାନକୁ ଦର୍ଶାଉଅଛି ।






ଭୁବନେଶ୍ୱର: ଭାରତୀୟ ବିଦ୍ୟାଭବନ ସଭାଗୃହରେ "ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୨୦୧ ତମ ଆଲୋଚନା ଚକ୍ର 'ମୋ ଜୀବନ-ମୋ ସାହିତ୍ୟ' କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକା ଶକୁନ୍ତଳା ବଳିଆରସିଂହ, ସରୋଜିନୀ ସାହୁ, ବିଶିଷ୍ଟ ଲେଖିକା ଡଃ. ହିରଣ୍ମୟୀ ମିଶ୍ର ଏବଂ ମନୋଜ କୁମାର ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି । ନିକଟରେ ଅଛନ୍ତି ମୁକ୍ତି ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ଏବଂ ଆବାହକ ରମାକାନ୍ତ ମିଶ୍ର । (ଫଟୋ : ସମ୍ବାଦ କଳିକା)

# ଓଡ଼ିଶାର ବିକାଶ ଓ ଅଭିବୃଦ୍ଧି ପର୍ଯ୍ୟଟନ ମାଧ୍ୟମରେ ହୋଇପାରିବ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ବିକାଶ ଓ ଅଭିବୃଦ୍ଧି ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦ୍ୱାରା ସମ୍ଭବ ହୋଇପାରିବ । ଏହା ସହ ଟୁରିଷ୍ଟ ଗାଇଡ୍‌ମାନେ ବିଭିନ୍ନ ଦେଶର ଭାଷା କହିପାରୁ ଥିବାରୁ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି । ଓଡ଼ିଶା ରାଜ୍ୟ ଟୁରିଷ୍ଟ ଗାଇଡ୍ ଆସୋସିଏସନ ପକ୍ଷରୁ ପାଳନ କରାଯାଉଥିବା ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ୧୬୦୦ ଟୁରିଷ୍ଟ ଗାଇଡ୍ ଅଛନ୍ତି । ସମୁଦ୍ର କୂଳର ୪୮୦ କିଲୋମିଟର ବେଳାଭୂମି ଠାରୁ ଆରମ୍ଭ କରି ସିମିଳିପାଳ, ଦେଓମାଳି ଆଦି ପର୍ଯ୍ୟଟନ କ୍ଷେତ୍ରରେ ପ୍ରାକୃତିକ ସମ୍ପର୍କର ବିକାଶ ନିମିତ୍ତ ଆଧୁନିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ମଧ୍ୟ ଆବଶ୍ୟକ । ପଶ୍ଚିମ ଓଡ଼ିଶାରେ ଆଉ ଏକ ବୃହତ୍ ଚିଡ଼ିଆଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଆଡ଼ଭେଞ୍ଚର ସ୍ପୋର୍ଟସ୍ ଟୁରିଜିମ୍ ନୀତି ରାଜ୍ୟ ସରକାର ଖୁବ୍ ଶୀଘ୍ର ଆଣିବେ । ରାଜ୍ୟର କେତୋଟି ପର୍ଯ୍ୟଟନ କ୍ଷେତ୍ରରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରିବା ପାଇଁ ସରକାର ଶୀଘ୍ର ପଦକ୍ଷେପ ନେବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।




ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଯୋଗାଯୋଗ, ପର୍ଯ୍ୟଟକଙ୍କ ଯାତ୍ରାକାଳୀନ ସୁବିଧା ଆଦି ଉପରେ ସରକାର ଅଗ୍ରାଧିକାର ଦେଉଛନ୍ତି । ପର୍ଯ୍ୟଟନ କ୍ଷେତ୍ରରୁ ବର୍ତ୍ତମାନ ରାଜସ୍ୱର ୧୦ଗୁଣା ଆୟ କରିବା ପାଇଁ ଯୋଜନା ରହିଛି । ଗଞ୍ଜାମ ଜିଲ୍ଲାର ଗୋପାଳପୁର ଠାରୁ ରୁଷିକୂଲ୍ୟା ମୁହାଣ ପର୍ଯ୍ୟନ୍ତ ଏକ ମେରାଇନ୍ ଡ୍ରାଇଭ ରାସ୍ତା ଗୋପାଳପୁର ବନ୍ଦର ସହରର କଳେବର ବୃଦ୍ଧି ସହିତ ଅନେକ ପର୍ଯ୍ୟଟନସ୍ଥଳୀର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଯୋଜନା କରୁଛନ୍ତି ବୋଲି ସେ କହିଥିଲେ । ଗାଇଡ୍ ଆସୋସିଏସନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ବାବୁ ସିଂ, ବିଜେପି ରାଜ୍ୟ କମିଟିର ପୂର୍ବତନ ସଭାପତି ସମୀର ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶିଳ୍ପପତି ଜିତେନ୍ଦ୍ର କୁମାର ମହାନ୍ତି, ବିରଞ୍ଚି ମିଶ୍ର, ଆଲୋକ କୁମାର କର, ଡ. ସବୀର ହୁସେନ, ଡ. ସୁଶାନ୍ତ ରଞ୍ଜନ ଚଇନି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରର ସର୍ବବିଧ ଉନ୍ନତି ନିମିତ୍ତ ନିଜସ୍ୱ ମତ ପ୍ରଦାନ କରିଥିଲେ । ଏହି ଅବସରରେ ପର୍ଯ୍ୟଟନ କ୍ଷେତ୍ରକୁ ଅମୂଲ୍ୟ ଅବଦାନ ଦେଇଥିବା ଅଭିନେତ୍ରୀ ଅନିନ୍ଦିତା ଦାସ, କାଦମ୍ବରୀ କରଶର୍ମା, ପ୍ରଭାସିନୀ ଦାସ, ଶିବାନୀ ମହାନ୍ତି, କ୍ଷୀରୋଦ କୁମାର ପଟ୍ଟନାୟକ, ଲେଖା ମହାନ୍ତି ଓ ଗୌରଚନ୍ଦ୍ର ମହାପାତ୍ରଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମ୍ମାନିତ କରିଥିଲେ । ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ରାଜ୍ୟର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ, ମନ୍ମଥ ମିଶ୍ର, ଅନିନ୍ଦିତା ଦାସ ଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ ।

# ଓଡ଼ିଶାରୁ ପାଣି ନେଇ ଆନ୍ଧ୍ର ହସୁଛି, ଦୁଃଖରେ ଓଡ଼ିଆ ଚାଷୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପାଣିରୁ ସୁନା ଫଳାଉଛି ଆନ୍ଧ୍ର । ହେଲେ ସେଇ ପାଣି ପହଞ୍ଚି ପାରୁନଥିବାରୁ ଓଡ଼ିଶାରେ ଜମି ପଡ଼ିଆ । କଥାଟା ଟିକେ ଅଡୁଆ ଲାଗୁଥିଲେ ବି ନିହାତି ସତ । ଆମେ କହୁଛୁ ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଅଞ୍ଚଳର କଥା । ରାୟଗଡ଼ା ଜିଲ୍ଲାରୁ ବର୍ଷ ବର୍ଷ ଧରି ଆନ୍ଧ୍ର ପ୍ରଦେଶ ଆଡ଼କୁ ବହି ଯାଉଛି ଚିରସ୍ରୋତା କୁଣ୍ଡମ ନାଳର ପାଣି । ସେଇ ନାଳରେ ଓଡ଼ିଶାର ଖିଜଲିଂଠାରେ ଆଡ଼ିବନ୍ଧ ନିର୍ମାଣ କରି ନିଜ ଅଞ୍ଚଳ ଅର୍ଥାତ ପାର୍ବତୀପୁରମ୍ ମାନ୍ୟମ ଜିଲ୍ଲା ଲାଡ଼ା ଗାଁର ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେଇଛନ୍ତି ଆନ୍ଧ୍ର ସରକାର । ଫଳରେ ବର୍ଷକ ୧୨ ମାସ ଏଠି ଚାଷୀର କ୍ଷେତ ସବୁଜ ସୁନ୍ଦର । ଓଡ଼ିଶାରୁ ପାଣି ନେଇ ପଡ଼ୋଶୀ ରାଜ୍ୟର ଚାଷୀ ଫଳାଇ ପାରୁଛନ୍ତି ଭଳିକି ଭଳି ଅର୍ଥକାରୀ ଫସଲ । ହେଲେ ଏପଟେ ଓଡ଼ିଶା ସୀମାରେ ଚାଷ ଜମି ପଡ଼ିଆ ପଡ଼ିଛି । କାରଣ ସେଇ କୁଣ୍ଡମ୍ ନାଳରେ ଓଡ଼ିଶା ସରକାର ଚେକ୍ ?ଡ୍ୟାମ କରିଥିଲେ ବି ପାଣି କିନ୍ତୁ ଚାଷ ଜମିକୁ ଆସି ପାରୁନି । ଫଳରେ ସେପଟ ଚାଷୀ ପାଣି ପାଇ ଖୁସ୍ ଆଉ ଏପଟ ଚାଷୀ ପାଣି ନପାଇ ଛଟପଟ । ରାୟଗଡ଼ା ଜିଲ୍ଲା ସଦର ବ୍ଲକର କୁଣ୍ଡମ ଓ ଗୌଡ଼ କୁଣ୍ଡମ୍ ଏବଂ ଅନ୍ୟ ଅଞ୍ଚଳର ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦେବାକୁ ୨୦୧୬-୧୭ ମସିହାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଚେକ୍ ଡ୍ୟାମ୍ ନିର୍ମାଣ କରିଥିଲେ ଓଡ଼ିଶା ସରକାର । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଏହି ଚେକ୍ ଡ୍ୟାମ୍ ନିର୍ମାଣ ବେଳେ ଏହାର ଡିଜାଇନକୁ ବିରୋଧ କରିଥିଲେ ଚାଷୀ । ଜମି ଉପରେ ଓ ଚେକଡ୍ୟାମ୍ ତଳିଆ ଅଂଚଳରେ ହେଲେ, ପାଣି ଜମିକୁ ଯିବନି ବୋଲି ଚେତାଇ ଦେଇଥିଲେ । କିନ୍ତୁ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରିନଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି । ସେପଟେ ଦୁଇ ଦୁଇଟି ଚେକ୍ ଡ୍ୟାମ୍ ହେବାର ୮ ବର୍ଷ ବିତି ଯାଇଥିଲେ ବି, ଏହାର ଉଦ୍ଦେଶ୍ୟ ପୂରଣ ହୋଇପାରିନି । ଅନ୍ୟପଟେ ଏ ସମ୍ପର୍କରେ ଭିନ୍ନ ମତ ଦେଇଛନ୍ତି ରାୟଗଡ଼ା କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ । ସେ କହିଛନ୍ତି ପ୍ରକଳ୍ପ ହୋଇଥିଲା ଉଠା ଜଳସେଚନ ଲାଗି । ତେବେ ଉଠା ଜଳସେଚନ ଲାଗି କୌଣସି ବ୍ୟବସ୍ଥା ନଥିବା ବେଳେ ଏଠି ଦୁଇଟି ଚେକ୍ ଡ୍ୟାମ୍ କାହା ସ୍ୱାର୍ଥରେ ହୋଇଥିଲା, ତାକୁ ନେଇ ଉଠିଛି ପ୍ରଶ୍ନ ।






ଭୁବନେଶ୍ୱର : ଉତ୍କଳ ମଣ୍ଡପରେ ପଶ୍ଚିମ ଓଡ଼ିଶା ଯୁବ ମଞ୍ଚପକ୍ଷରୁ ନୂଆଁଖାଇ ଭେଟ୍ ଘାଟ୍ ପାଳନ ଅବସରରେ ସମ୍ବଲପୁରୀ ନୃତ୍ୟ ପରିବେଶଣ । (ଫଟୋ : ସମ୍ବାଦ କଳିକା)

## ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ତ୍ରୈବାର୍ଷିକ ସମ୍ମିଳନୀ

# ନିଜ କାର୍ଯ୍ୟକ୍ଷେତ୍ରକୁ ଭଲ ପାଇବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଧାରଣ ଦୁର୍ବିପାକଠାରୁ ଆରମ୍ଭ କରି ଜମିବାଡ଼ି ସମ୍ବନ୍ଧୀୟ କାର୍ଯ୍ୟ, ପ୍ରମାଣପତ୍ର ପ୍ରଦାନ ଆଦି ବିଭିନ୍ନ କାର୍ଯ୍ୟ କରିବା କ୍ଷେତ୍ରରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି । ବିଭିନ୍ନ ରାଜସ୍ୱ ନୀତିନିୟମର ସଠିକ ଅନୁପାଳନ ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରି ଅଧିକାରୀମାନେ ନିଜ କର୍ତ୍ତବ୍ୟନିଷ୍ଠାର ପ୍ରମାଣ ଦେଇଆସିଛନ୍ତି । ତେବେ ନିଷ୍ଠା ଏବଂ କର୍ମକ୍ଷେତ୍ରକୁ ଭଲ ପାଇବା ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସ୍ଥାନୀୟ ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନରେ ଆୟୋଜିତ ଅଷ୍ଟାଦଶ ତ୍ରୈବାର୍ଷିକ ସମ୍ମିଳନୀ-୨୦୨୪ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ରାଜ୍ୟର ରାଜସ୍ୱ ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମ ସରକାର ଶାସନଭାର ଗ୍ରହଣ କରିବା ପରେ ଅନେକ ଜନକଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି । ପୂର୍ବରୁ ପ୍ରଚଳିତ ଅନେକ ଆଇନରେ ସରଳୀକରଣ ନେଇ ରାଜ୍ୟ ସରକାର ଯୋଜନା କରୁଥିବାବେଳେ ରାଜସ୍ୱ ବିଭାଗରେ ଥିବା ବିଭିନ୍ନ ଆଇନର ସରଳୀକରଣ ସହ ଏହା କିପରି ଜନହିତକର ହୋଇପାରିବ ସେଥି ନେଇ ସରକାର ପ୍ରୟାସ ଜାରି ରଖିଛନ୍ତି । ଆଗାମୀ ୨୦୩୬ ମସିହାରେ ଆମ ରାଜ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରୁଥିବାବେଳେ ସମଗ୍ର ଭାରତବର୍ଷରେ ଓଡ଼ିଶାକୁ ସବୁ କ୍ଷେତ୍ରରେ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମକୁ ଉଦ୍ୟମ କରିବାକୁ ପଡ଼ିବ । ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ରାଜ୍ୟ ସରକାରଙ୍କ ହାତମୁଠାକୁ ଟାଣ କରିବେ । ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ବିଭିନ୍ନ ସମସ୍ୟାର ଏକ ସ୍ଥାୟୀ ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯିବ ବୋଲି ଏହି ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ ।

## ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୩୯ତମ ବାର୍ଷିକ ସାଧାରଣ ଅଧିବେଶନ

# ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ କର୍ମଚାରୀଙ୍କ ସହଯୋଗ ଲୋଡ଼ିଲେ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୩୯ତମ ବାର୍ଷିକ ସାଧାରଣ ଅଧିବେଶନ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ଅଧିବେଶନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିବା ସହ ଖାଲି ପଡ଼ିଥିବା ପଦବୀ ପୂରଣ, ଲାବୋରେଟୋରୀଗୁଡ଼ିକର ଆଧୁନିକୀକରଣ ଓ ଅନ୍ୟାନ୍ୟ ଦାବି ଉପରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ । ରାଜ୍ୟରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ବୈଧମାପ ବିଜ୍ଞାନ ବିଭାଗକୁ ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ସହ ବିଭିନ୍ନ ସମୟରେ ଯାଂଚ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିୟନ୍ତ୍ରକ, ବୈଧମାପ ବିଜ୍ଞାନ ସନ୍ତୋଷ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅଧିବେଶନରେ ରାଜ୍ୟର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ । ମଂଚାସୀନ ଅତିଥି ଭାବେ ଅତିରିକ୍ତ ନିୟନ୍ତ୍ରକ ଶ୍ରୀ ତ୍ରିଲୋଚନ ଦାଶ, ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ଶ୍ରୀ ହରିଶଙ୍କର ପଟ୍ଟନାୟକ ଉପସ୍ଥିତ ସଭ୍ୟମାନଙ୍କୁ ଅଧିକ କାର୍ଯ୍ୟଦକ୍ଷତାର ସହ କର୍ତ୍ତବ୍ୟ ସଂପାଦନ ପାଇଁ ପରାମର୍ଶ ଦେଇଥିଲେ । ସଂଘର ସଭାନେତ୍ରୀ ଶ୍ରୀମତୀ ସାଗରିକା ସାବତ୍ ଏବଂ ସାଧାରଣ ସଂପାଦକ ରାଜକିଶୋର ମଲ୍ଲିକ ମନ୍ତ୍ରୀଙ୍କ ନିକଟରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଉପନିୟନ୍ତ୍ରକ ଶ୍ରୀ ପ୍ରିୟବ୍ରତ ଜେନା ମଂଚ ପରିଚାଳନା କରିଥିଲେ । ସଂଘର ପୂର୍ବତନ ସଭାପତି ଶ୍ରୀ ରବିନ୍ଦ୍ର କୁମାର ମହାପାତ୍ର ତଥା ପୂର୍ବତନ ସାଧାରଣ ସଂପାଦକ ପ୍ରଦୋଷ ହରିଚନ୍ଦନ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅଧିବେଶନକୁ ସଫଳ କରିବାରେ ଉତ୍କଳ କେଶରୀ ମହାନ୍ତି ଓ ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ଭୁବନେଶ୍ୱର
୩୦ ସେପ୍ଟେମ୍ବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଯାଜପୁର ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଜଣେ ବ୍ୟକ୍ତିଙ୍କ ଘରେ ମଧ୍ୟାହ୍ନ ଭୋଜନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

# ସୂର୍ଯ୍ୟମନ୍ଦିର ବୁଲିଲେ ଆମେରିକା ରାଷ୍ଟ୍ରଦୂତ : ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା

**କୋଣାର୍କ, ୨୯।୧୦ ନ୍ୟୁଜ ବ୍ୟୁରୋ**

ରବିବାର ପୂର୍ବାହ୍ନରେ କଡ଼ା ସୁରକ୍ଷା ବଳୟରେ ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାରସେଟି ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ । ଏଠାରେ ପହଞ୍ଚିବା ପରେ ପ୍ରଥମେ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇଥିଲେ ଗାଇଡ୍ ବିଶେଶ୍ୱର ଦାଶ । ଏଥିସହ ଏରିକ୍ ଗାରସେଟିଙ୍କୁ ମନ୍ଦିର ପରିସର ବୁଲି ଦେଖାଇଥିଲେ । ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ଗୁଡ଼ିକୁ ଟିକ୍‌ନିଖ୍ ଭାବେ ବୁଲି ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଥିଲେ ରାଷ୍ଟ୍ରଦୂତ। ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ସମୟରେ ନିମାପଡ଼ା ଏସଡିପିଓ ପ୍ରଭାତ ମଲ୍ଲିକ୍, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଆମେରିକା ରାଷ୍ଟ୍ରଦୂତଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



# ଦେଶରେ ୫ ଶହ ଇଭି ଚାର୍ଜିଂ ସେଣ୍ଟରର ଶୁଭାରମ୍ଭ କଲେ ମୋଦି




**ନୂଆଦିଲ୍ଲୀ, ୨୯/୯**

ଦେଶରେ ବୈଦ୍ୟୁତିକ ଯାନ ସଂଖ୍ୟା ବୃଦ୍ଧି କରିବା କ୍ଷେତ୍ରରେ ଭାରତ ସରକାର ନିରନ୍ତର ପଦକ୍ଷେପ ନେଉଛନ୍ତି । ଏଥିପାଇଁ ସରକାର ବୈଦ୍ୟୁତିକ ଯାନ କ୍ରୟ ଉପରେ ମଧ ରିହାତି ଦେଉଛନ୍ତି । କିନ୍ତୁ ଏକ ବୈଦ୍ୟୁତିକ ଯାନ କିଣିବା ପୂର୍ବରୁ, ଲୋକଙ୍କ ମନରେ ଏହି ଯାନ ଗୁଡ଼ିକର ଚାର୍ଜ କରିବାକୁ ନେଇ ଅନେକ ପ୍ରଶ୍ନ ରହୁଛି । ଆଉ ଏହି ସମୟରେ ପ୍ରଧାନମନ୍ତ୍ରୀ ଦେଶରେ ୫୦୦ ନୂତନ ଚାର୍ଜିଂ ଷ୍ଟେସନ୍ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମହାରାଷ୍ଟ୍ର ରାଜ୍ୟର ପୁଣେ ସହରରେ ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ କରିଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ଗ୍ରୀନ୍ ଏନର୍ଜୀ କ୍ଷେତ୍ରରେ ଇଭି ଚାର୍ଜିଂ ଷ୍ଟେସନ ଏବଂ ଏଲଏନଜି ଷ୍ଟେସନ ମଧ ଆରମ୍ଭ କରିଛନ୍ତି । ପୁଣେରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ଭାରତ ସରକାର କୋଟି କୋଟି ଟଙ୍କାର ଯୋଜନା ଆରମ୍ଭ କରିଛନ୍ତି । ପିଏମ ମୋଦି ଦେଶରେ ୫୦୦ଟି ନୂଆ ଇଭି ଚାର୍ଜିଂ ଷ୍ଟେସନ ଶୁଭାରମ୍ଭ କରିଛନ୍ତି । ଏଥି ସହିତ, ଭାରତ ସରକାର ୨୦୨୫ ସୁଦ୍ଧା ଦେଶରେ ୧୦ ହଜାର ଇଭି ଚାର୍ଜିଂ ଷ୍ଟେସନସ୍ଥାପନ କରିବାର ଲକ୍ଷ୍ୟ ସ୍ଥିର କରିଛନ୍ତି, ଯେଉଁଥି ପାଇଁ ୧୫୦୦ କୋଟି ଟଙ୍କା ରଖାଯାଇଛି । ଏହା ସହିତ ପ୍ରଧାନମନ୍ତ୍ରୀ ଦେଶରେ ୨୦ଟି ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଷ୍ଟେସନ ମଧ ଆରମ୍ଭ କରିଛନ୍ତି, ସେଥିମଧ୍ୟରୁ ତିନୋଟି ମହାରାଷ୍ଟ୍ରରେ ସ୍ଥାପନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ପୁଣେରେ ମେଟ୍ରୋ ରେଳ ପ୍ରକଳ୍ପର ନେଟୱାର୍କକୁ ବିସ୍ତାର କରିଛନ୍ତି। ଏହି ପ୍ରକଳ୍ପ ଅଧୀନରେ ୯ଟି ନୂତନ ଷ୍ଟେସନକୁ ସମ୍ପ୍ରସାରିତ କରାଯାଇଛି । ଏହା ସହିତ ସୋଲାପୁର ବିମାନବନ୍ଦରର ଉଦ୍‌ଘାଟନ କରାଯାଇଛି ।

## ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ

# ଅଚ୍ୟୁତ ସାମନ୍ତ ଜାତୀୟସ୍ତରରେ ସମ୍ମାନୀତ




**ଭୁବନେଶ୍ୱର,୨୯ ।୯ ନ୍ୟୁଜ ବ୍ୟୁରୋ**

କିଟ୍, କିସ୍ ଓ କିମ୍‌ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଆସୋସିଏସନ୍ ଅଫ୍ ହେଲ୍‌ଥକେୟାର ପ୍ରୋଭାଇଡର୍ସ (ଏଏଚ୍‌ପିଆଇ) ଇଣ୍ଡିଆ ପକ୍ଷରୁ ସମ୍ମାନଜନକ ଆଇକନିକ ହେଲ୍‌ଥକେୟାର ଲିଡର ସମ୍ମାନ ପ୍ରଦାନ କରାଯାଇଛି । ରବିବାର ଚେନ୍ନାଇଠାରେ ଅନୁଷ୍ଠିତ ଦ୍ୱିତୀୟ ଏଏଚ୍‌ପିଆଇ ଲିଡରସିପ୍ ଅଧିବେଶନରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଏଚ୍‌ପିଆଇ ପକ୍ଷରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଦାହରଣୀୟ କାର୍ଯ୍ୟ କରିଥିବା ଭାରତୀୟ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏଏଚ୍‌ପିଆଇ ପକ୍ଷରୁ ଦୁଇ ଜଣଙ୍କୁ ସମ୍ମାନୀତ କରାଯାଇଛି । ଡ. ଅଚ୍ୟୁତ ସାମନ୍ତଙ୍କ ବ୍ୟତୀତ ଆପୋଲୋ ଗ୍ରୁପ୍ ଅଧ୍ୟକ୍ଷ ଡା. ପ୍ରତାପ ରେଡ୍ଡିଙ୍କୁ ଆଇକନିକ ଲିଡର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପାଇବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟ କରିବାକୁ ଉତ୍ସାହ ମିଳିଥାଏ ବୋଲି ଡ. ସାମନ୍ତ କହିବା ସହ ଏଏଚ୍‌ପିଆଇକୁ ଧନ୍ୟବାଦ ଜଣାଇଛନ୍ତି । ଏହା ସହିତ ତାଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଥିବାରୁ ଚୟନ କମିଟି ମୁଖ୍ୟ ଡା. ବିଜୟ ଅଗ୍ରୱାଲ ଓ ଏଏଚ୍‌ପିଆଇ ମହାନିର୍ଦ୍ଦେଶକ ଡା. ଗିରିଧର ଜ୍ଞାନୀଙ୍କୁ ଡ. ସାମନ୍ତ ନିଜର କୃତଜ୍ଞତା ଜଣାଇଛନ୍ତି ।

# ଡାକ୍ତରଙ୍କ ଲାଗି ଜାରି ହେବ ନୂଆ ଗାଇଡଲାଇନ

**ନୂଆଦିଲ୍ଲୀ ୨୯।୯**

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ ଅର୍ଥାତ ଅସାଧ୍ୟ ରୂପେ ବେମାର ରୋଗୀଙ୍କ ଜୀବନ ରକ୍ଷକ ପ୍ରଣାଳୀ ହଟାଇବା ନେଇ ନୂଆ ଦିଶାନିର୍ଦ୍ଦେଶ ଚିଠା ପ୍ରସ୍ତାବ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ଡାକ୍ତରଙ୍କୁ କିଛି ସର୍ତ୍ତ ଧ୍ୟାନରେ ରଖି ତଥା ବହୁତ ବୁଝି ବିଚାରି ରୋଗୀଙ୍କ ଲାଇଫ ସପୋର୍ଟ ହଟାଯିବ କି ନା ନିଷ୍ପତ୍ତି ନେବାକୁ ପଡିବ। ଏଥିରେ ରୋଗୀ ଅଥବା ତାଙ୍କ ପରିଜନଙ୍କ ଦ୍ୱାରା ଲିଖିତ ରୂପେ କରାଯାଇଥିବା ଅସ୍ୱୀକାରକୁ ବି ସାମିଲ କରାଯାଇଛି। ଦୁଃସାଧ୍ୟ ରୋଗରେ ପୀଡ଼ିତ ରୋଗୀଙ୍କ ଲାଇଫ ସପୋର୍ଟ ହଟିବ କି ନାହିଁ ଏ ନେଇ ଜାରି ଗାଇଡଲାଇନରେ ୪ଟି ସର୍ତ୍ତ ରଖାଯାଇଛି। ଏହି ସର୍ତ୍ତଗୁଡିକ ଆଧାରରେ ଏହା ନିଷ୍ପତ୍ତି ନିଆଯାଇ ପାରିବ ଜୀବନ ରକ୍ଷକ ପ୍ରଣାଳୀକୁ ରୋକିବା ରୋଗୀଙ୍କ ହିତରେ ଉଚିତ କି ଅନୁଚିତ ହେବ। ଏହା ସେବେ କରାଯାଇ ପାରିବ ଯେତେବେଳେ ଅସାଧ୍ୟ ରୋଗରେ ସଂଗ୍ରାମ କରୁଥିବା ରୋଗୀଙ୍କୁ ଲାଇଫ ସପୋର୍ଟରୁ କୌଣସି ଲାଭ ମିଳିବାର ସମ୍ଭାବନା ନଥିବ। ନଚେତ ଜୀବନ ରକ୍ଷକ ପ୍ରଣାଳୀରେ ରଖିଲେ ରୋଗୀର ଯନ୍ତ୍ରଣା ବଢୁଥିବ, ତେବେ ଏହି ସପୋର୍ଟକୁ ହଟାଯାଇ ପାରିବ। ସ୍ୱାସ୍ଥ୍ୟ ବିଭାଗ ଏହି ଚିଠା ପ୍ରସ୍ତାବ ଲାଗି ଅକ୍ଟୋବର ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପକ୍ଷକାରଙ୍କ ପ୍ରତିକ୍ରିୟା ଓ ପରାମର୍ଶ ଆମନ୍ତ୍ରିତ କରିଛନ୍ତି। ତେବେ ମେଡିକାଲ ଫାଟର୍ନିଟି ଏହି ଚିଠାପ୍ରସ୍ତାବକୁ ସ୍ୱାଗତ କରି ନାହିଁ। ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ) ଅଧ୍ୟକ୍ଷ ଡା. ଆର.ଭି. ଅଶୋକନ କହିଛନ୍ତି ଯେ ଏହା ଡାକ୍ତରଙ୍କୁ ଆଇନଗତ ଯାଞ୍ଚ ଅଧିନକୁ ଆଣିବ ଓ ସେମାନଙ୍କ ଚିନ୍ତା ବଢାଇବ। ଲାଇଫ ସପୋର୍ଟ ହଟାଇବା ପାଇଁ ଯାହା ପ୍ରଥମ ସର୍ତ୍ତ ରହିଛି ତାହା ହେଉଛି ଯଦି ରୋଗୀ ବ୍ରେନଷ୍ଟେମ ଡେଡ ଘୋଷିତ ହୋଇ ସାରିଥିବେ। ସେହିପରି ଦ୍ୱିତୀୟ ସର୍ତ୍ତଟି ହେଉଛି ଯଦି ଡାକ୍ତର ବିଚାର କରୁଥିବେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଓ ଚିକିତ୍ସାରୁ ସେପରି କୌଣସି ଫଳ ମିଳିବାର ସମ୍ଭାବନା ନାହିଁ। ସେହିପରି ରୋଗୀଙ୍କ ପରିଜନ ଯଦି ରୋଗୀଙ୍କୁ ଅଧିକ ସମୟ ଲାଇଫ ସପୋର୍ଟରେ ରଖିବାକୁ ଚାହୁଁ ନଥିବେ। ଏହା ଛଡା ଚତୁର୍ଥ ସର୍ତ୍ତଟି ହେଉଛି ଲାଇଫ ସପୋର୍ଟ ହଟାଇବାର ପ୍ରକ୍ରିୟା ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ଦ୍ଧାରିତ ଗାଇଡଲାଇନ ଅନୁସାରେ କରାଯାଇ ପାରିବ।

# ଡିପ୍‌ଥେରିଆରେ ଛାତ୍ର ମୃତ : ପରିସ୍ଥିତି ଅନୁଧ୍ୟାନ କଲେ ଡାକ୍ତରୀ ଟିମ୍

**ମାଲକାନଗିରି/କାଲିମେଲା, ୨୯/୯ ନ୍ୟୁଜ ବ୍ୟୁରୋ**



କୋରାପୁଟ, ରାୟଗଡା ଜିଲ୍ଲା ପରେ ଏବେ ମାଲକାନଗିରି ଜିଲ୍ଲା ରେ ପହଞ୍ଚିଛି ଡିପଥେରିଆ ରୋଗ। ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକସ୍ଥ ଚିତ୍ରାଙ୍ଗପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ରୋଗରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସେହିପରି ଅନ୍ୟଜଣେ ଛାତ୍ରଙ୍କ ପଜେଟିଭ ରିପୋର୍ଟ ଜଣା ପଡିବା ପରେ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ନିମନ୍ତେ ପଠା ଯାଇଛି। ଚିତ୍ରାଙ୍ଗପଲ୍ଲୀ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଶିବୁ ମାଡକାମୀ ଥଣ୍ଡା ଜ୍ୱର କାଶ, ଗଳା ବ୍ୟଥା ହେବାରୁ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ସହିଦ ଲକ୍ଷଣ ନାୟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା । ସେଠାରେ ଗତ ୧୯ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଚଳିତ ମାସ ୨୦ ତାରିଖରେ ସେହି ବିଦ୍ୟାଳୟର ପୁଣି ୩ ଜଣଙ୍କୁ ଜ୍ୱର ହେବାରୁ ସେମାନଙ୍କୁ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ନମୂନା ସଂଗ୍ରହ କରି ଡିପଥେରିଆ ପରୀକ୍ଷା ପାଇଁ ପଠା ଯାଇଥିଲା। ତେବେ ଏହି ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଥିବା ବେଳେ ପିଙ୍କୁ ମାଢି ନାମକ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣା ପଡିଥିଲା। ଯାହାପରେ ପିଙ୍କୁକୁ ମଧ କୋରାପୁଟ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ଓ ଚିକିତ୍ସା ଜାରି ରହିଛି। ଏହାପରେ ସେହି ବିଦ୍ୟାଳୟର ଅନେକ ଛାତ୍ର ଛାତ୍ରୀ ଜ୍ୱର କାଶ ସହ ଶରୀର ଅସୁସ୍ଥ ହେବାରୁ ମୋଟ ୧୦ଜଣଙ୍କ ନମୁନା ସଂଗ୍ରହ କରି କୋରାପୁଟ ପରୀକ୍ଷା ପାଇଁ ପଠା ଯାଇଥିବା ବେଳେ ସେମାନେ ବର୍ତ୍ତମାନ କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିସାଧୀନ ଅଛନ୍ତି । ପରୀକ୍ଷା ରିପୋର୍ଟ ଆସି ନଥିବା ଜଣା ପଡିଛି। ସେହିପରି ରବିବାର ୪ ଜଣ ଝିଅ ଓ ୪ଜଣ ପୁଅ ମୋଟ ୮ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠା ଯାଇଛି। ଗ୍ରାମବାସୀମାନେ ଭୟଭୀତ ହୋଇ ବିଦ୍ୟାଳୟକୁ ପାଠ ପଢିବା ପାଇଁ ନିଜ ପିଲାମାନଙ୍କୁ ଛାଡୁନାହାନ୍ତି, ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ପାଠ ପଢା ବନ୍ଦ ରହିଛି। ତେବେ ଏହି ଘଟଣା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଏକ ଇମ୍ୟୁନାଇଜେସନ ବିଶେଷଜ୍ଞ ଟିମ୍‌ଙ୍କ ସହିତ ଡାକ୍ତର ଦୁର୍ଗା ପ୍ରସାଦ ରାଜ, କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାଃ. ଦୀନବନ୍ଧୁ ମହାନନ୍ଦ ଓ ଅନ୍ୟାନ୍ୟ ଡାକ୍ତରୀ ଦଳ ଚିତ୍ରାଙ୍ଗପାଲୀ ଆବାସିକ ବିଦ୍ୟାଳୟରେ ପହଞ୍ଚି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର କରି ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଭେକସିନ ଦେବା କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ଏହି ଟିମ୍। ଏହି ଡିପଥେରିଆ ଯୋଗୁଁ ଜଣଙ୍କ ମୃତ୍ୟୁ ପରେ ସ୍ଥିତିକୁ ଆୟତ୍ତରେ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରରହିଛି । ଯୁଦ୍ଧ କାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି । ରବିବାର ରାଜ୍ୟସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଠାରୁ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ସେ ଗାଁକୁ ଯାଇ ପରିସ୍ଥିତ ଅନୁଧ୍ୟାନ କରିଛନ୍ତି। ଲଗାତର ବର୍ଷା ହେବାରୁ ଛୋଟ ଛୋଟ ପିଲାମାନଙ୍କୁ ଜ୍ୱର ଥଣ୍ଡା, କାଶ ଆରମ୍ଭ ହୋଇଛି, ଏହା ଚିକିତ୍ସା ହେଲେ କମିଯିବ, ଗ୍ରାମବାସୀମାନେ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ, ଚିକିତ୍ସା ଓ ଔଷଧ ଏବଂ ଟୀକା ଦ୍ୱାରା ଏହାକୁ ମୂଳପୋଛ କରାଯାଇପାରିବ। ରୋଗୀ ଚିହ୍ନଟ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀମାନେ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ କରୁଥିବା ବେଳେ ବର୍ତ୍ତମାନ ସ୍ଥିତି ଆୟତ ହୋଇଥିବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର କହିଛନ୍ତି।

# ଅଣ ବାସମତି ଚାଉଳ ରପ୍ତାନି ଉପରୁ ହଟିଲା କଟକଣା

**ଭୁବନେଶ୍ୱର,୨୯।୯ ନ୍ୟୁଜ ବ୍ୟୁରୋ**

ଅଣ ବାସମତି ଚାଉଳ ରପ୍ତାନି ଉପରେ କେନ୍ଦ୍ର ସରକାର ଲଗାଇଥିବା କଟକଣା ହଟାଇଦିଆଯାଇଛି। ତେବେ ଟନ୍ ପିଛା ସର୍ବନିମ୍ନ ରପ୍ତାନି ମୂଲ୍ୟ (ଏମ୍‌ଇପି) ୪୯୦ ଡଲାର ଲାଗୁ କରାଯାଇଛି। ଘରୋଇ ଯୋଗାଣ ବଢ଼ାଇବା ପାଇଁ ୨୦୨୩ ଜୁଲାଇ ୨୦ରେ ଅଣ ବାସମତି ଚାଉଳ ରପ୍ତାନି ଉପରେ କଟକଣା ଲଗାଯାଇଥିଲା। ଅଣ-ବାସମତି ଧଳା ଚାଉଳ କ୍ଷେତ୍ରରେ ରପ୍ତାନି ନୀତିରେ ସଂଶୋଧନ କରାଯାଇଥିବା ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ଏକ ବିଜ୍ଞପ୍ତିରେ କହିଛି। ଏହାସହ ସରକାର ଉଷୁନା ଚାଉଳ ଉପରେ ରପ୍ତାନି ଶୁଳ୍କକୁ ୨୦% ରୁ ୧୦% କୁ ହ୍ରାସ କରିବାକୁ ଘୋଷଣା କରିଛନ୍ତି। ଆସନ୍ତା ସପ୍ତାହରେ କୃଷକମାନେ ନୂତନ ଫସଲ ଅମଳ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହି ନିଷ୍ପତ୍ତି ନିଆଯାଇଛି। ରପ୍ତାନି ଶୁଳ୍କ ହ୍ରାସ ଭାରତର ରପ୍ତାନି ମୂଲ୍ୟ ହ୍ରାସ କରିବା ସହ ପରିବହନ ପରିମାଣ ବୃଦ୍ଧି କରିବ ଏବଂ ଥାଇଲାଣ୍ଡ, ଭିଏତ୍‌ନାମ, ପାକିସ୍ତାନ ଏବଂ ମ୍ୟାନ୍‌ମାର ଭଳି ପ୍ରତିଦ୍ୱନ୍ଦ୍ୱୀ ଦେଶକୁ ମଧ ଏହାର ମୂଲ୍ୟ ହ୍ରାସ କରିବାକୁ ବାଧ କରିବ ବୋଲି ଆଶା କରାଯାଉଛି। ୨୦୨୩ ମସିହାରେ ଭାରତ ସାଧାରଣ ବୃଷ୍ଟିପାତ ହେତୁ ଫସଲ ନଷ୍ଟ ଯୋଗୁ ଉଷୁନା ଚାଉଳ ଉପରେ ୨୦% ରପ୍ତାନି ଶୁଳ୍କ ଲାଗୁ କରିଥିଲା। ବ୍ରାଉନ ରାଇସ୍ ଏବଂ ଧାନ ଉପରେ ରପ୍ତାନି ଶୁଳ୍କକୁ ୧୦% କୁ ହ୍ରାସ କରିବାକୁ ସରକାର ନିକଟରେ ଘୋଷଣା କରିଛନ୍ତି ଏବଂ ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି।

# ଆନ୍ଧ୍ର ଗାଡିରେ ଓଡ଼ିଶା ନମ୍ବର ଲଗାଇ ବିକ୍ରି ଉଦ୍ୟମ : ୧୯ ବାଇକ ଜବତ

**ପାରଳାଖେମୁଣ୍ଡି, ୨୯/୯ ନ୍ୟୁଜ ବ୍ୟୁରୋ**

ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାରୁ ଚୋରି ହୋଇଥିବା ୧୯ଟି ବାଇକ୍ ଜବତ କରିଛି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ। ଏହା ସହିତ ଏଥିରେ ସାମିଲ ଜଣେ ଚୋରକୁ ପୁଲିସ ଗିରଫ କରିଥିବା ବେଳେ ଆଉ ଜଣେ ଫେରାର ଅଛି। ଗିରଫ ଅଭିଯୁକ୍ତର ନାଁ ରଘୁ ପ୍ରଧାନ (୨୯)। ତାଙ୍କ ଘର ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ପଲାସା ଥାନା ଅଞ୍ଚଳରେ। ପୁଲିସ ଜବତ କରିଥିବା ୧୯ଟି ଦୁଇ ଚକିଆ ଗାଡ଼ି ମଧ୍ୟରେ ରହିଛି ୭ଟି ରୟାଲ ଏନ୍‌ଫିଲ୍ଡ ବୁଲେଟ, ଗୋଟିଏ କେଟିଏମ୍, ୬ଟି ପଲସର, ୨ଟି ଆପାଚୀ ଓ ୩ଟି ୟାମାହା କମ୍ପାନୀର ଦାମୀ ବାଇକ। ଏହି ୧୯ଟି ଗାଡ଼ିରୁ ୧୮ଟି ହେଉଛି ଆନ୍ଧ୍ର ପ୍ରଦେଶର ଓ ଗୋଟିଏ ଓଡ଼ିଶାର। ଚୋରମାନେ ଆନ୍ଧ୍ର ପ୍ରଦେଶରୁ ବାଇକ୍ ଚୋରି କରି ପାରଳାଖେମୁଣ୍ଡି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୁଚାଇ ରଖିଥିଲେ ଓ ବିକ୍ରି ଯୋଜନା ରଖି ବିଭିନ୍ନ ଲୋକଙ୍କ ସହ ମୂଲଚାଲ ଚଲାଇଥିଲେ। ହେଲେ ସେଗୁଡ଼ିକୁ ବିକ୍ରି କରିବା ପୂର୍ବରୁ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ହାତରେ ଧରାପଡ଼ିଥିଲା ଚୋର। ପୁଲିସ୍ ଫେରାର ଥିବା ଆଉ ଜଣେ ଅଭିଯୁକ୍ତକୁ ଧରିବାକୁ ପ୍ରୟାସ ଜାରି ରଖିଛି।

# ଶହେ କୋଟିରୁ ଅଧିକ ପ୍ରକଳ୍ପର ସମୀକ୍ଷା କଲେ ନୋଡାଲ ଅଧିକାରୀ

**ଭୁବନେଶ୍ୱର, ୨୯/୯ ନ୍ୟୁଜ ବ୍ୟୁରୋ**

ବିଜେପି ସରକାରର ଫୋକସରେ ଏବେ କୋରାପୁଟ ଜିଲ୍ଲା। ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଛି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬୫୦ଶଯ୍ୟା ବିଶିଷ୍ଟ ମେଡିକାଲ ଗୃହ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଛନ୍ତି ଆକାଂକ୍ଷା ଜିଲ୍ଲା ନୋଡାଲ ଅଧିକାରୀ ଚିତ୍ରା ମୁରଗଂମ। ତାଙ୍କ ସହ ଜିଲ୍ଲାପାଳ କୀର୍ତ୍ତୀ ବାସନ ମଧ ସାମିଲ ଥିଲେ। କୋରାପୁଟରେ ବିକାଶ ପାଇଁ ନୂଆ ସରକାରଙ୍କ ପଦକ୍ଷେପ ଆରମ୍ଭ ହୋଇଛି । ସେପଟେ ଜୟପୁରରେ ନିର୍ମାଣଧୀନ ସଦର ମହକୁମା ହସପିଟାଲ, ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁଭଦ୍ରା, ପିଏମ କିଷାନ, ସିଏମ କିଷାନ, ପୋଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା, ପେନସନ ପ୍ରଭୃତି ଉପରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକ ପରେ ନୋଡାଲ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ନୋଡାଲ ଅଧିକାରୀଙ୍କ ପରିଦର୍ଶନ ସମୟରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରକାଶ ଅପେକ୍ଷାରେ...

'କଥାକଳିକା': ମହାପୂଜା ସଂଖ୍ୟା-୨୦୨୪




ଏଥର ସଂଖ୍ୟାରେ ଆମର ଗାଳ୍ପିକ...

**ସ୍ମରଣୀୟ କଥା :** ପ୍ରଶାନ୍ତ ନନ୍ଦ, ଭାସ୍କର ଜେନା।

**ସମକାଳର କଥା :** ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ରଂଜନ କୁମାର ଦାସ, ପୁଷ୍ପାଞ୍ଜଳି କର, ପ୍ରତାପ ବିଶ୍ୱାଳ, ବିଭାଷ କାନୁନ୍‌ଗୋ, ଗଙ୍ଗାଧର ବିଶ୍ୱାଳ, ସୋମା ଚାନ୍ଦ, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବନ୍ଦନା ପଣ୍ଡା, ସୁଜାତା ମହାପାତ୍ର, ଭାନୁମତୀ ସାହୁ, ଅଜୟ ମହାପାତ୍ର, ଅଜୟ ମହାପାତ୍ର, ଲକ୍ଷ୍ମୀ ଚାନ୍ଦ, ବିଜନବାଳା ପାଟଯୋଶୀ।

**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ।

**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଶରତ କୁମାର ନାୟକ, ସୁନାକର ସାହୁ, ପ୍ରକାଶ କୁମାର ସାହୁ, ସୁନୀତା କର, ଲଲାଟେନ୍ଦୁ ସାହୁ, ସରୋଜ କୁମାର ମହାନ୍ତି, ବିରେଶ୍ୱର ମହାନ୍ତି, ପ୍ରଫୁଲ୍ଲ ବାରିକ, ସରୋଜ କୁମାର ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| | |
|---|---|
| ଯୋଗାଯୋଗ କରନ୍ତୁ<br>ପ୍ରସାର ପରିଚାଳକ 'କଥାକଳିକା'<br>କୋଡ୍ ନଂ - (୦୬୭୪)<br>୨୫୪୧୪୪୮, ୨୫୪୫୦୪୬,<br>ଫାକ୍ସ : ୨୫୪୫୬୬୮<br>E-mail: kathakalika@gmail.com | ପୃଷ୍ଠା-୧୪୪ ଏ ସଂଖ୍ୟାର ମୂଲ୍ୟ ୧୨୦ ଟଙ୍କା ମାତ୍ର<br>'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।<br>କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |

# ବର୍ଷକୁ ୧୪% ହାରରେ ବଢୁଛି ମେଡିକାଲ ବିଲ୍

**ନୂଆଦିଲ୍ଲୀ,୨୯/୯**

➥ ଖର୍ଚ୍ଚର ୨୩% କରଜ କରି ଭରଣା କରୁଛନ୍ତି ଭାରତୀୟ

➥ ୨୦୨୦ରୁ ୨୦୨୪ ମଧ୍ୟରେ କ୍ୟାନ୍ସର ମାମଲା ୧୩% ବଢିଛି



ଦରଦାମ ବୃଦ୍ଧି ଭାରତୀୟଙ୍କ ନିଦ ହଜାଇଦେଲାଣି । ସବୁକିଛି ମହଙ୍ଗା । ଦରମା ସ୍ଥିର ଥିବାବେଳେ ଖର୍ଚ୍ଚ ବଢ଼ିଚାଲିଛି । ଖାଦ୍ୟସାମଗ୍ରୀ, ପନିପରିବା, ଇନ୍ଧନଠାରୁ ଆରମ୍ଭ କରି ସବୁକିଛି ପକେଟ୍‌କୁ ବାଧୁଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ସ୍ୱାସ୍ଥ୍ୟସେବା ଖର୍ଚ୍ଚ । ଚିକିତ୍ସା ଖର୍ଚ୍ଚରେ ବ୍ୟାଙ୍କ୍ ବାଲାନ୍ସ ସଫା ହୋଇଯାଉଛି । ବର୍ଷକୁ ବର୍ଷ ମେଡିକାଲ ବିଲ୍ ୧୪% ହାରରେ ବଢୁଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ସମ୍ପ୍ରତି ଜୀବନଶୈଳୀ ଯେଉଁଭଳି ଭାବେ ବଦଳୁଛି ନୂଆ ନୂଆ ରୋଗ ମନୁଷ୍ୟ ଶରୀରକୁ ମାଡ଼ିବସୁଛି । ଚିକିତ୍ସା ବିଲ୍ ଚଉଡ଼ା ହୋଇଚାଲିଥିବାବେଳେ ସାଧାରଣ ଲୋକଙ୍କ ପାଇଁ ଏ ବାବଦ ଖର୍ଚ୍ଚ ଉଠାଇବା କାଠିକର ପାଠ୍ ପାଲଟିଛି । ଆକୋ ଇଣ୍ଡିଆ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଇଣ୍ଡେକ୍ସ-୨୦୨୪ ଅନୁସାରେ, ଦୁଇଅଙ୍କ ମୁଦ୍ରାସ୍ଫୀତି ସ୍ୱାସ୍ଥ୍ୟସେବା ବାବଦ ଖର୍ଚ୍ଚକୁ ବହୁ ଗୁଣା କରିଛି । ରିପୋର୍ଟ ଅନୁସାରେ, ଲୋକେ କରଜ କରି ହସ୍ପିଟାଲ ଖର୍ଚ୍ଚର ୨୩% ଉଠାଉଛନ୍ତି । ଏହା ପରିବାରଗୁଡ଼ିକର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି । ୬୨% ଚିକିତ୍ସା ଖର୍ଚ୍ଚ ପକେଟରୁ ଯାଉଛି । ଅପ୍ରତ୍ୟାଶିତ ସ୍ୱାସ୍ଥ୍ୟ ସଂକଟରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଉନ୍ନତ ସ୍ୱାସ୍ଥ୍ୟ କଭରେଜର ଆବଶ୍ୟକତା ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ରିପୋର୍ଟ ଅନୁସାରେ, ଭାରତରେ କିଡ୍‌ନୀ ରୋଗ ପାଇଁ ସ୍ୱାସ୍ଥ୍ୟ ବୀମା କ୍ଲେମ୍ ଦିଲ୍ଲୀରେ ସର୍ବାଧିକ ରହିଛି। ଏହା ପଛକୁ ରହିଛି କୋଚି। କିଡ୍‌ନୀ ରୋଗର ରାଜଧାନୀ ହେଉଛି ଦିଲ୍ଲୀ। ଏହା ପଛକୁ କୋଚି ରହିଥିବା ରିପୋର୍ଟରେ କୁହାଯାଇଛି । କିଡ୍‌ନୀ ସ୍ୱାସ୍ଥ୍ୟ ସଂକ୍ରାନ୍ତ କ୍ଲେମ୍ କ୍ଷେତ୍ରରେ ଦିଲ୍ଲୀ ଏନ୍‌ସିଆରର ଭାଗ ସର୍ବାଧିକ ରହିଛି । କ୍ଲେମ୍ କ୍ଷେତ୍ରରେ କୋଚି, ସିକନ୍ଦରାବାଦ, ବେଙ୍ଗାଲୁରୁ ଏବଂ ଜୟପୁରର ସେୟାର ଜାତୀୟ ହାରାହାରି ତୁଳନାରେ ଅଧିକ ରହିଥିବା ଇଣ୍ଡେକ୍ସ ରିପୋର୍ଟରେ ଉଲ୍ଲେଖ କରାଯାଇଛି । କିଡ୍‌ନୀ ସମସ୍ୟା ରହିଥିବା ରୋଗୀମାନଙ୍କ ହାରାହାରି ବୟସ ୪୭ ରହିଛି । ସେହିଭଳି କିଡ୍‌ନୀଜନିତ ସମସ୍ୟା ପାଇଁ ସର୍ବାଧିକ ବିଲ୍ ୨୪,୭୩,୮୯୪ ଟଙ୍କାରେ ପହଞ୍ଚିଥିବା ଏଥିରେ କୁହାଯାଇଛି । କୋଲ୍‌କାତା ଏବଂ ମୁମ୍ବାଇରେ ହୃଦରୋଗ କ୍ଲେମ୍ ସର୍ବାଧିକ ରହିଛି । ବିଶେଷକରି ୩୧ରୁ ୫୦ ବର୍ଷ ବୟସ ମଧ୍ୟରେ ଏ ସମସ୍ୟା ଅଧିକ ରହୁଥିବା ଜଣାପଡ଼ିଛି । ମେଟ୍ରୋ ସହରଗୁଡ଼ିକ ମଧ୍ୟରେ ହୃଦ୍‌ଘାତ ମୁମ୍ବାଇରେ ଅଧିକ ହେଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ୨୦୨୦ରୁ ୨୦୨୪ ମଧ୍ୟରେ କ୍ୟାନ୍‌ସର ମାମଲା ୧୩% ବଢିଥିବା ଏଥିରେ କୁହାଯାଇଛି ।